অধ্যায় II

# ରାଜ୍ୟର ଆର୍ଥିକ ସ୍ଥିତି

## 2.1 ଆର୍ଥିକ ବର୍ଷ 2022-23 ତୁଳନାରେ ଆର୍ଥିକ ବର୍ଷ 2023-24 ରେ ମୂଳ ରାଜସ୍ୱ ସମଷ୍ଟିରେ ପ୍ରମୁଖ ପରିବର୍ତ୍ତନ

ଆର୍ଥିକ ବର୍ଷ 2023-24 ରେ ପୂର୍ବବର୍ଷ ତୁଳନାରେ ରାଜ୍ୟର ମୂଳ ରାଜସ୍ୱ ସମଷ୍ଟିରେ ପ୍ରମୁଖ ପରିବର୍ତ୍ତନ ଗୁଡ଼ିକ ଏକ ବିହଙ୍ଗାବଲୋକନ **ସାରଣୀ 2.1** ରେ ଦର୍ଶାଯାଇଛି ।

**ସାରଣୀ 2.1: ଆର୍ଥିକ ବର୍ଷ 2022-23 ତୁଳନାରେ ଆର୍ଥିକ ବର୍ଷ 2023-24 ରେ ମୂଳ ରାଜସ୍ୱ ସମଷ୍ଟିରେ ପରିବର୍ତ୍ତନ**

| | |
|---|---|
| **ରାଜସ୍ୱ ଆୟ** | ✓ ରାଜ୍ୟର ରାଜସ୍ୱ ଆୟରେ **19.36** ପ୍ରତିଶତ ବୃଦ୍ଧି ଘଟିଥିଲା<br>✓ ନିଜସ୍ୱ କର ଆଦାୟରେ **16.91** ପ୍ରତିଶତ ବୃଦ୍ଧି ଘଟିଥିଲା<br>✓ ନିଜସ୍ୱ ଅଣ-ଟିକସ ଆୟରେ **24.09** ପ୍ରତିଶତ ବୃଦ୍ଧି ଘଟିଥିଲା<br>✓ କେନ୍ଦ୍ରୀୟ କର ଏବଂ ଶୁଳ୍କରେ ରାଜ୍ୟର ଅଂଶୀଦାରୀରେ **18.97** ପ୍ରତିଶତ ବୃଦ୍ଧି ଘଟିଥିଲା<br>✓ ଭାରତ ସରକାରଙ୍କ ଠାରୁ ଅନୁଦାନ ପ୍ରାପ୍ତିରେ **15.45** ପ୍ରତିଶତ ବୃଦ୍ଧି ଘଟିଥିଲା |
| **ରାଜସ୍ୱ ବ୍ୟୟ** | ✓ ରାଜସ୍ୱ ବ୍ୟୟରେ **13.61** ପ୍ରତିଶତ ବୃଦ୍ଧି ଘଟିଥିଲା<br>✓ ସାଧାରଣ ସେବା କ୍ଷେତ୍ରରେ ରାଜସ୍ୱ ବ୍ୟୟରେ **12.35** ପ୍ରତିଶତ ହ୍ରାସ ଘଟିଥିଲା<br>✓ ସାମାଜିକ ସେବା କ୍ଷେତ୍ରରେ ରାଜସ୍ୱ ବ୍ୟୟରେ **20.67** ପ୍ରତିଶତ ବୃଦ୍ଧି ଘଟିଥିଲା<br>✓ ଅର୍ଥନୈତିକ ସେବା କ୍ଷେତ୍ରରେ ରାଜସ୍ୱ ବ୍ୟୟ **43.41** ପ୍ରତିଶତ ବୃଦ୍ଧି ଘଟିଥିଲା<br>✓ ଅନୁଦାନରେ ବ୍ୟୟ ଭାର **2.15** ପ୍ରତିଶତ ହ୍ରାସ ଘଟିଥିଲା |
| **ପୁଞ୍ଜିଗତ ବ୍ୟୟ** | ✓ ପୁଞ୍ଜିଗତ ବ୍ୟୟ **29.76** ପ୍ରତିଶତ ବୃଦ୍ଧି ଘଟିଥିଲା<br>✓ ସାଧରଣ ସେବା କ୍ଷେତ୍ରରେ ପୁଞ୍ଜିଗତ ବ୍ୟୟ **8.47** ପ୍ରତିଶତ ବୃଦ୍ଧି ଘଟିଥିଲା<br>✓ ସାମାଜିକ ସେବାରେ ପୁଞ୍ଜିଗତ ବ୍ୟୟ **12.18** ପ୍ରତିଶତ ବୃଦ୍ଧି ଘଟିଥିଲା<br>✓ ଅର୍ଥନୈତିକ ସେବାରେ ପୁଞ୍ଜିଗତ ବ୍ୟୟ **38.16** ପ୍ରତିଶତ ବୃଦ୍ଧି ଘଟିଥିଲା |
| **ଋଣ ଓ ଅଗ୍ରୀମ** | ✓ ଋଣ ଓ ଅଗ୍ରୀମ ପ୍ରଦାନରେ **29.29** ପ୍ରତିଶତ ବୃଦ୍ଧି ଘଟିଥିଲା<br>✓ ଋଣ ଓ ଅଗ୍ରୀମ ପରିଶୋଧ **32.81** ପ୍ରତିଶତ ହ୍ରାସ ଘଟିଥିଲା |
| **ସରକାରୀ ଋଣ** | ✓ ସରକାରୀ ଋଣ ପ୍ରାପ୍ତିରେ **238.94** ପ୍ରତିଶତ ବୃଦ୍ଧି ଘଟିଥିଲା<br>✓ ସରକାରୀ ଋଣ ପରିଶୋଧ **33.69** ପ୍ରତିଶତ ହ୍ରାସ ଘଟିଥିଲା |
| **ସରକାରୀ ପାଣ୍ଠି** | ✓ ସରକାରୀ ପାଣ୍ଠି ପ୍ରାପ୍ତିରେ **20.96** ପ୍ରତିଶତ ବୃଦ୍ଧି ଘଟିଥିଲା<br>✓ ସରକାରୀ ପାଣ୍ଠି ବିନିଯୋଗରେ **29.38** ପ୍ରତିଶତ ବୃଦ୍ଧି ଘଟିଥିଲା |
| **ନଗଦ ଅର୍ଥ** | ✓ ପୂର୍ବ ବର୍ଷ ତୁଳନାରେ 2023-24 ବର୍ଷରେ ନଗଦ ଅର୍ଥ 9,365 କୋଟି ଟଙ୍କା (**20.61** ପ୍ରତିଶତ) ବୃଦ୍ଧି ଘଟିଥିଲା |

***ଉତ୍ସ: ବିତ୍ତ ଲେଖା 2022-23 ଓ 2023-24, ଓଡ଼ିଶା ସରକାର***

## 2.2 ପାଣ୍ଠିର ଉତ୍ସ ଏବଂ ବିନିମୟ

ଏହି ବିଭାଗରେ, ବିଗତ ବର୍ଷ ସହିତ ଚଳିତ ବର୍ଷ ରାଜ୍ୟର ପାଣ୍ଠି ଉତ୍ସର ଉପାଦାନ ଏବଂ ବିନିମୟର ତୁଳନା **ସାରଣୀ 2.2** ରେ ଦର୍ଶାଯାଇଛି ।

### ସାରଣୀ 2.2: 2022-23 ଏବଂ 2023-24 ର ପାଣ୍ଠିର ଉତ୍ସ ଏବଂ ବିନିମୟର ବିବରଣୀ

(ଟଙ୍କା କୋଟିରେ)

| | ବିବରଣୀ | 2022-23 | 2023-24 | ବୃଦ୍ଧି/ ହ୍ରାସ (ଭିନ୍ନତାର ପ୍ରତିଶତ) |
|---|---|---|---|---|
| ଉତ୍ସ | ପ୍ରାରମ୍ଭିକ ନଗଦ ଜମା | 51,231 | 45,440 | (-) 5,791 (-11) |
| | ରାଜସ୍ୱ ପ୍ରାପ୍ତି | 1,50,462 | 1,79,593 | (+)29,131 (19) |
| | ଋଣ ଓ ଅଗ୍ରୀମ ଆଦାୟ | 832 | 559 | (-)273 (-33) |
| | ସରକାରୀ ଋଣ ପ୍ରାପ୍ତି (ନିଟ୍) | (-)8,580 | 8,888 | (+)17,468 (-204) |
| | ସରକାରୀ ପାଣ୍ଠି ପ୍ରାପ୍ତି (ନିଟ୍) | 18,008 | 15,494 | (-)2,514 (-14) |
| | **ମୋଟ୍** | **2,11,953** | **2,49,974** | **(+)38,021 (18)** |
| ବିନିୟୋଗ | ରାଜସ୍ୱ ଖର୍ଚ୍ଚ | 1,31,006 | 1,48,832 | (+)17,826 (14) |
| | ପୁଞ୍ଜିଗତ ଖର୍ଚ୍ଚ | 33,349 | 43,273 | (+)9,924 (30) |
| | ଋଣ ଓ ଅଗ୍ରୀମ ପ୍ରଦାନ | 2,158 | 2,790 | (+)632 (29) |
| | ଆକସ୍ମିକ ପାଣ୍ଠି (ନିଟ୍) | - | 274 | (+) 274 (100) |
| | ଶେଷ ନଗଦ ଜମା | 45,440 | 54,805 | (+) 9,365 (21) |
| | **ମୋଟ୍** | **2,11,953** | **2,49,974** | **(+)38,021 (18)** |

*ଉତ୍ସ: ଓଡ଼ିଶା ସରକାରଙ୍କର ସଂପୃକ୍ତ ବର୍ଷର ବିତ୍ତ ଲେଖା*

*ସାରଣୀରେ ଥିବା ପ୍ରତିଶତର ଶୂନ ଡେସିମାଲ୍‌କୁ ପୂର୍ଣ୍ଣାଙ୍କ କରାଯାଇଛି*


***ପରିଶିଷ୍ଟ 2.1*** ରେ ବିଗତବର୍ଷ ତଥା ଚଳିତ ବର୍ଷର ପ୍ରାପ୍ତି ଓ ବିତରଣର ବିଶଦ ବିବରଣୀ ଏବଂ ମୋଟାମୋଟି ରାଜ୍ୟର ଆର୍ଥିକ ଅବସ୍ଥା ଦର୍ଶାଯାଇଛି ।

ଆର୍ଥିକ ବର୍ଷ 2023-24 ରେ ରାଜ୍ୟର ସଂଗଠିତ ପାଣ୍ଠି ଉତ୍ସର ଗଠନ ଓ ଉପଯୋଗ **ରେଖାଚିତ୍ର 2.1** ଓ **ରେଖାଚିତ୍ର 2.2** ରେ ଦର୍ଶାଯାଇଛି ।

**ରେଖାଚିତ୍ର 2.1: ସମ୍ବଳର ସଂଯୋଜନା**

(ପ୍ରତିଶତରେ)


**(ଟଙ୍କା କେଉଁଠାରୁ ଆସେ)**




**ରେଖାଚିତ୍ର 2.2: ସମ୍ବଳର ବିନିଯୋଗ**

(ପ୍ରତିଶତରେ)

**(ଟଙ୍କା କେଉଁଠାକୁ ଯାଏ)**




*ଉତ୍ସ: ଓଡ଼ିଶା ସରକାରଙ୍କ ଆର୍ଥିକ ବର୍ଷ 2023-24 ର ବିତ୍ତ ଲେଖା*

## 2.3 ରାଜ୍ୟର ସମ୍ବଳ

ରାଜ୍ୟର ସମ୍ବଳଗୁଡ଼ିକ ନିମ୍ନରେ ବର୍ଣ୍ଣନା କରାଗଲା:

**1. ରାଜସ୍ୱ ଆୟରେ,** ରାଜସ୍ୱ ଟିକସ (ନିଜସ୍ୱ କର ଓ କେନ୍ଦ୍ରୀୟ କର/ ଶୁଳ୍କରୁ ଅଂଶ) ଅଣ-ଟିକସ ଏବଂ ଭାରତ ସରକାରଙ୍କ ଠାରୁ ପ୍ରାପ୍ତ ଅନୁଦାନ ଅନ୍ତର୍ଭୁକ୍ତ ।

**2. ପୁଞ୍ଜିଗତ ଆୟରେ, (ଋଣ ଓ ଅଣ** ଋଣ ପୁଞ୍ଜି ପ୍ରାପ୍ତି) ପ୍ରତ୍ୟାହାରରୁ ଆୟ ସ୍ୱରୂପ ବିବିଧ ପୁଞ୍ଜିଗତ ପ୍ରାପ୍ୟ, ଋଣ ଓ ଅଗ୍ରୀମ ପରିଶୋଧ, ଆଭ୍ୟନ୍ତରୀଣ ଉତ୍ସରୁ ଋଣ (ବଜାର ଋଣ, ଉଧାର ଆର୍ଥିକ ପ୍ରତିଷ୍ଠାନ/ ବାଣିଜ୍ୟିକ ବ୍ୟାଙ୍କରୁ କରଜ) ଏବଂ ଭାରତ ସରକାରଙ୍କ ଠାରୁ ପ୍ରାପ୍ତ ଋଣ ଓ ଅଗ୍ରୀମ ଅନ୍ତର୍ଭୁକ୍ତ ।

ଉଭୟ ରାଜସ୍ୱ ଓ ପୁଞ୍ଜିଗତ ପ୍ରାପ୍ତି, ରାଜ୍ୟ ସରକାରଙ୍କର ସଂଗଠିତ ପାଣ୍ଠିର ଅଂଶ ବିଶେଷ ।


**3. ପ୍ରକୃତ ସରକାରୀ ହିସାବ ପ୍ରାପ୍ତି:** କିଛି କାରବାର ସମ୍ବନ୍ଧରେ ପ୍ରାପ୍ତି ଓ ପ୍ରଦାନ ଅଛି, ଯେପରିକି- ସ୍ୱଳ୍ପ ସଞ୍ଚୟ, ଭବିଷ୍ୟନିଧି ପାଣ୍ଠି, ସଂରକ୍ଷିତ ପାଣ୍ଠି, ଜମା, ଅନିଶ୍ଚିତ, ପ୍ରେରଣ ଆଦି ଯାହା ଭାରତର ସଂଗଠିତ ପାଣ୍ଠିର ଅଂଶ ନୁହେଁ ।

ଏଗୁଡ଼ିକ ସମ୍ବିଧାନର ଧାରା 266(2) ଅନୁଯାୟୀ ଗଠିତ ସରକାରୀ ଖାତାରେ ରଖାଯାଏ ଏବଂ ଏଗୁଡ଼ିକ ରାଜ୍ୟ ବିଧାନସଭା ଦ୍ୱାରା ଅନୁମୋଦିତ ନୁହେଁ । ଏଠାରେ ସରକାର ଜଣେ ବ୍ୟାଙ୍କର ଭାବରେ କାର୍ଯ୍ୟ କରନ୍ତି । ବିନିଯୋଜନ ପରେ ବଳକା ପାଣ୍ଠି ସରକାରଙ୍କ ଦ୍ୱାରା ବ୍ୟବହାର ପାଇଁ ଉପଲବ୍ଧ ଥାଏ ।

### 2.3.1 ରାଜ୍ୟର ପ୍ରାପ୍ତି

ଏହି ଅନୁଚ୍ଛେଦରେ ସମୁଦାୟ ପ୍ରାପ୍ତିର ଗଠନ ଦର୍ଶାଯାଇଛି । ଏହା ବ୍ୟତୀତ ରାଜସ୍ୱ ଓ ପୁଞ୍ଜିଗତ ପ୍ରାପ୍ତି, ସରକାରଙ୍କ ହିସାବ ଖାତାରେ ଉପଲବ୍ଧ ପାଣ୍ଠି (ଏଥିରୁ ନିଟ୍ ବିନିଯୋଗ କରାଯାଇଥାଏ) ଗୁଡ଼ିକ ମଧ୍ୟ ସରକାରଙ୍କ ଦ୍ୱାରା ବିତ୍ତୀୟ ନିଅଣ୍ଟ ଭରଣା କରାଯାଏ, ରାଜ୍ୟର ସମୁଦାୟ ପ୍ରାପ୍ତିର ଗଠନ **ରେଖାଚିତ୍ର 2.3** ରେ ଦର୍ଶାଯାଇଛି ।

**ରେଖାଚିତ୍ର 2.3: ଆର୍ଥିକ ବର୍ଷ 2023-24 ରେ ରାଜ୍ୟର ସମ୍ବଳର ସମାହାର**




*ଉତ୍ସ: ଓଡ଼ିଶା ସରକାରଙ୍କ ଆର୍ଥିକ ବର୍ଷ 2023-24 ବର୍ଷର ବିତ୍ତ ଲେଖା*

2023-24 ବର୍ଷରେ ରାଜ୍ୟ ସରକାରଙ୍କ ସମୁଦାୟ ସମ୍ବଳ 2,13,769 କୋଟି ଟଙ୍କା ମଧ୍ୟରୁ ରାଜସ୍ୱ ପ୍ରାପ୍ତି (1,79,593 କୋଟି ଟଙ୍କା) ଯାହାକି 84.01 ପ୍ରତିଶତ ଅଟେ, ସରକାରୀ ପାଣ୍ଠି ପ୍ରାପ୍ତି (ନିଟ୍: 15,494 କୋଟି ଟଙ୍କା) ଓ ପୁଞ୍ଜିଗତ ଆୟ (18,682 କୋଟି ଟଙ୍କା) ଯଥାକ୍ରମେ 7.25 ପ୍ରତିଶତ ଓ 8.74 ପ୍ରତିଶତ ।

## 2.3.2 ରାଜ୍ୟର ରାଜସ୍ୱ ପ୍ରାପ୍ତି

### *2.3.2.1 ରାଜସ୍ୱ ପ୍ରାପ୍ତିର ଧାରା ଓ ଅଭିବୃଦ୍ଧି*

ବିଗତ ପାଞ୍ଚ ବର୍ଷ (ଆର୍ଥିକ ବର୍ଷ 2019-20ରୁ 2023-24)ମଧ୍ୟରେ ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି) ତୁଳନାରେ ରାଜସ୍ୱ ପ୍ରାପ୍ତିର ଧାରା ଏବଂ ଅଭିବୃଦ୍ଧି **ସାରଣୀ 2.3** ରେ ଦର୍ଶାଯାଇଛି । ସମାନ ଅବଧିରେ ରାଜସ୍ୱ ପ୍ରାପ୍ତିର ଧାରା ଏବଂ ଗଠନ, ***ପରିଶିଷ୍ଟ 2.2*** ରେ ଦର୍ଶାଯାଇଛି ।

**ସାରଣୀ 2.3: ରାଜସ୍ୱ ପ୍ରାପ୍ତିର ଧାରା**

(ଟଙ୍କା କୋଟିରେ)

| ସବିଶେଷ ବିବରଣୀ | 2019-20 | 2020-21 | 2021-22 | 2022-23 | 2023-24 |
|---|---|---|---|---|---|
| **(1) ରାଜସ୍ୱ ପ୍ରାପ୍ତି (ଆର୍‌ଆର୍)** | **1,01,568** | **1,04,387** | **1,53,059** | **1,50,462** | **1,79,593** |
| (2) ଆର୍‌ଆର୍ ର ବୃଦ୍ଧିର ହାର (ପ୍ରତିଶତ) | 2.03 | 2.78 | 46.63 | -1.69 | 19.36 |
| **(3) ରାଜସ୍ୱ କର (କେନ୍ଦ୍ରୀୟ ଟିକସ ହସ୍ତାନ୍ତର ସମେତ)** | **62,769** | **61,801** | **78,892** | **89,543** | **1,05,571** |
| *(i) ନିଜସ୍ୱ ଟିକସ ରାଜସ୍ୱ* | 32,315 | 34,258 | 40,748 | 46,554 | 54,427 |
| *(ii) କେନ୍ଦ୍ରର ଟିକସ ଓ କରରେ ରାଜ୍ୟର ଅଂଶ* | 30,454 | 27,543 | 38,144 | 42,989 | 51,144 |
| **(4) ଅଣ ଟିକସ ରାଜସ୍ୱ** | **14,647** | **19,518** | **54,257** | **42,720** | **53,011** |
| **(5) ଭାରତ ସରକାରଙ୍କ ଠାରୁ ଅନୁଦାନ** | **24,152** | **23,068** | **19,910** | **18,199** | **21,011** |
| (6) ଅନୁଦାନ ବୃଦ୍ଧିର ହାର (ପ୍ରତିଶତ) | 23.24 | -4.49 | -13.69 | -8.59 | 15.45 |
| (7) ରାଜ୍ୟର ନିଜସ୍ୱ ରାଜସ୍ୱ (ନିଜସ୍ୱ ଟିକସ ଓ ଅଣ ଟିକସ ରାଜସ୍ୱ) | 46,962 | 53,776 | 95,005 | 89,274 | 1,07,438 |
| (8) ନିଜସ୍ୱ ରାଜସ୍ୱ ର ବୃଦ୍ଧିର ହାର (ପ୍ରତିଶତ) | 5.31 | 14.51 | 76.69 | -6.03 | 20.35 |
| **(9) ଜିଏସ୍‌ଡିପି (2011-12 ପର୍ଯ୍ୟାୟ)** | 5,37,502 | 5,40,185 | 6,97,013 | 7,59,560 | 8,53,524 |
| **(10) ଜିଏସ୍‌ଡିପିର ବୃଦ୍ଧିର ହାର (ପ୍ରତିଶତ)** | **7.80** | **0.50** | **29.03** | **8.97** | **12.37** |
| (11) ଆର୍‌ଆର୍/ ଜିଏସ୍‌ଡିପି(ପ୍ରତିଶତ) | 18.90 | 19.32 | 21.96 | 19.81 | 21.04 |
| **ଆପେକ୍ଷିକ ହ୍ରାସ ଅନୁପାତ[10]** | | | | | |
| **(12) ଜିଏସ୍‌ଡିପି ଅନୁସାରେ ରାଜସ୍ୱର ପ୍ଲବତା (କ୍ର.ସଂ. 2/ କ୍ର.ସଂ.10)** | **0.26** | **5.56** | **1.61** | **-** | **1.57** |
| **(13) ଜିଏସ୍‌ଡିପି ତୁଳନାରେ ରାଜ୍ୟର ନିଜସ୍ୱ ରାଜସ୍ୱର ପ୍ଲବତା(କ୍ର.ସଂ.8/ କ୍ର.ସଂ.10)** | **0.68** | **29.02** | **2.64** | **-** | **1.65** |

***ଉତ୍ସ: ରାଜସ୍ୱ ପ୍ରାପ୍ତି ସଂପୃକ୍ତ ବର୍ଷର ବିତ୍ତ ଲେଖା***
***ଜିଏସ୍‌ଡିପି - ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ପ୍ରୟୋଗ ମନ୍ତ୍ରାଳୟ (ଏମ୍ ଓଏସ୍‌ପିଆଇ)***

[10] *ମୂଳ ପରିବର୍ତ୍ତନଶୀଳତା ସହିତ ଏକ ନିର୍ଦ୍ଦିଷ୍ଟ ପରିବର୍ତ୍ତନ ସହିତ ରାଜସ୍ୱ ଅସ୍ଥିରତାର ସ୍ଥିତି କିମ୍ବା ସମ୍ବେଦନଶୀଳତାର ମାତ୍ରାକୁ ଆପେକ୍ଷିକ ଲଘୁତର ଧାରା ଦର୍ଶାଇଥାଏ । ଉଦାହରଣ ସ୍ୱରୂପ, ଯଦି ଜିଏସ୍‌ଡିପିରେ ଏକ ପ୍ରତିଶତ ବୃଦ୍ଧି ଘଟେ, ରାଜସ୍ୱ ହ୍ରାସ 1.57 ସୂଚାଏ ଯେ ରାଜସ୍ୱ ପ୍ରାପ୍ତି 1.57 ପ୍ରତିଶତ ମାତ୍ରାରେ ବୃଦ୍ଧି ହୋଇଛି ।(ନକାରାତ୍ମକ ଉନ୍ନତି ଗଣନା କରାଯାଇ ନାହିଁ ।)*


**ସାରଣୀ 2.3** ଦର୍ଶାଏ ଯେ ରାଜସ୍ୱ ପ୍ରାପ୍ତି, 2019-20 ରେ 1,01,568 କୋଟି ଟଙ୍କାରୁ 76.82 ପ୍ରତିଶତ ବୃଦ୍ଧି ପାଇ 2023-24 ରେ 1,79,593 କୋଟି ଟଙ୍କାରେ ପହଞ୍ଚିଛି । ବିଗତ ପାଞ୍ଚ ବର୍ଷରେ ଏହାର ବାର୍ଷିକ ହାରାହାରି ଅଭିବୃଦ୍ଧି ହାର15.31 ପ୍ରତିଶତ ଥିଲା । 2019-20 ଆର୍ଥିକ ବର୍ଷ ତୁଳନାରେ 2023-24 ଆର୍ଥିକ ବର୍ଷରେ ଟିକସ ରାଜସ୍ୱ (କେନ୍ଦ୍ରୀୟ ଟିକସ ହସ୍ତାନ୍ତରକୁ ମିଶାଇ) 42,802 କୋଟି ଟଙ୍କା (68.19 ପ୍ରତିଶତ) ବୃଦ୍ଧି ପାଇଥିବା ବେଳେ ଅଣଟିକସ ରାଜସ୍ୱ 38,364 କୋଟି ଟଙ୍କା ବୃଦ୍ଧି ପାଇଛି (261.92 ପ୍ରତିଶତ) । ଅନ୍ୟ ପକ୍ଷରେ, ଆର୍ଥିକ ବର୍ଷ 2019-20 ଠାରୁ 2023-24ମଧ୍ୟରେ ଅନୁଦାନ ପରିମାଣ ଭାରତ ସରକାରଙ୍କ ଠାରୁ 13.01 ପ୍ରତିଶତ ହ୍ରାସ ପାଇଛି। ତେବେ, ପୂର୍ବବର୍ଷ ତୁଳନାରେ ଏହା 15.45 ପ୍ରତିଶତ ବୃଦ୍ଧି ପାଇଛି ।

ଆର୍ଥିକ ବର୍ଷ 2019-20 ରେ ଜିଏସ୍‌ଡିପି ବାବଦରେ ରାଜସ୍ୱ ବୋୟାନ୍‌ସି ବୃଦ୍ଧି 0.26 ପ୍ରତିଶତ ଥିବାବେଳେ ଆର୍ଥିକ ବର୍ଷ 2023-24 ରେ ଏହା 1.57 ପ୍ରତିଶତକୁ ବୃଦ୍ଧି ପାଇଛି ଏବଂ ଜିଏସ୍‌ଡିପି ବାବଦରେ ରାଜ୍ୟର ନିଜସ୍ୱ ରାଜସ୍ୱ ବୋୟାନ୍‌ସି ବୃଦ୍ଧି ମଧ୍ୟ ଆର୍ଥିକ ବର୍ଷ 2019-20 ରେ 0.68 ପ୍ରତିଶତରୁ ଆର୍ଥିକ ବର୍ଷ 2023-24 ରେ 1.65 ପ୍ରତିଶତକୁ ବୃଦ୍ଧି ପାଇଛି । ରାଜ୍ୟ ଦ୍ରବ୍ୟ ଓ ସେବା କର (5,296 କୋଟି ଟଙ୍କା), ରାଜ୍ୟ ଅବକାରୀ (760 କୋଟି ଟଙ୍କା), ବିକ୍ରି, ବାଣିଜ୍ୟ ଉପରେ ଟିକସ (691 କୋଟି ଟଙ୍କା) ଇତ୍ୟାଦି ଆଦାୟରେ ଦ୍ରୁତ ବୃଦ୍ଧି ଯୋଗୁଁ ଆର୍ଥିକ ବର୍ଷ 2023-24 ରେ ରାଜସ୍ୱ (କେନ୍ଦ୍ରୀୟ ଟିକସ ହସ୍ତାନ୍ତରକୁ ମିଶାଇ) ଏବଂ ରାଜ୍ୟର ନିଜସ୍ୱ ଟିକସ ରାଜସ୍ୱ ଯଥାକ୍ରମେ 17.90 ପ୍ରତିଶତ ଏବଂ 16.91 ପ୍ରତିଶତ ବୃଦ୍ଧି ପାଇଛି । ରାଜ୍ୟର ନିଜସ୍ୱ ରାଜସ୍ୱ କ୍ଷେତ୍ର ଅଧିନରେ 2023-24 ଆର୍ଥିକ ବର୍ଷରେ କେବଳ ଦ୍ରବ୍ୟ ଓ ଯାତ୍ରୀଙ୍କ ଉପରେ ଟିକସ ପୂର୍ବ ବର୍ଷ ତୁଳନାରେ 2.61 ପ୍ରତିଶତ (3 କୋଟି ଟଙ୍କା) ନକାରାତ୍ମକ ଅଭିବୃଦ୍ଧି ଦେଖାଇଛି ।

ଅଣଟିକସ ରାଜସ୍ୱ 2019-20 ରେ 14,647 କୋଟି ଟଙ୍କା ଥିବେ ବେଳେ 2023-24 ରେ ଏହା 261.92 ପ୍ରତିଶତ ବୃଦ୍ଧି ପାଇ 53,011 କୋଟି ଟଙ୍କାରେ ପହଞ୍ଚିଛି । ଆର୍ଥିକ ବର୍ଷ 2023-24 ରେ ଅଣ ଲୌହ ଖଣିଜ ଓ ଧାତବ ଶିଳ୍ପଗୁଡ଼ିକ କୋଇଲା ଓ ଲିଗ୍‌ନାଇଟ୍, ରାଜ୍ୟ ରାଷ୍ଟ୍ରାୟତ ଉଦ୍ୟୋଗ ଗୁଡ଼ିକର ଲାଭାଂଶ ଇତ୍ୟାଦି ବୃଦ୍ଧି ଯୋଗୁଁ ଅଣଟିକସ ରାଜସ୍ୱ (53,011 କୋଟି ଟଙ୍କା) ପୂର୍ବ ବର୍ଷ (42,720 କୋଟି ଟଙ୍କା) ତୁଳନାରେ 24.09 ପ୍ରତିଶତ ବୃଦ୍ଧି ପାଇଛି ।

ରାଜସ୍ୱ ପ୍ରାପ୍ତିର ଧାରା **ରେଖାଚିତ୍ର 2.4** ରେ ଦର୍ଶାଯାଇଛି ।


**ରେଖାଚିତ୍ର 2.4: ରାଜସ୍ୱ ପ୍ରାପ୍ତିର ଧାରା**




*ଉତ୍ସ: ଓଡ଼ିଶା ସରକାରଙ୍କ ସଂପୃକ୍ତ ବର୍ଷର ବିତ୍ତ ଲେଖା*

ରାଜସ୍ୱ ପ୍ରାପ୍ତିର ଗଠନର ଧାରା **ରେଖାଚିତ୍ର 2.5** ରେ ଦର୍ଶାଯାଇଛି ।

**ରେଖାଚିତ୍ର 2.5: ରାଜସ୍ୱ ପ୍ରାପ୍ତର ଗଠନର ଧାରା**




*ଉତ୍ସ: ଓଡ଼ିଶା ସରକାରଙ୍କ ସମ୍ବନ୍ଧିତ ବର୍ଷର ବିତ୍ତ ଲେଖା*


## *2.3.2.2 ରାଜ୍ୟର ନିଜସ୍ୱ ସମ୍ବଳ*

### *(i) ନିଜସ୍ୱ ରାଜସ୍ୱ ଟିକସ*

ରାଜ୍ୟର ନିଜସ୍ୱ ରାଜସ୍ୱ ଟିକସ, ରାଜ୍ୟ ଦ୍ରବ୍ୟ ଓ ସେବା କର (ଏସ୍‌ଜିଏସ୍‌ଟି), ରାଜ୍ୟ ଅବକାରୀ, ଯାନ ଟିକସ, ଷ୍ଟାମ୍ପ କର ଓ ପଞ୍ଜୀକରଣ ଦେୟ, ଭୂ-ରାଜସ୍ୱ, ମାଲ ଓ ଯାତ୍ରୀ କର ଇତ୍ୟାଦିକୁ ନେଇ ଗଠିତ ।

ଆର୍ଥିକ ବର୍ଷ 2019-20 ଠାରୁ 2023-24 ମଧ୍ୟରେ ନିଜସ୍ୱ ରାଜସ୍ୱ କରର ଧାରା ଓ ଏହାର ଉପାଦାନ ଗୁଡ଼ିକର ବିଶ୍ଳେଷଣ କ୍ରମାନ୍ୱୟରେ **ରେଖାଚିତ୍ର 2.6** ଓ **ସାରଣୀ 2.4** ରେ ଦର୍ଶାଯାଇଛି ।

**ରେଖାଚିତ୍ର 2.6: ବର୍ଷ 2019-2024 ଅବଧିରେ ନିଜସ୍ୱ ରାଜସ୍ୱର ଧାରା**




*ଉତ୍ସ: ଓଡ଼ିଶା ସରକାରଙ୍କ ସମ୍ବନ୍ଧିତ ବର୍ଷର ବିତ୍ତଲେଖା*

**ସାରଣୀ 2.4: ରାଜ୍ୟର ରାଜସ୍ୱର ଉପାଦାନ**

(ଟଙ୍କା କୋଟିରେ)

| ରାଜସ୍ୱ ଶୀର୍ଷ | 2019-20 | 2020-21 | 2021-22 | 2022-23 | 2023-24 | ସ୍ପାର୍କ ଲାଇନ୍ |
|---|---|---|---|---|---|---|
| ରାଜ୍ୟ ଦ୍ରବ୍ୟ ଓ ସେବା କର (ଏସ୍‌ଜିଏସ୍‌ଟି) | 13,204 | 13,043 | 16,392 | 18,600 | 23,896 | |
| ବିକ୍ରୀ, ବ୍ୟବସାୟ ଇତ୍ୟାଦି କର | 7,455 | 7,777 | 10,000 | 12,023 | 12,714 | |
| ରାଜ୍ୟ ଅବକାରୀ | 4,495 | 4,053 | 5,528 | 6,455 | 7,215 | |
| ଯାନ କର | 1,836 | 1,526 | 1,663 | 2,133 | 2,478 | |
| ଷ୍ଟାମ୍ପ ଓ ପଞ୍ଜୀକରଣ ଫି | 1,435 | 2,942 | 2,419 | 1,997 | 2,127 | |
| ଜମି ରାଜସ୍ୱ | 721 | 603 | 664 | 739 | 1,123 | |
| ଦ୍ରବ୍ୟ ଓ ଯାତ୍ରୀ କର | 133 | 146 | 111 | 115 | 112 | |
| .ଅନ୍ୟାନ୍ୟ କର | 3,036 | 4,168 | 3,971 | 4,492 | 4,762 | |
| ମୋଟ | 32,315 | 34,258 | 40,748 | 46,554 | 54,427 | |

*ଉତ୍ସ: ଓଡ଼ିଶା ସରକାରଙ୍କ ସମ୍ବନ୍ଧିତ ବର୍ଷର ବିତ୍ତ ଲେଖା*

ଗତବର୍ଷ ତୁଳନାରେ ଚଳିତ ବର୍ଷ ମୋଟ ନିଜସ୍ୱ ରାଜସ୍ୱ ଟିକସ ବୃଦ୍ଧି 7,873 କୋଟି ଟଙ୍କା (16.91 ପ୍ରତିଶତ) ହୋଇଛି । ମୁଖ୍ୟତଃ ବୃଦ୍ଧି ଗୁଡ଼ିକ (i) ରାଜ୍ୟ ଦ୍ରବ୍ୟ ଓ ସେବା କର (ଏସ୍‌ଜିଏସ୍‌ଟି) ପ୍ରାପ୍ତି (5,296 କୋଟି ଟଙ୍କା), (ii) ରାଜ୍ୟ ଅବକାରୀ କର (760 କୋଟି ଟଙ୍କା), (iii) ବିକ୍ରି, ବାଣିଜ୍ୟ ଉପରେ ଟିକସ ଇତ୍ୟାଦି (691 କୋଟି ଟଙ୍କା) ଏବଂ (iv) ଭୂମି ରାଜସ୍ୱ (384 କୋଟି ଟଙ୍କା) ।

## *ରାଜ୍ୟ ଦ୍ରବ୍ୟ ଓ ସେବା କର (ଏସ୍‌ଜିଏସ୍‌ଟି)*

ଆର୍ଥିକ ବର୍ଷ 2023-24 ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ବିତ୍ତୀୟ ହିସାବର ବହି ଅନୁସାରେ ଦ୍ରବ୍ୟ ଓ ସେବା କରର ପରିମାଣ 23,895.66 କୋଟି ଟଙ୍କା ଥିବା ତୁଳନାରେ ବଜେଟ୍ ଆକଳନରେ 22,004.00 କୋଟି ଟଙ୍କା ଥିଲା ।

## *ଦ୍ରବ୍ୟ ଓ ସେବା କର ପ୍ରାପ୍ତିର ସମୀକ୍ଷା*

ଜିଏସ୍‌ଟିଏନ୍ ପରିସରରେ ପ୍ୟାନ୍-ଇଣ୍ଡିଆ ତଥ୍ୟର ସମୀକ୍ଷା ପ୍ରବେଶ ପ୍ରଦାନ କରିବାକୁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି 22 ଜୁନ୍ 2020 ରେ ଅବଗତ କରାଯାଇଥିଲା । ମଡେଲ II ରାଜ୍ୟ ଭାବେ ପରିଗଣିତ ଓଡ଼ିଶା କ୍ଷେତ୍ରରେ 2021 ମାର୍ଚ୍ଚ ମାସରେ ଓଡ଼ିଶାର ପ୍ରଧାନ ମହାଲେଖାକାର (ଲେଖା ପରୀକ୍ଷା-I), ଓଡ଼ିଶାଙ୍କୁ କେବଳ ବ୍ୟାକ୍-ଏଣ୍ଡ-ପ୍ରୟୋଗର ରୋଲ ଭିତ୍ତିକ ପ୍ରବେଶ ପ୍ରଦାନ କରାଯାଇଥିଲା । ତେବେ, ଏହି ସୁବିଧା କେବଳ ସିଟି ଏଣ୍ଡ ଜିଏସ୍‌ଟି ବିଭାଗ ପରିସରରେ ସୀମିତ ରହିଥିଲା ଏବଂ ରିମୋଟ୍ ପ୍ରବେଶ ଯୋଗାଇବା ପ୍ରସଙ୍ଗ ବିଚାରାଧୀନ ଥିଲା । ତେଣୁ, ଆର୍ଥିକ ବର୍ଷ 2023-24 ପାଇଁ ଖାତା ଗୁଡ଼ିକୁ ନମୁନା ଯାଞ୍ଚ ଆଧାରରେ ପ୍ରମାଣିତ କରାଯାଇଛି, ଯେପରି ରେକର୍ଡ ଗୁଡ଼ିକ ମାନୁଆଲି ରକ୍ଷଣାବେକ୍ଷଣ କରାଯାଉଥିଲା । ଜିଏସ୍‌ଟିଏନ୍ ତଥ୍ୟକୁ ସମୀକ୍ଷା ପ୍ରବେଶ ପ୍ରଦାନ କରିବାକୁ ଭାରତ ସରକାରଙ୍କ ସିଦ୍ଧାନ୍ତର ସମ୍ପୂର୍ଣ୍ଣ କାର୍ଯ୍ୟକାରିତାକୁ ଅପେକ୍ଷା ଅଛି ।

## *ସ୍ଥାନୀୟ ସଂସ୍ଥାକୁ ସେସ୍ ସ୍ଥାନାନ୍ତର ନକରିବା*

ଆର୍ଥିକ ବର୍ଷ 2023-24 ରେ ସରକାର ସେସ୍/ଫି/ସର୍‌ଚାର୍ଜ (ଶ୍ରମ ସେସ୍ ବ୍ୟତୀତ) ଆଦାୟ ବାବଦକୁ 54.85 କୋଟି ଟଙ୍କା (2022-23 ରେ 59.91 କୋଟି ଟଙ୍କା) ଆଦାୟ କରିଥିଲେ । ତେବେ, ଓଡ଼ିଶା ସେସ୍ ଆଇନ୍, 1962 କୁ ଉଲ୍ଲଂଘନ କରି ରାଜ୍ୟ ସରକାର 54.85 କୋଟି ଟଙ୍କାର ସମ୍ପୂର୍ଣ୍ଣ ଆଦାୟ ରାଶି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଓ ଗ୍ରାମୀଣ ସ୍ଥାନୀୟ ସଂସ୍ଥାକୁ ସ୍ଥାନାନ୍ତରଣ କରିନଥିଲେ । ଫଳସ୍ୱରୁପ ରାଜସ୍ୱ ବଳକା ଅଧିକ ଓ ବିବରଣୀ ଓ ବିତ୍ତୀୟ ନିଅଣ୍ଟ କମ୍ ଥିବା ବିବରଣୀରୁ ଦର୍ଶାଯାଇଛି ।

ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ଶୀଘ୍ର ଅର୍ଥ ହସ୍ତାନ୍ତର ପାଇଁ ପଦକ୍ଷେପ ନିଆଯିବ ବୋଲି ରାଜ୍ୟ ସରକାର (ଅକ୍ଟୋବର 2024) କହିଛନ୍ତି ।

### *(ii) ଅଣ-କର ରାଜସ୍ୱ*

ଅଣ ରାଜସ୍ୱ ଟିକସରେ ସୁଧ ପ୍ରାପ୍ତି, ଲାଭ ଓ ଲାଭାଂଶ, ଖଣିଜ ପ୍ରାପ୍ତି, ବିଭାଗୀୟ ପ୍ରାପ୍ତି, ଇତ୍ୟାଦି ଅନ୍ତର୍ଭୁକ୍ତ । ଆର୍ଥିକ ବର୍ଷ 2019-20 ରୁ 2023-24 ମଧ୍ୟରେ ରାଜ୍ୟର ଅଣ-ଟିକସ ରାଜସ୍ୱ ଉପାଦାନଗୁଡ଼ିକର ଧାରା **ସାରଣୀ 2.5** ରେ ଦର୍ଶାଯାଇଛି ।

**ସାରଣୀ 2.5: ରାଜ୍ୟରେ ଅଣ-ଟିକସ ରାଜସ୍ୱର ଉପାଦାନ**

(ଟଙ୍କା କୋଟିରେ)

| ରାଜସ୍ୱ ଶୀର୍ଷ | 2019-20 | 2020-21 | 2021-22 | 2022-23 | 2023-24 | ସ୍ପାର୍କ ଲାଇନ୍ |
|---|---|---|---|---|---|---|
| .ଅଣଲୌହ ଖଣି ଏବଂ ଧାତୁ ଉତ୍ପାଦନ ଶିଳ୍ପ | 11,020 | 13,792 | 48,642 | 37,642 | 45,046 | |
| ସୁଧ ପ୍ରାପ୍ତି | 1,487 | 1,262 | 1,823 | 1,657 | 921 | |
| ଲାଭାଂଶ ଏବଂ ଲାଭ | 321 | 1,063 | 523 | 584 | 1800 | |
| .ଅନ୍ୟାନ୍ୟ ଅଣ-କର ପ୍ରାପ୍ତି | **1,819** | **3,401** | **3,269** | **2,837** | **5,244** | |
| କ) ବୃହତ୍ ଓ ମଧ୍ୟମ ଜଳସେଚନ | 669 | 796 | 790 | 909 | 936 | |
| ଖ) ସଡ଼କ ଓ ସେତୁ | 44 | 54 | 48 | 43 | 31 | |
| ଗ) ଶିକ୍ଷା | 27 | 62 | 46 | 67 | 46 | |
| ଘ) ବହୁବିଧ ସାଧାରଣ ସେବା | 411 | 1,729 | 438 | 571 | 1889 | |
| ଙ) ଅନ୍ୟାନ୍ୟ ଅଥବା ବିବିଧ | 668 | 760 | 1,947 | 1,247 | 2,342 | |
| ମୋଟ | **14,647** | **19,518** | **54,257** | **42,720** | **53,011** | |


*ଉତ୍ସ: ଓଡ଼ିଶା ସରକାରଙ୍କ ସଂପୃକ୍ତ ବର୍ଷର ବିତ୍ତ ଲେଖା*

ଆର୍ଥିକ ବର୍ଷ 2023-24 ରେ ଅଣ-ଟିକସ ରାଜସ୍ୱ (53,011 କୋଟି ଟଙ୍କା), ଆର୍ଥିକ ବର୍ଷ 2022-23 ରେ (42,720 କୋଟି ଟଙ୍କା) ତୁଳନାରେ 10,291 କୋଟି ଟଙ୍କା (24.09 ପ୍ରତିଶତ) ବୃଦ୍ଧି ପାଇଛି । ଅଣଲୌହ ଖଣିଜ ଓ ଧାତବୀୟ ଶିଳ୍ପର ପ୍ରାପ୍ତିରେ 7,404 କୋଟି ଟଙ୍କା ବୃଦ୍ଧି ଏବଂ କମ୍ପାନୀ/ ନିଗମରୁ ଲାଭାଂଶ ଓ ଲାଭ ପ୍ରାପ୍ତିରେ 1,216 କୋଟି ଟଙ୍କା ବୃଦ୍ଧି ଯୋଗୁଁ ଏହି ବୃଦ୍ଧି ଘଟିଛି।

## *2.3.2.3 କେନ୍ଦ୍ରୀୟ ଟିକସ ସ୍ଥାନାନ୍ତରଣ*

ଗତ 10 ବର୍ଷରେ କେନ୍ଦ୍ରଠାରୁ ସ୍ଥାନାନ୍ତରଣର ଧାରା **ରେଖାଚିତ୍ର 2.7** ରେ ଦର୍ଶାଯାଇଛି ।

**ରେଖାଚିତ୍ର 2.7: କେନ୍ଦ୍ରରୁ ସ୍ଥାନାନ୍ତରଣର ଧାରା**




*ଉତ୍ସ: ଓଡ଼ିଶା ସରକାରଙ୍କର ସଂପୃକ୍ତ ବର୍ଷର ବିତ୍ତ ଲେଖା*

### (i) କେନ୍ଦ୍ରୀୟ ଟିକସ ହସ୍ତାନ୍ତର

2019-20 ରୁ 2023-24 ଆର୍ଥିକ ବର୍ଷ ମଧ୍ୟରେ ଚତୁର୍ଦ୍ଦଶ ଅର୍ଥ ଆୟୋଗ (14ତମ ଏଫ୍‌ସି) ଓ ପଞ୍ଚଦଶ ଅର୍ଥ ଆୟୋଗ (15ତମ ଏଫ୍‌ସି)ଙ୍କ ଦ୍ୱାରା କରାଯାଇଥିବା ଆକଳନ ତୁଳନାରେ ରାଜ୍ୟ ସରକାରଙ୍କୁ କେନ୍ଦ୍ରୀୟ ଟିକସ ଏବଂ ଶୁଳ୍କରେ ପ୍ରକୃତ ଅଂଶ ପ୍ରଦାନ କରିବା **ସାରଣୀ 2.6** ରେ ଦର୍ଶାଯାଇଛି ।

**ସାରଣୀ 2.6: କେନ୍ଦ୍ରୀୟ ଟିକସ ଓ ଶୁଳ୍କରୁ ରାଜ୍ୟର ଅଂଶ: ଅର୍ଥ ଆୟୋଗଙ୍କ ଆକଳନ ତୁଳନାରେ ପ୍ରକୃତ ବଣ୍ଟନ**

(ଟଙ୍କା କୋଟିରେ)

| ବର୍ଷ | ଅର୍ଥ ଆୟୋଗଙ୍କ ଆକଳନ | ଅର୍ଥ ଆୟୋଗ ରିପୋର୍ଟରେ(ଏଫ୍‌ସିଆର୍) ଆକଳନ | ପ୍ରକୃତ ଟିକସ ହସ୍ତାନ୍ତର | ପାର୍ଥକ୍ୟ |
|---|---|---|---|---|
| **1.** | **2.** | **3.** | **4.** | **5. (4-3)** |
| **2019-20** | ସେବା କର ବ୍ୟତୀତ ସମସ୍ତ ଅଂଶଧନ ଯୋଗ୍ୟ ଟିକସର ନିଟ୍ ଆୟର 4.642 ପ୍ରତିଶତ ଓ ଅଂଶଧନଯୋଗ୍ୟ ସେବା ଟିକସର 4.744 ପ୍ରତିଶତ (ଚତୁର୍ଦ୍ଦଶ ଅର୍ଥ ଆୟୋଗ ସୁପାରିଶ ଅନୁଯାୟୀ) | 48,250 | 30,454 | (-) 17,796 |
| **2020-21** | ସମସ୍ତ ଅଂଶଧନ ଯୋଗ୍ୟ ଟିକସର ନିଟ୍ ଆୟର 4.629 ପ୍ରତିଶତ (ପଞ୍ଚଦଶ ଅର୍ଥ ଆୟୋଗ ସୁପାରିଶ ଅନୁଯାୟୀ) | 39,586 | 27,543 | (-) 12,043 |
| **2021-22** | ସମସ୍ତ ଅଂଶଧନଯୋଗ୍ୟ ଟିକସର ନିଟ୍ ଆୟର 4.528 ପ୍ରତିଶତ (ପଞ୍ଚଦଶ ଅର୍ଥ ଆୟୋଗ ସୁପାରିଶ ଅନୁଯାୟୀ) | 29,821 | 38,144 | (+)8,323 |
| **2022-23** | | 33,173 | 42,989 | (+)9,816 |
| **2023-24** | | 37,328 | 51,144 | (+)13,816 |
| ମୋଟ୍ | | **1,88,158** | **1,90,274** | **(+) 2,116** |

*ଉତ୍ସ: ଅର୍ଥ ଆୟୋଗର ରିପୋର୍ଟ, ସଂପୃକ୍ତ ବର୍ଷର ବିତ୍ତ ଲେଖା ଓ ଲେଖା ଓ ସଂକ୍ଷିପ୍ତ ବଜେଟ୍*

ସାରଣୀରୁ ଦେଖାଗଲା ଯେ, ଆର୍ଥିକ ବର୍ଷ 2019-20 ଏବଂ 2020-21 ରେ ପ୍ରକୃତ ଟିକସ ବଣ୍ଟନ ଅର୍ଥ ଆୟୋଗର ରିପୋର୍ଟ ଆକଳନଠାରୁ କମ୍ ଥିଲା । ତେବେ 2021-22 ରୁ 2023-24 ବର୍ଷ ପାଇଁ କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ ଅର୍ଥ ଆୟୋଗ ରିପୋର୍ଟ ଆକଳନ ଠାରୁ ଅଧିକ ଥିଲା, ଯାହା ଫଳରେ 2019-24 ଅବଧିରେ ରାଜ୍ୟକୁ 2,116 କୋଟି ଟଙ୍କା ଅଧିକ ପ୍ରାପ୍ତ ହୋଇଛି। କେନ୍ଦ୍ରୀୟ ଟିକସ ହସ୍ତାନ୍ତରର ଉପାଦାନଗୁଡ଼ିକର ଧାରା **ସାରଣୀ 2.7** ରେ ଦର୍ଶାଯାଇଛି ।

**ସାରଣୀ 2.7: କେନ୍ଦ୍ରୀୟ ଟିକସ ହସ୍ତାନ୍ତର**

(ଟଙ୍କା କୋଟିରେ)

| କେନ୍ଦ୍ର ଟିକସରେ ରାଜ୍ୟର ଅଂଶର ଉପାଦାନ | 2019-20 | 2020-21 | 2021-22 | 2022-23 | 2023-24 |
|---|---|---|---|---|---|
| କେନ୍ଦ୍ରୀୟ ଦ୍ରବ୍ୟ ଓ ସେବା କର (ସିଜିଏସ୍‌ଟି) | 8,642 | 8,160 | 11,434 | 12,150 | 15,522 |
| ସମନ୍ୱିତ ଦ୍ରବ୍ୟ ଓ ସେବା କର (ଆଇଜିଏସ୍‌ଟି) | -- | -- | -- | -- | -- |
| ନିଗମ କର | 10,384 | 8,328 | 9,583 | 14,407 | 15,351 |
| ନିଗମ କର ବ୍ୟତୀତ ଆୟ ଉପରେ କର | 8,136 | 8,540 | 11,743 | 14,074 | 17,728 |
| ସୀମା ଶୁଳ୍କ | 1,930 | 1,447 | 3,031 | 1,690 | 1,792 |
| କେନ୍ଦ୍ରୀୟ ଉତ୍ପାଦନ ଶୁଳ୍କ | 1,342 | 923 | 1,719 | 530 | 678 |
| ସେବା କର | -- | 124 | 589 | 67 | 10 |
| ଅନ୍ୟାନ୍ୟ କର[11] | 20 | 21 | 45 | 71 | 63 |
| ସର୍ବମୋଟ | **30,454** | **27,543** | **38,144** | **42,989** | **51,144** |
| ପୂର୍ବ ବର୍ଷ ତୁଳନାରେ ବୃଦ୍ଧିର ପ୍ରତିଶତ | -14 | -10 | 38 | 13 | 19 |
| ରାଜ୍ୟର ରାଜସ୍ୱ ପ୍ରାପ୍ତିର ପ୍ରତିଶତ ହିସାବରେ ରାଜ୍ୟର ଅଂଶ | 30 | 26 | 25 | 29 | 28 |

*ଉତ୍ସ: ଓଡ଼ିଶା ସରକାରଙ୍କ ସଂପୃକ୍ତ ବର୍ଷର ବିତ୍ତ ଲେଖା*

*ସାରଣୀରେ ଥିବା ପ୍ରତିଶତର ଶୁନ ଡେସିମା ଲକୁ ପୂର୍ଣ୍ଣାଙ୍କ କରାଯାଇଛି ।*

[11] *ସମ୍ପତ୍ତି ଉପରେ ଟିକସ, ଆୟ ଏବଂ ବ୍ୟୟ ଉପରେ ଅନ୍ୟାନ୍ୟ ଟିକସ ଏବଂ ଦ୍ରବ୍ୟ ଏବଂ ସେବା ଉପରେ ଅନ୍ୟାନ୍ୟ ଟିକସ ଏବଂ କର ଅନ୍ତର୍ଭୁକ୍ତ କରନ୍ତୁ ।*

ଉପରୋକ୍ତ ସାରଣୀରୁ ଏହା ଦେଖାଗଲା ଯେ, ଆର୍ଥିକ ବର୍ଷ 2023-24 ରେ କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ, ପୂର୍ବ ବର୍ଷ ତୁଳନାରେ 18.97 ପ୍ରତିଶତ ବୃଦ୍ଧି ପାଇଛି । ତେବେ, ରାଜସ୍ୱ ଆଦାୟର ପ୍ରତିଶତ ହିସାବରେ ଆର୍ଥିକ ବର୍ଷ 2019-24 ରେ ଏହା କ୍ରମାଗତ ଭାବେ 25 ରୁ 30 ପ୍ରତିଶତ ମଧ୍ୟରେ ଅସ୍ଥିର ରହିଥିବା ବେଳେ ଆର୍ଥିକ ବର୍ଷ 2023-24 ରେ ଏହା ଏକ ପ୍ରତିଶତ ହ୍ରାସ ପାଇଛି ।

### *(ii) ଭାରତ ସରକାରଙ୍କ ଠାର ଅନୁଦାନ*

ଭାରତ ସରକାରଙ୍କଠାରୁ ପ୍ରାପ୍ତ ଅନୁଦାନ(ଜିଆଇଏ)ର ଧାରା ଓ ଏହାର ଉପାଦାନଗୁଡ଼ିକ ସାରଣୀ **2.8** ରେ ଦର୍ଶାଯାଇଛି ।

**ସାରଣୀ 2.8: ଭାରତ ସରକାରଙ୍କ ଠାରୁ ପ୍ରାପ୍ତ ଅନୁଦାନ**

**(ଟଙ୍କା କୋଟିରେ)**

| ତଥ୍ୟାବଳୀ | 2019-20 | 2020-21 | 2021-22 | 2022-23 | 2023-24 |
|---|---|---|---|---|---|
| କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ପାଇଁ ଅନୁଦାନ | 13,056 | 12,698 | 11,820 | 11,741 | 15,685 |
| ଅର୍ଥ ଆୟୋଗ ଅନୁଦାନ | 3,563 | 4,949 | 4,557 | 4,221 | 4,867 |
| ବିଧାନସଭା ଥିବା ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳକୁ ଅନ୍ୟାନ୍ୟ ସ୍ଥାନାନ୍ତର / ଅନୁଦାନ | 7,533 | 5,421 | 3,533 | 2,238 | 459 |
| **ସମୁଦାୟ** | **24,152** | **23,068** | **19,910** | **18,200** | **21,011** |
| ପୂର୍ବବର୍ଷ ତୁଳନାରେ ପ୍ରାପ୍ତି ବୃଦ୍ଧିର ପ୍ରତିଶତ | 23.24 | -4.49 | -13.69 | -8.59 | 15.45 |
| ରାଜସ୍ୱ ପ୍ରାପ୍ତିର ପ୍ରତିଶତ ହିସାବରେ ମୋଟ ଅନୁଦାନ | 23.78 | 22.10 | 13.01 | 12.10 | 11.70 |

***ଉତ୍ସ: ଓଡ଼ିଶା ସରକାରଙ୍କ ସଂପୃକ୍ତ ବର୍ଷର ବିତ୍ତ ଲେଖା***

**ସାରଣୀ 2.8** ଦର୍ଶାଉଛି ଯେ କେନ୍ଦ୍ରୀୟ ଅନୁଦାନ, ରାଜ୍ୟର ରାଜସ୍ୱ ପ୍ରାପ୍ତିରେ ଶତକଡ଼ା ଭାବରେ, ଆର୍ଥିକ ବର୍ଷ 2019-20 ରୁ ଆର୍ଥିକ ବର୍ଷ 2023-24 ପର୍ଯ୍ୟନ୍ତ କ୍ରମାଗତ ଭାବରେ ହ୍ରାସ ପାଇଛି । ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ (15.45 ପ୍ରତିଶତ) କେନ୍ଦ୍ରୀୟ ଅନୁଦାନ ବୃଦ୍ଧି ମୁଖ୍ୟତଃ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାଗୁଡ଼ିକୁ ଅନୁଦାନ 33.59 ପ୍ରତିଶତ ଏବଂ ଅର୍ଥ ଆୟୋଗ ଅନୁଦାନରେ 15.30 ପ୍ରତିଶତ ବୃଦ୍ଧି ଯୋଗୁଁ ହୋଇଛି । ଆର୍ଥିକ ବର୍ଷ 2023-24 ରେ ରାଜ୍ୟକୁ ଅନ୍ୟ ପ୍ରମୁଖ ସ୍ଥାନାନ୍ତର ମଧ୍ୟରେ କେନ୍ଦ୍ରୀୟ ସଡ଼କ ପାଣ୍ଠି (423.41 କୋଟି ଟଙ୍କା) ଅନ୍ତର୍ଭୁକ୍ତ ।

### *(କ) କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାଗୁଡ଼ିକ ପାଇଁ ଅନୁଦାନ*

2023-24 ରେ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା(ସିଏସ୍ଏସ୍) ପାଇଁ, 15,685 କୋଟି ଟଙ୍କାର ଅନୁଦାନ ମଧ୍ୟରୁ ଅଧିକ ପରିମାଣର ରାଶି ଦିଆଯାଇଥିବା ଯୋଜନ ଗୁଡ଼ିକ:

- **ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା (ପିଏମ୍ଏୱାଇ)-** ଗ୍ରାମୀଣ: 4,310.71 କୋଟି ଟଙ୍କା; ପୂର୍ବ ବର୍ଷ (1,723.28 କୋଟି ଟଙ୍କା) ତୁଳନାରେ 150.15 ପ୍ରତିଶତ ବୃଦ୍ଧି ।
- **ଏନ୍ଆର୍ଏଚ୍ଏମ୍ ସହିତ ଜାତୀୟ ସ୍ୱାସ୍ଥ୍ୟ ମିଶନ:** 1,972.10 କୋଟି ଟଙ୍କା; ପୂର୍ବ ବର୍ଷ (1,384.61 କୋଟି ଟଙ୍କା) ତୁଳନାରେ 42.43 ପ୍ରତିଶତ ବୃଦ୍ଧି ।
- **ସମଗ୍ର ଶିକ୍ଷା ଅଭିଯାନ:** 1,379.13 କୋଟି ଟଙ୍କା; ପୂର୍ବ ବର୍ଷ ତୁଳନାରେ 29.63 ପ୍ରତିଶତ ହ୍ରାସ (1,959.89 କୋଟି ଟଙ୍କା) ।
- **ପ୍ରଧାନ ମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍ଜିଏସ୍ୱାଇ):** 1,262.55 କୋଟି ଟଙ୍କା; ପୂର୍ବ ବର୍ଷ (1,235.88 କୋଟି ଟଙ୍କା) ତୁଳନାରେ 2.16 ପ୍ରତିଶତ ବୃଦ୍ଧି ।
- **ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମନରେଗା):** 974.01 କୋଟି ଟଙ୍କା; ପୂର୍ବ ବର୍ଷ (963.66 କୋଟି ଟଙ୍କା) ତୁଳନାରେ 1.07 ପ୍ରତିଶତ ବୃଦ୍ଧି ।

- **ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍):** 968.81 କୋଟି ଟଙ୍କା; ପୂର୍ବ ବର୍ଷ (923.92 କୋଟି ଟଙ୍କା) ତୁଳନାରେ 4.86 ପ୍ରତିଶତ ହ୍ରାସ ।
- **ଜାତୀୟ ଗ୍ରାମୀଣ ଜୀବିକା ମିଶନ (ଏନ୍ଆର୍ଏଲ୍ଏମ୍):** 763.08 କୋଟି ଟଙ୍କା; ପୂର୍ବ ବର୍ଷ (664.25 କୋଟି ଟଙ୍କା) ତୁଳନାରେ 14.88 ପ୍ରତିଶତ ବୃଦ୍ଧି ।
- **ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍ଏସ୍ଏପି):** 685.47 କୋଟି ଟଙ୍କା; ପୂର୍ବ ବର୍ଷ (680.58 କୋଟି ଟଙ୍କା) ତୁଳନାରେ 0.72 ପ୍ରତିଶତ ବୃଦ୍ଧି ।

## ଏକକ ନୋଡାଲ୍ ଏଜେନ୍ସି

ଅର୍ଥ ମନ୍ତ୍ରଣାଳୟ, ଭାରତ ସରକାର, 23.03.2021 ତାରିଖର ଚିଠି ସଂଖ୍ୟା 1(13) /ପିଏଫ୍ଏମ୍ଏସ୍/ ଏଫ୍ସିଡି/2020, ତାରିଖ 23.03.2021, ରେ ଏହାର ଏକକ ନୋଡାଲ ଏଜେନ୍ସି (ଏସ୍ଏନ୍ଏ) ମାଧ୍ୟମରେ ପ୍ରତ୍ୟେକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା (ସିଏସ୍ଏସ୍) ଅଧୀନରେ ପାଣ୍ଠି ପ୍ରଦାନ କରିବାର ପ୍ରକ୍ରିୟା ଏବଂ ସେମାନଙ୍କର ବ୍ୟବହାର ଉପରେ ନଜର ରଖିବାକୁ ବିଜ୍ଞପ୍ତି ପ୍ରକାଶ କରିଥିଲା । ପ୍ରତ୍ୟେକ ସିଏସ୍ଏସ୍ ପାଇଁ, ଏକ ଏସ୍ଏନ୍ଏ ସ୍ଥାପିତ କରାଯାଏ, ଯେଉଁଥିରେ ଏକ ଅନୁସୂଚିତ ବାଣିଜ୍ୟିକ ବ୍ୟାଙ୍କରେ ନିଜର ବ୍ୟାଙ୍କ ଆକାଉଣ୍ଟ ଥାଏ, ଯାହା ରାଜ୍ୟ ସରକାରଙ୍କ ଦ୍ୱାରା ସରକାରୀ ବ୍ୟବସାୟ କରିବାକୁ ଅନୁମତି ଦିଆଯାଇଛି । ଏହି ପ୍ରକ୍ରିୟାରେ ରାଜ୍ୟ ସରକାର ତାଙ୍କ ଆକାଉଣ୍ଟରେ ପାଇଥିବା କେନ୍ଦ୍ରୀୟ ଅଂଶକୁ ରାଜ୍ୟର ଅନୁରୂପ ଅଂଶ ସହିତ ସଂପୃକ୍ତ ଏସ୍ଏନ୍ଏଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରିଥାଆନ୍ତି ।

ଭିଏଲ୍ସି ଡାଟା ଏବଂ ଏସ୍ଏନ୍ଏ ପିଏଫ୍ଏମ୍ଏସ୍ ରିପୋର୍ଟକୁ ସମୀକ୍ଷାରେ ବିଶ୍ଳେଷଣ କରିଥିଲା ଏବଂ **ସାରଣୀ** 2.9 ରେ ଦର୍ଶାଯାଇଥିବା ଅନୁଯାୟୀ ଏସ୍ଏନ୍ଏ ଆକାଉଣ୍ଟକୁ କେନ୍ଦ୍ର ଓ ରାଜ୍ୟ ଅଂଶଧନ ସ୍ଥାନାନ୍ତରର ଡାଟାରେ ଅସମାନତା ଥିବା ଜାଣିବାକୁ ପାଇଥିଲା ।

### ସାରଣୀ 2.9 : କେନ୍ଦ୍ର ଓ ରାଜ୍ୟ ଅଂଶଧନ ହସ୍ତାନ୍ତରରେ ଅସଙ୍ଗତି

(ଟଙ୍କା କୋଟିରେ)

| ଡାଟାର ଉତ୍ସ | କେନ୍ଦ୍ରୀୟ ଅଂଶ ପ୍ରାପ୍ତି | କେନ୍ଦ୍ରୀୟ ଅଂଶ ହସ୍ତାନ୍ତର | ରାଜ୍ୟ ଅଂଶ ସ୍ଥାନାନ୍ତର | ରାଜ୍ୟ ଦ୍ୱାରା ପ୍ରଦାନ କରାଯାଇଥିବା କମ୍ ଅର୍ଥ |
|---|---|---|---|---|
| ଭିଏଲ୍ସି | 14,851.42 | 14,561.02 | 12,110.52 | 290.40 |
| ଏସ୍ଏନ୍ଏ ପିଏଫ୍ଏମ୍ଏସ୍ ରିପୋର୍ଟ | 14,851.42 | 13,696.81 | 11,779.06 | 1,154.61 |
| **ପାର୍ଥକ୍ୟ ପରିମାଣ** | **Nil** | **864.21** | **331.46** | |

***ଉତ୍ସ:** 2023-24 ଆର୍ଥିକ ବର୍ଷ ପାଇଁ ବିତ୍ତ ଲେଖା ଟିପ୍ପଣୀ 2023-24 (ଏନ୍ଟିଏ)*

ଉପରୋକ୍ତ ସାରଣୀରୁ ଜଣାପଡୁଛି ଯେ, ଭିଏଲ୍ସି ଡାଟାବେସ୍ ଅନୁଯାୟୀ, ରାଜ୍ୟ ସରକାର ଆର୍ଥିକ ବର୍ଷ 2023-24 ରେ ଏହାର ଟ୍ରେଜେରୀ ଆକାଉଣ୍ଟରେ କେନ୍ଦ୍ରୀୟ ଅଂଶ ଭାବରେ 14,851.42 କୋଟି ଟଙ୍କା ପାଇଥିଲେ । ଆର୍ଥିକ ବର୍ଷ 2024 ମାର୍ଚ୍ଚ 31 ସୁଦ୍ଧା ଟ୍ରେଜେରୀ ଆକାଉଣ୍ଟରେ ମିଳିଥିବା 14,561.02 କୋଟି ଟଙ୍କାର କେନ୍ଦ୍ରୀୟ ଅଂଶ ଏବଂ 12,110.52 କୋଟି ଟଙ୍କାର ରାଜ୍ୟ ଅଂଶକୁ ଏସ୍ଏନ୍ଏକୁ ହସ୍ତାନ୍ତର କରାଯାଇଥିଲା । ସମୁଦାୟ ହସ୍ତାନ୍ତର 26,671.54 କୋଟି ଟଙ୍କା ମଧ୍ୟରୁ 24,179.11 କୋଟି ଟଙ୍କା ବିବିଧ ବିଲରେ ହସ୍ତାନ୍ତର କରାଯାଇଥିଲା, କେନ୍ଦ୍ରୀୟ ଅନୁଦାନରେ 2,456.74 କୋଟି ଟଙ୍କା ଏବଂ ଅନ୍ୟ ଆକସ୍ମିକ ବିଲ୍ ମାଧ୍ୟମରେ 35.69 କୋଟି ଟଙ୍କା ହସ୍ତାନ୍ତର ହୋଇଥିଲା । ବ୍ୟୟ ସମ୍ବନ୍ଧରେ ବିସ୍ତୃତ ଭାଉଚର ଏବଂ ସହାୟକ ଦଲିଲଗୁଡ଼ିକ, ଏସ୍ଏନ୍ଏ ରୁ ପ୍ରମୁଖ ମହାଲେଖାକାର (ଲେଖା ଓ ହକ୍‌ଦାରୀ) କାର୍ଯ୍ୟାଳୟକୁ ମିଳିନଥିଲା । ଅବଶିଷ୍ଟ 290.40 କୋଟି ଟଙ୍କା ହସ୍ତାନ୍ତର ହୋଇନାହିଁ ।

ଏସ୍ଏନ୍ଏର ପିଏଫ୍ଏମ୍ଏସ୍ ରିପୋର୍ଟ ଅନୁଯାୟୀ, ରାଜ୍ୟ ସରକାର ଏହାର ଟ୍ରେଜେରୀ ଆକାଉଣ୍ଟରେ 2023-24 ଆର୍ଥିକ ବର୍ଷରେ କେନ୍ଦ୍ରୀୟ ଅଂଶ ଭାବରେ 14,851.42 କୋଟି ଟଙ୍କା ପାଇଥିଲେ । 31 ମାର୍ଚ୍ଚ 2024 ସୁଦ୍ଧା, ସରକାର କେନ୍ଦ୍ରୀୟ ଅଂଶ

13,696.81 କୋଟି ଟଙ୍କା ଟ୍ରେଜେରୀ ଆକାଉଣ୍ଟରେ ପ୍ରାପ୍ତ ଏବଂ 11,779.06 କୋଟି ଟଙ୍କା ରାଜ୍ୟ ଅଂଶଧନକୁ ଏସଏନ୍ଏକୁ ହସ୍ତାନ୍ତର କରିଛନ୍ତି । ଏସ୍ଏନ୍ଏ ରିପୋର୍ଟ ଅନୁଯାୟୀ, ପିଏଫ୍ଏମ୍ଏସ୍ ପୋର୍ଟାଲରେ, 31 ମାର୍ଚ୍ଚ 2024 ସୁଦ୍ଧା, ଏସ୍ଏନ୍ଏ ଗୁଡ଼ିକର ବ୍ୟାଙ୍କ ଆକାଉଣ୍ଟରେ 10,016.50 କୋଟି ଟଙ୍କା ଖର୍ଚ୍ଚ ହୋଇନାହିଁ । ଏହି ପାର୍ଥକ୍ୟର ପୁନଃସମନ୍ୱୟ ଆବଶ୍ୟକ । ଅବଶିଷ୍ଟ 1,154.61 କୋଟି ଟଙ୍କା ହସ୍ତାନ୍ତର ହୋଇନାହିଁ ।

### *(ଖ) ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ*

ସ୍ଥାନୀୟ ସଂସ୍ଥା, ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏସ୍ଡିଆର୍ଏଫ୍) ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍ଡିଏମ୍ଏଫ୍) ପାଇଁ ରାଜ୍ୟମାନଙ୍କୁ ପଞ୍ଚଦଶ ଅର୍ଥ ଆୟୋଗ (15ତମ ଏଫ୍ସି) ଅନୁଦାନ ପ୍ରଦାନ କରାଯାଇଥିଲା । ଭାରତ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅନୁଦାନର ବିବରଣୀ **ସାରଣୀ 2.10** ରେ ଦର୍ଶାଯାଇଛି ।

**ସାରଣୀ 2.10: ଅର୍ଥ ଆୟୋଗ ସୁପାରିଶ କ୍ରମେ ଭାରତ ସରକାରଙ୍କ ଦ୍ୱାରା ସୁପାରିଶ ଅନୁଦାନ, ପ୍ରକୃତ ପ୍ରଦାନ ଓ ସହାୟକ ଅନୁଦାନ ସ୍ଥାନାନ୍ତରଣ**

**(ଟଙ୍କା କୋଟିରେ)**

| ସ୍ଥାନାନ୍ତରଣ | | 15ତମ ଅର୍ଥ ଆୟୋଗ ସୁପାରିଶ ବର୍ଷ 2023-24 ପାଇଁ | ଭାରତ ସରକାରଙ୍କ ଦ୍ୱାରା ପ୍ରକୃତ ପ୍ରଦାନ, ବର୍ଷ 2023-24 ମଧ୍ୟରେ | ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ (ଭାରତ ସରକାରଙ୍କ ମୋଟ ପ୍ରଦାନ ପ୍ରତିଶତରେ) |
|---|---|---|---|---|
| **(i)** ଗ୍ରାମୀଣ ସ୍ଥାନୀୟ ସଂସ୍ଥା | | **1,747** | 1,746.91 | 1,748.39 (100) |
| (କ) ଉଲ୍ଲେଖନୀୟ ଅନୁଦାନ/ ଟାଏଡ୍ ଅନୁଦାନ# | | 1,048.20 | 1,048.15 | 1,049.04 (100) |
| (ଖ) ଅନ୍ଟାଏଡ୍ ଅନୁଦାନ | | 698.80 | 698.76 | 699.36 (100) |
| **(ii)** ସହରୀ ସ୍ଥାନୀୟ ସଂସ୍ଥାକୁ ଅନୁଦାନ | | **900** | 846.66 | 846.66 (100) |
| (କ) ଏକ ଅୟୁତରୁ କମ୍ ଜନସଂଖ୍ୟା ଥିବା ସହର (କାର୍ଯ୍ୟଦକ୍ଷତା ଟାଏଡ୍ ଅନୁଦାନ)# | | 540 | 508.00 | 508 (100) |
| (ଖ) ଏକ ଅୟୁତରୁ ଅଧିକ ଜନସଂଖ୍ୟା ଥିବା ସହର (ସାଧାରଣ ମୌଳିକ/ ଅନ୍ଟାଏଡ୍ ଅନୁଦାନ ) | | 360 | 338.66 | 338.66 (100) |
| **(iii)** ସ୍ୱାସ୍ଥ୍ୟ କ୍ଷେତ୍ରକୁ ଅନୁଦାନ | | **485** | **336.15** | **336.15 (100)** |
| ସ୍ଥାନୀୟ ସଂସ୍ଥାକୁ ମୋଟ୍ **(i+ii+iii)** | | **3,132.00** | **2,593.57** | **2,595.05 (100)** |
| ରାଜ୍ୟ ବିପର୍ଯ୍ୟୟ ମୁକାବିଲାପାଣ୍ଠି (ଏସ୍ଡିଆରଏଫ୍) | କେନ୍ଦ୍ରୀୟ ଅଂଶ | 1,415.20 | 1,415.20 | 1,415.20(100) |
| | ରାଜ୍ୟ ଅଂଶ | 471.20 | 471.20 | 471.20 (100) |
| ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍ଡିଏମ୍ଏଫ୍) | କେନ୍ଦ୍ରୀୟ ଅଂଶ | 353.80 | 522.30[12] | 522.30 (100) |
| | ରାଜ୍ୟ ଅଂଶ | 117.80 | 173.90[13] | 173.90 (100) |
| ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ଓ ପରିଚାଳନା ପାଇଁ ମୋଟ ପାଣ୍ଠି( ଏସ୍ଡିଆରଏମ୍ଏଫ୍) | | **2,358.00** | **2,582.60** | **2,582.60 (100)** |

***ଉତ୍ସ: ଆର୍ଥିକ ବର୍ଷ 2023-24 ର ବିତ୍ତ ଲେଖା ଏବଂ ଅର୍ଥ ଆୟୋଗ ସୁପାରିଶ (ଏଫ୍ସିଆର୍)***

#: ପାନୀୟ ଜଳ, ବର୍ଷା ଜଳ ଅମଳ, ପରିମଳ ପରିଚାଳନା ଇତ୍ୟାଦି ପାଇଁ ।

ପଞ୍ଚାୟତି ରାଜ ଗୁଡ଼ିକୁ ପ୍ରଦାନ କରିବା ପାଇଁ ପଞ୍ଚଦଶ ଅର୍ଥ ଆୟୋଗ ଦ୍ୱାରା ସୁପାରିଶ କରାଯାଇଥିବା 1,747.00 କୋଟି ଟଙ୍କା ତୁଳନାରେ, ଭାରତ ସରକାର ଆର୍ଥିକ ବର୍ଷ 2023-24 ରେ 1,746.91 କୋଟି ଟଙ୍କା ପ୍ରଦାନ କରିଥିଲେ । ଏହି ସମୟ ମଧ୍ୟରେ ଓଡ଼ିଶା ସରକାରଙ୍କ ଦ୍ୱାରା, ଭାରତ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସମ୍ପୂର୍ଣ୍ଣ ରାଶି, ପଞ୍ଚାୟତିରାଜ ଅନୁଷ୍ଠାନ ମାନଙ୍କୁ ପ୍ରଦାନ କରାଯାଇଥିଲା ।

---

[12] *2023-24ରେ ଭାରତ ସରକାର ଜାରି କରିଥିବା 522.30 କୋଟି ଟଙ୍କା ମଧ୍ୟରୁ 168.50 କୋଟି ଟଙ୍କା 2022-23 ଆର୍ଥିକ ବର୍ଷର ବକେୟା ରହିଛି*

[13] *2023-24ରେ ଭାରତ ସରକାର ଜାରି କରିଥିବା 173.90 କୋଟି ଟଙ୍କା ମଧ୍ୟରୁ 56.10 କୋଟି ଟଙ୍କା 2022-23 ବର୍ଷର ବକେୟା ରାଶିର ଥିଲା*

- 2023-24 ବର୍ଷ ମଧ୍ୟରେ ସହରୀ ସ୍ଥାନୀୟ ସଂସ୍ଥା ପାଇଁ, ପଞ୍ଚଦଶ ଅର୍ଥ ଆୟୋଗ ଦ୍ୱାରା ସୁପାରିଶ୍ କରାଯାଇଥିବା 900 କୋଟି ଟଙ୍କା ଥିବା ସ୍ଥଳେ ଭାରତ ସରକାର 846.66 କୋଟି ଟଙ୍କା ପ୍ରଦାନ କରିଥିଲେ ଏବଂ ଓଡ଼ିଶା ସରକାର ସହରୀ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସମାନ ରାଶି ପ୍ରଦାନ କରିଥିଲେ ।
- 2023-24 ବର୍ଷ ମଧ୍ୟରେ ପଞ୍ଚଦଶ ଅର୍ଥ ଆୟୋଗ ଦ୍ୱାରା ସୁପାରିଶ ଅନୁଯାୟୀ, ଭାରତ ସରକାର ରାଜ୍ୟକୁ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିକୁ (ଏସ୍‌ଡିଆର୍‌ଏଫ୍)1,415.20 କୋଟି ଟଙ୍କା ପ୍ରଦାନ କରିଥିବା ବେଳେ, ଓଡ଼ିଶା ସରକାର ଏହି ପାଣ୍ଠିକୁ 1,886.40 କୋଟି ଟଙ୍କା (କେନ୍ଦ୍ର ଅଂଶ 1,415.20 କୋଟି ଟଙ୍କା ଏବଂ ରାଜ୍ୟ ଅଂଶ 471.20 କୋଟି ଟଙ୍କା) ପ୍ରଦାନ କରିଛନ୍ତି ।
- ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏସ୍‌ଡିଆର୍‌ଏଫ୍) ବାବଦରେ ଭରତ ସରକାର ପୂର୍ବ ବର୍ଷର ବକେୟା ରାଶିକୁ ମିଶାଇ 522.30 କୋଟି ଟଙ୍କା ପ୍ରଦାନ କରିଛନ୍ତି । ରାଜ୍ୟ ସରକାର ବିନା କୌଣସି କମ୍ ହସ୍ତାନ୍ତରରେ ସମ୍ପୂର୍ଣ୍ଣ ପାଣ୍ଠି ପ୍ରଦାନ କରିଛନ୍ତି ।

## 2.3.3 ପୁଞ୍ଜି ବିଭାଗ ଅଧୀନରେ ପ୍ରାପ୍ତି

ପୁଞ୍ଜି ପ୍ରାପ୍ତିଗୁଡ଼ିକ ବିଭିନ୍ନ ପୁଞ୍ଜି ପ୍ରାପ୍ତିକୁ ନେଇ ଗଠିତ, ଯେପରିକି ବିନିଯୋଗରୁ ଆୟ, ଋଣ ଏବଂ ଅଗ୍ରୀମ ଆଦାୟ, ଆଭ୍ୟନ୍ତରୀଣ ଉତ୍ସରୁ ଋଣ ପ୍ରାପ୍ତି (ବଜାର ଋଣ, ଆର୍ଥିକ ପ୍ରତିଷ୍ଠାନ/ ବାଣିଜ୍ୟିକ ବ୍ୟାଙ୍କରୁ ଋଣ) ଏବଂ ଭାରତ ସରକାରଙ୍କ ଠାରୁ ଋଣ ଏବଂ ଅଗ୍ରୀମ ।

ଆର୍ଥିକ ବର୍ଷ 2019-20 ରୁ 2023-24 ମଧ୍ୟରେ ପୁଞ୍ଜି ପ୍ରାପ୍ତି ଏବଂ ସେମାନଙ୍କର ଉପାଦାନଗୁଡ଼ିକର ଧାରା, **ସାରଣୀ 2.11** ରେ ପ୍ରଦର୍ଶିତ ହୋଇଛି ।

**ସାରଣୀ 2.11: ପୁଞ୍ଜି ପ୍ରାପ୍ତିର ଅଭିବୃଦ୍ଧି ଓ ଗଠନର ଧାରା**

(ଟଙ୍କା କୋଟିରେ)

| ରାଜ୍ୟ ପ୍ରାପ୍ତିର ଉତ୍ସ | 2019-20 | 2020-21 | 2021-22 | 2022-23 | 2023-24 |
|---|---|---|---|---|---|
| **ପୁଞ୍ଜିଗତ ଆୟ (ସିଆର୍)** | **14,966** | **21,002** | **14,346** | **6,179** | **18,682** |
| ବିବିଧ ପୁଞ୍ଜିଗତ ପ୍ରାପ୍ତି | 0 | 0 | 0 | 0 | **0** |
| ଋଣ ଓ ଅଗ୍ରୀମ ପରିଶୋଧ | 287 | 684 | 1,566 | 832 | 559 |
| ସରକାରୀ ଋଣ ପ୍ରାପ୍ତି | 14,679 | 20,318 | 12,780 | 5,347 | 18,123 |
| ଆଭ୍ୟନ୍ତରଣ ଋଣ | 13,721 | 15,191 | 5,174 | 4,328 | 13,821 |
| ବୃଦ୍ଧି ହାର (ପ୍ରତିଶତ) | 52.12 | 10.71 | -65.94 | -16.35 | 219.34 |
| ଭାରତ ସରକାରଙ୍କ ଠାରୁ ଋଣ ଓ ଅଗ୍ରୀମ# | 958 | 5,127 | 7,606 | 1,019 | 4,302 |
| ବୃଦ୍ଧି ହାର (ପ୍ରତିଶତ) | -2.54 | 435.18 | 48.35 | -86.60 | 322.18 |
| ପୁଞ୍ଜିଗତ ଋଣ ପ୍ରାପ୍ତିର ବୃଦ୍ଧି ହାର (ପ୍ରତିଶତ) | 46.75 | 38.42 | -37.10 | -58.16 | 238.94 |
| ପୁଞ୍ଜିଗତ ଅଣ ଋଣ ପ୍ରାପ୍ତିର ବୃଦ୍ଧି ହାର (ପ୍ରତିଶତ) | -5.90 | 138.33 | 128.95 | -46.87 | -32.81 |
| ଜିଏସ୍‌ଡିପିର ବୃଦ୍ଧି ହାର (ପ୍ରତିଶତ) | 7.80 | 0.50 | 29.03 | 8.97 | 12.37 |
| ପୁଞ୍ଜିଗତ ପ୍ରାପ୍ତିର ବୃଦ୍ଧି ହାର (ପ୍ରତିଶତ) | 45.19 | 40.33 | -31.69 | -56.93 | 202.35 |

*ଉତ୍ସ: ଓଡ଼ିଶା ସରକାରଙ୍କ ସଂପୃକ୍ତ ବର୍ଷର ବିତ୍ତ ଲେଖା*

*# ଆର୍ଥିକ ବର୍ଷ 2020-21 ଏବଂ 2021-22 ପାଇଁ ଦିଆଯାଇଥିବା ପରିମାଣରେ କ୍ରମାନ୍ୱୟରେ 3,822 କୋଟି ଟଙ୍କା ଏବଂ 6,430 କୋଟି ଟଙ୍କାର ଋଣ ଅନ୍ତର୍ଭୁକ୍ତ, ଯାହା ଭାରତ ସରକାରଙ୍କ ଦ୍ୱାରା ଦ୍ରବ୍ୟ ଓ ସେବା କରରେ କମ୍ ଭରଣା କରିବାକୁ ପଛକୁ ପଛ ଋଣ ବାବଦରେ ଦିଆଯାଇଛି, ଯାହା ରାଜ୍ୟକୁ ତାର ନିଜସ୍ୱ ଉତ୍ସରୁ ପରିଶୋଧ କରିବାକୁ ହେବ ନାହିଁ ।*

2023-24 ଆର୍ଥିକ ବର୍ଷରେ ପୁଞ୍ଜିଗତ ପ୍ରାପ୍ତି (18,682 କୋଟି ଟଙ୍କା) ରାଜ୍ୟର ମୋଟ ଆୟ (2,13,769 କୋଟି ଟଙ୍କା) ର 8.74 ପ୍ରତିଶତ ଥିଲା । **ସାରଣୀ 2.11** ରୁ ଜଣାଗଲା ଯେ, ପୂର୍ବ ବର୍ଷ ତୁଳନାରେ (6,719 କୋଟି ଟଙ୍କା) ଚଳିତ ବର୍ଷ ପୁଞ୍ଜି ପ୍ରାପ୍ତ (18,682 କୋଟି ଟଙ୍କା) ରେ (202.35 ପ୍ରତିଶତ) ଯଥେଷ୍ଟ ବୃଦ୍ଧି ଘଟିଛି । ଏହା 239 ପ୍ରତିଶତ ସରକାରୀ ଋଣ ଆଦାୟ ହେତୁ, ଆର୍ଥିକ ବର୍ଷ 2022-23 ରେ 5,347 କୋଟି ଟଙ୍କାରୁ ଆର୍ଥିକ ବର୍ଷ 2023-24 ରେ 18,123 କୋଟି ଟଙ୍କାକୁ ବୃଦ୍ଧି ହୋଇଥିଲା ।

ଆର୍ଥିକ ବର୍ଷ 2023-24 ରେ ରାଜ୍ୟ ସରକାର ଖୋଲା ବଜାରରୁ 1.25 କୋଟି ଟଙ୍କା, ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କରୁ 4,106.54 କୋଟି ଟଙ୍କା ଏବଂ ଅନ୍ୟ ଆର୍ଥିକ ଅନୁଷ୍ଠାନରୁ 9,713.60 କୋଟି ଟଙ୍କା ଋଣ ନେଇଥିଲେ । ଏହା ବ୍ୟତୀତ, ଓଡ଼ିଶା ସରକାର ଭାରତ ସରକାରଙ୍କ ଠାରୁ 4,301.93 କୋଟି ଟଙ୍କା ଋଣ ନେଇଛନ୍ତି ।

## 2.3.4 ସମ୍ବଳ ସଂଗ୍ରହରେ ରାଜ୍ୟର କାର୍ଯ୍ୟଦକ୍ଷତା

ନିଜସ୍ୱ ଟିକସ ଏବଂ ଅଣ-ଟିକସ ଉତ୍ସକୁ ନେଇ ଗଠିତ ନିଜସ୍ୱ ସମ୍ବଳ ଦୃଷ୍ଟିରୁ ସମ୍ବଳ ସଂଗ୍ରହରେ ରାଜ୍ୟର କାର୍ଯ୍ୟଦକ୍ଷତା ଆକଳନ କରାଯାଏ ।

ପଞ୍ଚଦଶ ଅର୍ଥ ଆୟୋଗ ଏବଂ ବଜେଟ୍ ଆକଳନ ଦ୍ୱାରା କରାଯାଇଥିବା ମୂଲ୍ୟାଙ୍କନ  ତୁଳନାରେ 2023-24 ବର୍ଷ ପାଇଁ ରାଜ୍ୟର ପ୍ରକୃତ ନିଜସ୍ୱ ଟିକସ ଏବଂ ଅଣ-ଟିକସ ରାଜସ୍ୱ **ସାରଣୀ 2.12** ରେ ଦର୍ଶାଯାଇଛି ।

**ସାରଣୀ 2.12: ଆର୍ଥିକ ବର୍ଷ 2023-24 ରେ ଆକଳନ ତୁଳନାରେ ଟିକସ ଓ ଅଣଟିକସ ପ୍ରାପ୍ତି**

(ଟଙ୍କା କୋଟିରେ)

| ସମ୍ବଳ | ପଞ୍ଚଦଶ ଅର୍ଥ ଆୟୋଗର ସମ୍ଭାବ୍ୟ ଆକଳନ | ବଜେଟ ଆକଳନ | ପ୍ରକୃତ | ପ୍ରକୃତର ଅମେଳର ପ୍ରତିଶତ | |
|---|---|---|---|---|---|
| | | | | ପଞ୍ଚଦଶ ଅର୍ଥ ଆୟୋଗର ସମ୍ଭାବ୍ୟ ଆକଳନ | ବଜେଟ ଆକଳନ |
| ନିଜସ୍ୱ ଟିକସ ରାଜସ୍ୱ | 40,254 | 53,000 | 54,427 | 35.21⇑ | 2.69⇑ |
| ଅଣ ରାଜସ୍ୱ ଟିକସ | 19,275 | 52,500 | 53,011 | 175.02⇑ | 0.97⇑ |

*ଉତ୍ସ: ପଞ୍ଚଦଶ ଅର୍ଥ ଆୟୋଗ ରିପୋର୍ଟ, 2023-24 ଆର୍ଥିକ ବର୍ଷ ପାଇଁ ବିତ୍ତ ଲେଖା ଏବଂ ଓଡ଼ିଶା ସରକାରଙ୍କର ବଜେଟର ଏକ ଦୃଷ୍ଟିପାତ*

ତେଣୁ, 2023-24 ରେ ରାଜ୍ୟର ନିଜସ୍ୱ ଟିକସ ରାଜସ୍ୱ ଏବଂ ଅଣ-ଟିକସ ରାଜସ୍ୱ ପଞ୍ଚଦଶ ଅର୍ଥ ଆୟୋଗ ଏବଂ ବଜେଟ୍ ଆକଳନ ଦ୍ୱାରା କରାଯାଇଥିବା ଆକଳନ ଠାରୁ  ଯଥାକ୍ରମେ ଅଧିକ ଥିଲା ।

## 2.4 ସମ୍ବଳର ପ୍ରୟୋଗ

ଆର୍ଥିକ ଦାୟିତ୍ୱବୋଧ ଆଇନର ଢାଞ୍ଚାରେ ବ୍ୟୟ ବରାଦ କରିବାର ଦାୟିତ୍ୱ ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ ହୋଇଥିବାବେଳେ ଏହା ସହିତ ରାଜ୍ୟରେ ଚାଲିଥିବା ବିତ୍ତୀୟ ସଂଶୋଧନ ଓ ଏକୀକରଣ ପ୍ରକ୍ରିୟା ପୁଞ୍ଜି ଭିତ୍ତିଭୂମି ଏବଂ ସାମାଜିକ କ୍ଷେତ୍ରର ବିକାଶ ଦିଗରେ ଉଦ୍ଦିଷ୍ଟ ବ୍ୟୟ ବ୍ୟୟରେ ନୁହେଁ ବୋଲି ସୁନିଶ୍ଚିତ କରାଯାଏ । ରାଜ୍ୟରେ ବ୍ୟୟ ଆବଣ୍ଟନର ବିଶ୍ଳେଷଣ, ପରବର୍ତ୍ତୀ ଅନୁଚ୍ଛେଦରେ ଦିଆଯାଇଛି ।

### ଅଭିବୃଦ୍ଧି ଏବଂ ଖର୍ଚ୍ଚର ରଚନା

**ରାଜସ୍ୱ ବ୍ୟୟ:** ରକ୍ଷଣାବେକ୍ଷଣ, ମରାମତି, ଅଧୁନାତନ ରଖିବା ଏବଂ କାର୍ଯ୍ୟ ଖର୍ଚ୍ଚ. ଯାହା ସମ୍ପତ୍ତିକୁ ଚଳନ୍ତା କ୍ରମରେ ବଜାୟ ରଖିବା ପାଇଁ ଆବଶ୍ୟକ, ଏବଂ ପ୍ରତିଷ୍ଠାନ ଏବଂ ପ୍ରଶାସନିକ ଖର୍ଚ୍ଚ ସମେତସଂସ୍ଥାର ଦୈନନ୍ଦିନ ପରିଚାଳନା ପାଇଁ ହେଉଥିବା ଅନ୍ୟ ସମସ୍ତ ଖର୍ଚ୍ଚକୁ ରାଜସ୍ୱ ଖର୍ଚ୍ଚ ଭାବରେ ବର୍ଗୀକୃତ କରାଯିବ ।

**ପୁଞ୍ଜିଗତ ବ୍ୟୟ:** କୌଣସି ପ୍ରକଳ୍ପର ପ୍ରଥମ ନିର୍ମାଣ ପାଇଁ ସମସ୍ତ ଦେୟ ଏବଂ କାର୍ଯ୍ୟର ତୁରନ୍ତ ରକ୍ଷଣାବେକ୍ଷଣ ପାଇଁ ଦେୟ ସେବା ପାଇଁ ଖୋଲା ନଥିବାବେଳେ ଏଥିରେ ଅଧିକ ଯୋଗ ଏବଂ ଉନ୍ନତି ପାଇଁ ଦେୟମଧ୍ୟ, ଯେପରିକି ଦକ୍ଷ ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ନିୟମ ଅନୁଯାୟୀ ମଞ୍ଜୁରୀ ହୋଇପାରେ, ପୁଞ୍ଜିଗତ ବ୍ୟୟଭାବରେ ଶ୍ରେଣୀଭୁକ୍ତ କରାଯିବ ।

**ଋଣ ଓ ଅଗ୍ରୀମ:** ରାଷ୍ଟ୍ରାୟତ ଉଦ୍ୟୋଗ (ପିଏସ୍‌ୟୁ) ଏବଂ ଅନ୍ୟାନ୍ୟ ସଂସ୍ଥାକୁ ସରକାରଙ୍କ ଦ୍ୱାରା ଋଣ ଏବଂ ଅଗ୍ରୀମ ।

ସାମଗ୍ରିକ ବ୍ୟୟ ଏବଂ ଏହାର ଉପାଦାନଗୁଡ଼ିକ ର ଧାରା ***ପରିଶିଷ୍ଟ 2.2***, **ସାରଣୀ 2.13** ଏବଂ **ରେଖାଚିତ୍ର 2.8** ରେ ଦର୍ଶାଯାଇଛି ।


**ସାରଣୀ 2.13: ମୋଟ ବ୍ୟୟ ଏବଂ ଏହାର ଗଠନ**

**(ଟଙ୍କା କୋଟିରେ)**

| ମାପକ | 2019-20 | 2020-21 | 2021-22 | 2022-23 | 2023-24 |
|---|---|---|---|---|---|
| ମୋଟ ବ୍ୟୟ (ଟିଇ) | 1,20,673 | 1,14,857 | 1,34,000 | 1,66,513 | 1,94,895 |
| ରାଜସ୍ୱ ବ୍ୟୟ (ଆର୍‌ଇ) | 99,137 | 95,311 | 1,09,588 | 1,31,006 | 1,48,832 |
| ପୁଞ୍ଜିଗତ ବ୍ୟୟ (ସିଇ) | 20,277 | 17,949 | 22,726 | 33,349 | 43,273 |
| ଋଣ ଓ ଅଗ୍ରୀମ | 1,259 | 1,597 | 1,686 | 2,158 | 2,790 |
| **ଜିଏସ୍‌ଡିପିର ପ୍ରତିଶତ ସ୍ୱରୂପ** | | | | | |
| ଟିଇ/ ଜିଏସ୍‌ଡିପି | 22.45 | 21.26 | 19.22 | 21.92 | 22.83 |
| ଆର୍‌ଇ/ ଜିଏସ୍‌ଡିପି | 18.44 | 17.64 | 15.72 | 17.25 | 17.44 |
| ପିଞ୍ଜିଗତ ବ୍ୟୟ/ ଜିଏସ୍‌ଡିପି | 3.77 | 3.32 | 3.26 | 4.39 | 5.07 |

***ଉତ୍ସ: ଓଡ଼ିଶା ସରକାରଙ୍କର ସଂପୃକ୍ତ ବର୍ଷର ବିତ୍ତ ଲେଖା***

**ରେଖାଚିତ୍ର 2.8: ସମୁଦାୟ ବ୍ୟୟ: ଏହାର ଅଂଶର ଗଠନର ଧାରା**




***ଉତ୍ସ: ଓଡ଼ିଶା ସରକାରଙ୍କର ସଂପୃକ୍ତ ବର୍ଷର ବିତ୍ତ ଲେଖା***

**ସାରଣୀ 2.13** ଦର୍ଶାଏ ଯେ, ମୋଟ ବ୍ୟୟ 2019-20 ଆର୍ଥିକ ବର୍ଷରେ 1,20,673 କୋଟି ଟଙ୍କାରୁ 74,222 କୋଟି ଟଙ୍କା (61.51 ପ୍ରତିଶତ) ବୃଦ୍ଧି ପାଇ 2023-24 ଆର୍ଥିକ ବର୍ଷରେ 1,94,895 କୋଟି ଟଙ୍କାରେ ପହଞ୍ଚିଛି ଏବଂ ପାଞ୍ଚ ବର୍ଷ ମଧ୍ୟରେ ଜିଏସ୍‌ଡିପିର 19.22 ପ୍ରତିଶତରୁ 22.83 ପ୍ରତିଶତ ମଧ୍ୟରେ ରହିଛି । **ରେଖାଚିତ୍ର 2.8** ରେ ଦର୍ଶାଯାଇଛି ଯେ 2019-20 ରୁ 2023-24 ଆର୍ଥିକ ବର୍ଷ ମଧ୍ୟରେ ରାଜସ୍ୱ ବ୍ୟୟ ମୋଟ ଖର୍ଚ୍ଚର ପ୍ରମୁଖ ଅନୁପାତ (76.37 ରୁ 82.98 ପ୍ରତିଶତ) ଥିଲା । ତେବେ, 2019-20 ପର ଠାରୁ ମୋଟ ବ୍ୟୟରେ ରାଜସ୍ୱ ଖର୍ଚ୍ଚର ଅନୁପାତ ହ୍ରାସ ପାଇବାରେ ଲାଗିଛି । ଅନ୍ୟପକ୍ଷରେ ପୁଞ୍ଜିଗତ ବ୍ୟୟ ମୋଟ

ଖର୍ଚ୍ଚର 15.63 ପ୍ରତିଶତ ରୁ 22.20 ପ୍ରତିଶତ ମଧ୍ୟରେ ରହିଛି । କୋଭିଡ ଅବଧିରେ ଜିଏସ୍‌ଡିପିର ପ୍ରତିଶତ ହିସାବରେ ପୁଞ୍ଜି ବ୍ୟୟ 3.26 ପ୍ରତିଶତ ରୁ 3.32 ପ୍ରତିଶତ ମଧ୍ୟରେ ରହିଥିଲା, କିନ୍ତୁ 2022-23 ଆର୍ଥିକ ବର୍ଷରେ ଏହା ବୃଦ୍ଧି ପାଇ 2023-24 ରେ ଜିଏସ୍‌ଡିପିର 5.07 ପ୍ରତିଶତରେ ପହଞ୍ଚିଛି ।

2019-20 ରୁ 2023-24 ମଧ୍ୟରେ ବ୍ୟୟର ବିଭିନ୍ନ କ୍ଷେତ୍ରର ଆପେକ୍ଷିକ ଅଂଶ **ସାରଣୀ 2.14** ଏବଂ **ରେଖାଚିତ୍ର 2.9** ରେ ଦର୍ଶାଯାଇଛି ।


**ସାରଣୀ 2.14: ବ୍ୟୟର ବିଭିନ୍ନ କ୍ଷେତ୍ରର ଆପେକ୍ଷିକ ଅଂଶ**

(ଟଙ୍କା କୋଟିରେ)

| ମାପକ | 2019-20 | 2020-21 | 2021-22 | 2022-23 | 2023-24 |
|---|---|---|---|---|---|
| ସାଧାରଣ ସେବା | 29,406 | 29,139 | 33,838 | 49,268 | 43,591 |
| ସାମାଜିକ ସେବା | 48,781 | 44,424 | 53,315 | 61,061 | 72,954 |
| ଆର୍ଥିକ ସେବା | 39,793 | 38,367 | 43,647 | 52,442 | 74,010 |
| ଅନ୍ୟାନ୍ୟ (ସ୍ଥାନୀୟ ସଂସ୍ଥାକୁ ଅନୁଦାନ ଏବଂ ଋଣ ଓ ଅଗ୍ରୀମ) | 2,693 | 2,927 | 3,200 | 3,742 | 4,340 |

*ଉତ୍ସ: ଓଡ଼ିଶା ସରକାରଙ୍କର ସଂପୃକ୍ତ ବର୍ଷର ବିତ୍ତ ଲେଖା*

**ରେଖାଚିତ୍ର 2.9: ମୋଟ ବ୍ୟୟ-କାର୍ଯ୍ୟକ୍ରମରେ ବ୍ୟୟ**




*ଉତ୍ସ: ଓଡ଼ିଶା ସରକାରଙ୍କର ସଂପୃକ୍ତ ବର୍ଷର ବିତ୍ତ ଲେଖା*


**ରେଖାଚିତ୍ର 2.9** ଦର୍ଶାଉଛି ଯେ ଗତ ପାଞ୍ଚ ବର୍ଷ ମଧ୍ୟରେ ସାଧାରଣ ସେବାର ଆପେକ୍ଷିକ ଅଂଶ ଅପେକ୍ଷା ସ୍ଥିର ରହିଥିଲା, ଯାହାକି 22.37 ପ୍ରତିଶତ ରୁ 29.59 ପ୍ରତିଶତ ମଧ୍ୟରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆର୍ଥିକ ବର୍ଷ 2022-23 ରେ ଉଲ୍ଲେଖନୀୟ ବୃଦ୍ଧି ଘଟି 29.59 ପ୍ରତିଶତ ହୋଇଥିବାବେଳେ, 2023-24 ରେ ଏହା 22.37 ପ୍ରତିଶତକୁ ହ୍ରାସ ପାଇଛି । ବିବିଧ ସାଧାରଣ ସେବା ଅଧିନରେ 2022-23 ଆର୍ଥିକ ବର୍ଷ ତୁଳନାରେ ବଜେଟ୍ ସ୍ଥିରତା ପାଣ୍ଠିକୁ 8,700 କୋଟି ଟଙ୍କା କମ୍ ହସ୍ତାନ୍ତର ଯୋଗୁଁ ଏହି ହ୍ରାସ ଘଟିଛି । 2019-20 ରୁ 2022-23 ଆର୍ଥିକ ବର୍ଷ ମଧ୍ୟରେ ସାମାଜିକ ସେବା ଅଧୀନରେ ବ୍ୟୟ (36.67 ପ୍ରତିଶତ ରୁ 40.42 ପ୍ରତିଶତ ମଧ୍ୟରେ) ଏବଂ ଅର୍ଥନୈତିକ ସେବା (31.49 ପ୍ରତିଶତ ରୁ 37.97 ପ୍ରତିଶତ ମଧ୍ୟରେ) ଉପରେ ପ୍ରାଧାନ୍ୟ

ରହିଛି । ତେବେ, ଆର୍ଥିକ ବର୍ଷ 2023-24 ରେ ଅର୍ଥନୈତିକ ସେବାର ଅଂଶରେ ଉଲ୍ଲେଖନୀୟ ବୃଦ୍ଧି (21,568 କୋଟି ଟଙ୍କା) ସହ ଏହି ସମୟ ମଧ୍ୟରେ ପ୍ରଥମ ଥର ପାଇଁ ସାମାଜିକ ସେବାକୁ ସାମାନ୍ୟ (0.54 ପ୍ରତିଶତ) ଅତିକ୍ରମ କରିଛି ।

ସ୍ଥାନୀୟ ସଂସ୍ଥାକୁ ଅନୁଦାନ ଏବଂ ଋଣ ଏବଂ ଅଗ୍ରୀମ କ୍ରମାଗତ ଭାବରେ ବ୍ୟୟର ସର୍ବନିମ୍ନ ଅଂଶ 2.23 ପ୍ରତିଶତ ରୁ 2.55 ପ୍ରତିଶତ ମଧ୍ୟରେ ଥିଲା । ଏହା ସାମାନ୍ୟ ଅସ୍ଥିର ଥିଲା, କିନ୍ତୁ ବର୍ଷ ବର୍ଷ ଧରି ସହି ଅଂଶ ଯଥେଷ୍ଟ ସ୍ଥିର ରହିଥିଲା । **ରେଖାଚିତ୍ର 2.10** ରେ କାର୍ଯ୍ୟ ଅନୁଯାୟୀ ବ୍ୟୟର ଗଠନ ଦର୍ଶାଯାଇଛି ।

**ରେଖାଚିତ୍ର 2.10: ଆର୍ଥିକ ବର୍ଷ 2023-24 ରେ ବିଭିନ୍ନ କାର୍ଯ୍ୟକ୍ରମରେ ବ୍ୟୟର ଉପାଦାନ**

**(ପ୍ରତିଶତରେ)**




*ଉତ୍ସ: ଆର୍ଥିକ ବର୍ଷ 2023-24 ର ବିତ୍ତ ଲେଖା*

## 2.4.1 ରାଜସ୍ୱ ବ୍ୟୟ

ସେବାର ବର୍ତ୍ତମାନ ସ୍ତରକୁ ବଜାୟ ରଖିବା ଏବଂ ଅତୀତର ଦାୟିତ୍ୱଗୁଡ଼ିକ ପାଇଁ ଦେୟ ପ୍ରଦାନରେ ରାଜସ୍ୱ ବ୍ୟୟ କରାଯାଏ । ସେଥିପାଇଁ, ଏହାରାଜ୍ୟର ଭିତ୍ତିଭୂମି ଏବଂ ସେବା ନେଟ୍‌ୱାର୍କରେ କୌଣସି ଯୋଗଦାନ କରେ ନାହିଁ । ରାଜସ୍ୱ ବ୍ୟୟର ଅଭିବୃଦ୍ଧି, ଏହାର ମୋଟ ବ୍ୟୟ ସହିତ ଅନୁପାତ, ଜିଏସ୍‌ଡିପି ଏବଂ ରାଜସ୍ୱ ପ୍ରାପ୍ତି, **ସାରଣୀ 2.15** ରେ ଦର୍ଶାଯାଇଛି ଏବଂ ରାଜସ୍ୱ ବ୍ୟୟର କ୍ଷେତ୍ରୀୟ ବଣ୍ଟନ **ରେଖାଚିତ୍ର 2.11** ରେ ଦର୍ଶାଯାଇଛି ।

**ସାରଣୀ 2.15: ମୋଟ ରାଜସ୍ୱ ବ୍ୟୟ ଏବଂ ଏହାର ଉପାଦାନ**

**(ଟଙ୍କା କୋଟିରେ)**

| ମାପକ | 2019-20 | 2020-21 | 2021-22 | 2022-23 | 2023-24 |
|---|---|---|---|---|---|
| ମୋଟ ବ୍ୟୟ (ଟିଇ) | 1,20,673 | 1,14,857 | 1,34,000 | 1,66,513 | 1,94,895 |
| ରାଜସ୍ୱ ବ୍ୟୟ (ଆର୍‌ଇ) | 99,137 | 95,311 | 1,09,588 | 1,31,006 | 1,48,832 |
| ଟିଇର ପ୍ରତିଶତ ହିସାବରେ ଆର୍‌ଇ | 82.15 | 82.98 | 81.78 | 78.68 | 76.37 |
| ଆର୍‌ଇ/ ଜିଏସ୍‌ଡିପି (ପ୍ରତିଶତ) | 18.44 | 17.64 | 15.72 | 17.25 | 17.44 |


| ମାପକ | 2019-20 | 2020-21 | 2021-22 | 2022-23 | 2023-24 |
|---|---|---|---|---|---|
| **ରାଜସ୍ୱ ପ୍ରାପ୍ତି** | 1,01,568 | 1,04,387 | 1,53,059 | 1,50,462 | 1,79,593 |
| ଆରଆର୍‌ର ବୃଦ୍ଧିର ହାର (ପ୍ରତିଶତ) | 2.03 | 2.78 | 46.63 | -1.70 | 19.36 |
| ଆର୍‌ଆର୍ ର ଆରଇ ପ୍ରତିଶତ | 97.61 | 91.31 | 71.60 | 87.07 | 82.87 |
| ଜିଏସ୍‌ଡିପିର ବୃଦ୍ଧିର ହାର (ପ୍ରତିଶତରେ) | 7.80 | 0.50 | 29.03 | 8.97 | 12.37 |
| ଆର୍‌ଇର ବୃଦ୍ଧିର ହାର (ପ୍ରତିଶତ) | 16.15 | -3.86 | 14.98 | 19.54 | 13.61 |

***ଉତ୍ସ: ଓଡ଼ିଶା ସରକାରଙ୍କ ସମ୍ପୃକ୍ତ ବର୍ଷର ବିତ୍ତ ଲେଖା***

ରାଜସ୍ୱ ବ୍ୟୟ 2019-20 ଆର୍ଥିକ ବର୍ଷରେ 99,137 କୋଟି ଟଙ୍କାରୁ 49,695 କୋଟି ଟଙ୍କା (50.13 ପ୍ରତିଶତ) ବୃଦ୍ଧି ପାଇ ଆର୍ଥିକ ବର୍ଷ 2023-24 ରେ 1,48,832 କୋଟି ଟଙ୍କାରେ ପହଞ୍ଚିଛି । ଏହା ବାର୍ଷିକ ହାରାହାରି ଅଭିବୃଦ୍ଧି ହାରରେ 10.69 ପ୍ରତିଶତ ଥିବାବେଳେ ଜିଏସ୍‌ଡିପିର ପ୍ରତିଶତ ହିସାବରେ ଏହା 15.72 ପ୍ରତିଶତ ରୁ 18.44 ପ୍ରତିଶତ ମଧ୍ୟରେ ରହିଛି ।

**ରେଖାଚିତ୍ର 2.11: ଆର୍ଥିକ ବର୍ଷ 2023-24 ରେ ରାଜସ୍ୱ ବ୍ୟୟର ପ୍ରତି କ୍ଷେତ୍ରରେ ବଣ୍ଟନ**

(ଟଙ୍କା କୋଟିରେ)




***ଉତ୍ସ: ଓଡ଼ିଶା ସରକାରଙ୍କ ଆର୍ଥିକ ବର୍ଷ 2023-24 ର ବିତ୍ତ ଲେଖା***

### *2.4.1.1 ରାଜସ୍ୱ ବ୍ୟୟରେ ପ୍ରମୁଖ ପରିବର୍ତ୍ତନ*

ଆର୍ଥିକ ବର୍ଷ 2022-23 ରେ ରାଜସ୍ୱ ବ୍ୟୟ 1,31,006 କୋଟି ଟଙ୍କାରୁ 17,826 କୋଟି ଟଙ୍କା (13.61 ପ୍ରତିଶତ) ବହୁଳ ଭାବେ ବୃଦ୍ଧି ପାଇ ଆର୍ଥିକ ବର୍ଷ 2023-24 ରେ 1,48,832 କୋଟି ଟଙ୍କାରେ ପହଞ୍ଚିଛି । ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ରାଜ୍ୟର ରାଜସ୍ୱ ବ୍ୟୟକୁ ଦୃଷ୍ଟିରେ ରଖି ବିଭିନ୍ନ ମୁଖ୍ୟ ଶୀର୍ଷ ହିସାବ ଅନ୍ତର୍ଗତ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନଗୁଡ଼ିକ **ସାରଣୀ 2.16** ରେ ଦର୍ଶାଯାଇଛି ।

**ସାରଣୀ 2.16: ଆର୍ଥିକ ବର୍ଷ 2022-23 ତୁଳନାରେ ଆର୍ଥିକ ବର୍ଷ 2023-24 ରେ ରାଜସ୍ୱ ବ୍ୟୟରେ ପରିବର୍ତ୍ତନ**

(ଟଙ୍କା କୋଟିରେ)

| ଖାତାର ମୁଖ୍ୟ ଶୀର୍ଷକ | 2022-23 | 2023-24 | ବୃଦ୍ଧି (+) /ହ୍ରାସ (-) |
|---|---|---|---|
| 2515- ଅନ୍ୟାନ୍ୟ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ | 6,999.53 | 11,980.86 | 4,981.33 |
| 2202- ସାଧାରଣ ଶିକ୍ଷା | 22,135.54 | 24,861.71 | 2,726.17 |
| 2210- ଚିକିତ୍ସା ଓ ସର୍ବସାଧାରଣ ସ୍ୱାସ୍ଥ୍ୟ | 9,504.81 | 11,856.18 | 2,351.37 |
| 3451- ସଚିବାଳୟ -ଅର୍ଥନୈତିକ ସେବା | 1,184.46 | 3,396.86 | 2,212.40 |

| ଖାତାର ମୁଖ୍ୟ ଶୀର୍ଷକ | 2022-23 | 2023-24 | ବୃଦ୍ଧି (+) /ହ୍ରାସ (-) |
|---|---|---|---|
| 2235- ସାମାଜିକ ସୁରକ୍ଷା ଏବଂ କଲ୍ୟାଣ | 6,237.29 | 8,387.41 | 2,150.12 |
| 2071- ପେନସନ୍ ଏବଂ ଅନ୍ୟାନ୍ୟ ଅବସର ସୁବିଧା | 18,595.66 | 20,107.54 | 1,511.88 |
| 2401- ଶସ୍ୟ ପାଳନ | 5,787.90 | 7,046.58 | 1,258.68 |
| 2075- ବିବିଧ ସାଧାରଣ ସେବା | 13,750.75 | 5,050.35 | -8,700.40 |
| 2505- ଗ୍ରାମୀଣ ନିଯୁକ୍ତି | 1,861.98 | 1,351.51 | -510.47 |
| 2049- ସୁଧ ପରିଶୋଧ | 5,502.32 | 5,181.14 | -321.18 |

*ଉତ୍ସ: ଓଡ଼ିଶା ସରକାରଙ୍କ ସମ୍ବନ୍ଧିତ ବର୍ଷର ବିତ୍ତ ଲେଖା*

**ସାରଣୀ 2.16** ଦର୍ଶାଏ:

- ଅନ୍ୟାନ୍ୟ ଗ୍ରାମୀଣ ଉନ୍ନୟନ କାର୍ଯ୍ୟକ୍ରମ ଅଧୀନରେ 4,981 କୋଟି ଟଙ୍କା (71.17 ପ୍ରତିଶତ) ବୃଦ୍ଧି ମୁଖ୍ୟତଃ ପଞ୍ଚାୟତି ରାଜ (1,539 କୋଟି ଟଙ୍କା), ଅଦିବାସୀ ଅଞ୍ଚଳ ଉପଯୋଜନା (2,412 କୋଟି ଟଙ୍କା) ଏବଂ ଅନୁସୂଚିତ ଜାତି ପାଇଁ ସ୍ୱତନ୍ତ୍ର ଉପାଦାନ ଯୋଜନା (732 କୋଟି ଟଙ୍କା)ଅଧୀନରେ ବ୍ୟୟ ବୃଦ୍ଧି ଯୋଗୁଁ ହୋଇଛି ।
- ସାଧାରଣ ଶିକ୍ଷାରେ 2,726 କୋଟି ଟଙ୍କା (12.32 ପ୍ରତିଶତ) ବୃଦ୍ଧି ଘଟିବାର କାରଣ ମୁଖ୍ୟତଃ ସରକାରୀ ମାଧମିକ ବିଦ୍ୟାଳୟ (498 କୋଟି ଟଙ୍କା), ବେସରକାରୀ ମାଧମିକ ବିଦ୍ୟାଳୟଗୁଡ଼ିକୁ ସହାୟତା (577 କୋଟି ଟଙ୍କା) ଏବଂ ବେସରକାରୀ ମହାବିଦ୍ୟାଳୟଗୁଡ଼ିକୁ ସହାୟତା (260 କୋଟି ଟଙ୍କା) ଇତ୍ୟାଦି ଅଧୀନରେ ବ୍ୟୟ ବୃଦ୍ଧି ଯୋଗୁଁ ହୋଇଛି ।
- ଚିକିତ୍ସା ଓ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ 2,351 କୋଟି ଟଙ୍କା (24.74 ପ୍ରତିଶତ) ବୃଦ୍ଧି ଘଟିବାର କାରଣ ମୁଖ୍ୟତଃ ସହରାଞ୍ଚଳ ସ୍ୱାସ୍ଥ୍ୟ ସେବା-ଏଲୋପାଥି (5,209 କୋଟି ଟଙ୍କା) ଅଧିନରେ ଖର୍ଚ୍ଚ 1,374 କୋଟି ଟଙ୍କା ବ୍ୟୟ ବୃଦ୍ଧି ଯୋଗୁଁ ହୋଇଛି ।
- ସଚିବାଳୟ-ଅର୍ଥନୈତିକ ସେବାରେ 2,212 କୋଟି ଟଙ୍କା (186.79 ପ୍ରତିଶତ) ବୃଦ୍ଧି ମୁଖ୍ୟତଃ ଜିଲ୍ଲା ଯୋଜନା ଆୟୋଗ (3,018 କୋଟି ଟଙ୍କା) ଅଧିନରେ ବ୍ୟୟରେ 227.02 ପ୍ରତିଶତ ବୃଦ୍ଧି ପାଇଁ ଘଟିଛି ।
- ସାମାଜିକ ସୁରକ୍ଷା ଓ କଲ୍ୟାଣ କ୍ଷେତ୍ରରେ 2,150 କୋଟି ଟଙ୍କା (34.47 ପ୍ରତିଶତ) ବୃଦ୍ଧିର ମୁଖ୍ୟ କାରଣ ହେଉଛି ସାମାଜିକ କଲ୍ୟାଣ ଅଧିନରେ ମହିଳା କଲ୍ୟାଣ (1,334 କୋଟି ଟଙ୍କା), ଆଦିବାସୀ ଅଞ୍ଚଳ ଉପଯୋଜନା (727 କୋଟି ଟଙ୍କା) ଇତ୍ୟାଦିରେ ବ୍ୟୟ ବରାଦ ବୃଦ୍ଧି, ଯାହା ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍ଏସ୍ଏପି) ଅଧିନରେ (89.34 କୋଟି ଟଙ୍କା) ହ୍ରାସ କାରଣରୁ ଏହା ଆଂଶିକ ହ୍ରାସ ହୋଇଥିଲା ।
- ପେନ୍ସନ୍ ଏବଂ ଅନ୍ୟାନ୍ୟ ଅବସର ସୁବିଧାରେ 1,512 କୋଟି ଟଙ୍କା (8.13 ପ୍ରତିଶତ) ବୃଦ୍ଧି ମୁଖ୍ୟତଃ ରାଜ୍ୟ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନର କର୍ମଚାରୀମାନଙ୍କୁ ପେନ୍ସନ୍ (565 କୋଟି ଟଙ୍କା), ନିର୍ଦ୍ଦିଷ୍ଟ ଅବଦାନ ପେନ୍ସନ୍ ଯୋଜନା ପାଇଁ ସରକାରୀ ଅନୁଦାନ (505 କୋଟି ଟଙ୍କା), ଫ୍ୟାମିଲ ପେନ୍ସନ୍ (141 କୋଟି ଟଙ୍କା) ଅଧିନରେ ବୃଦ୍ଧି ଘଟିଛି ଯାହା ଗ୍ରାଚ୍ୟୁଇଟି (111 କୋଟି ଟଙ୍କା ) ଅଧିନରେ ହ୍ରାସ ଦ୍ୱାରା ଆଂଶିକ ଭାବରେ ହ୍ରାସ ପାଇଛି ।
- ଶସ୍ୟ ପାଳନରେ 1,258.68 କୋଟି ଟଙ୍କା (21.75 ପ୍ରତିଶତ) ବୃଦ୍ଧି ଘଟିବାର କାରଣ ମୁଖ୍ୟତଃ ଆଦିବାସୀ ଅଞ୍ଚଳ ଉପଯୋଜନା (414 କୋଟି ଟଙ୍କା) ବାଣିଜ୍ୟକ ଫସଲ (283 କୋଟି ଟଙ୍କା), ଫସଲ ବୀମା (140 କୋଟି ଟଙ୍କା) ଏବଂ ଅନୁସୂଚିତ ଜାତିଙ୍କ ପାଇଁ ସ୍ୱତନ୍ତ୍ର ଉପାଦାନ ଯୋଜନା (191 କୋଟି ଟଙ୍କା) ଏବଂ ଅନ୍ୟାନ୍ୟ ବ୍ୟୟ (175 କୋଟି ଟଙ୍କା) ଅଧିନରେ ବ୍ୟୟ ବୃଦ୍ଧି ଯୋଗୁଁ ହୋଇଛି ।
- ବିବିଧ ସାଧାରଣ ସେବାରେ 8,700 କୋଟି ଟଙ୍କା (63.27 ପ୍ରତିଶତ) ହ୍ରାସ ପାଇବାର ମୁଖ୍ୟ କାରଣ ଅପ୍ରତ୍ୟାଶିତ ସାଧାରଣ ସେବା ହ୍ରାସ କିମ୍ବା ବଜେଟ୍ ନିଅଣ୍ଟ ସମୟରେ ଆର୍ଥିକ ସ୍ଥିରତା ସୁନିଶ୍ଚିତ କରିବାପାଇଁ ମାର୍ଚ୍ଚ 2023 ରେ ଓଡ଼ିଶା

ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ, 2022-23 ଆର୍ଥିକ ବର୍ଷରେ ସୃଷ୍ଟି ହୋଇଥିବା ବଜେଟ୍ ସ୍ଥିରତା ପାଣ୍ଠିକୁ ପାଣ୍ଠି ହସ୍ତାନ୍ତର ହ୍ରାସ (8,700 କୋଟି ଟଙ୍କା) କାରଣରୁ ହୋଇଛି ।

- ଗ୍ରାମୀଣ ନିଯୁକ୍ତିରେ 510 କୋଟି ଟଙ୍କା (27.42 ପ୍ରତିଶତ) ହ୍ରାସ ଘଟିବାର କାରଣ, ମୁଖ୍ୟତଃ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା (340 କୋଟି ଟଙ୍କା) ଅଧିନରେ ବ୍ୟୟ ହ୍ରାସ ଏବଂ ଅନ୍ୟାନ୍ୟ ଯୋଜନାରେ କୌଣସି ବ୍ୟୟ ବରାଦ ନହେବା, ଏହି ତୁଳନାରେ 2022-23 ରେ ଖର୍ଚ୍ଚ 170 କୋଟି ଟଙ୍କା ଥିଲା ।
- ସୁଧ ଦେୟରେ 321 କୋଟି ଟଙ୍କା (5.84 ପ୍ରତିଶତ) ହ୍ରାସ ଘଟିବାର କାରଣ, ମୁଖ୍ୟତଃ ବଜାର ଋଣ ପରିଶୋଧ (4,658 କୋଟି ଟଙ୍କା) ଏବଂ କେନ୍ଦ୍ର ସରକାରଙ୍କ ଏନ୍ଏସ୍ଏସ୍ଏଫ୍‌କୁ ଜାରି କରାଯାଇଥିବା ସ୍ୱତନ୍ତ୍ର ସିକ୍ୟୁରିଟି ଠାରୁ ଋଣ କରିଥିବାରୁ (883 କୋଟି ଟଙ୍କା) ।

## *2.4.1.2 ପ୍ରତିଶ୍ରୁତିବଦ୍ଧ ବ୍ୟୟ*

ସୁଧ ଦେୟ, ଦରମା ଓ ମଜୁରୀ ବାବଦରେ ଖର୍ଚ୍ଚ ଏବଂ ପେନସନ୍ ରାଜସ୍ୱ ଆକାଉଣ୍ଟରେ ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତିବଦ୍ଧ ବ୍ୟୟ ଅନ୍ତର୍ଭୁକ୍ତ । ସରକାରୀ ସମ୍ବଳ ଉପରେ ଏହା ପ୍ରଥମ ବ୍ୟୟ ହେବାର ଅଛି ।

ଉପରୋକ୍ତ ବ୍ୟତୀତ, ଅନମନୀୟ ଖର୍ଚ୍ଚର କିଛି ଜିନିଷ ଅଛି, ଯାହା ସାଧାରଣତଃ ପରିବର୍ତ୍ତନ କିମ୍ବା ବଦଳ ହୋଇପାରିବ ନାହିଁ କିମ୍ବା ବାର୍ଷିକ ଭିତ୍ତିରେ ଆଇନଗତ ଭାବରେ ଆବଶ୍ୟକ ହୋଇପାରିବ । ଉଦାହରଣ ସ୍ୱରୂପ, ନିମ୍ନଲିଖିତ ଜିନିଷ ଗୁଡ଼ିକ ଅନମନୀୟବ୍ୟୟ ଭାବରେ ବିବେଚନା କରାଯାଇପାରେ:

(i) ସ୍ଥାନୀୟ ସଂସ୍ଥାଗୁଡ଼ିକୁ ହସ୍ତାନ୍ତର-ବେତନ ଏବଂ ଭତ୍ତା ପାଇଁ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ବୈଧାନିକ ହସ୍ତାନ୍ତର (ପୁଞ୍ଜି ବ୍ୟୟ ପାଇଁ ବିବର୍ତ୍ତନ ସ୍ଥାନାନ୍ତର)।

(ii) ରିଜର୍ଭ ପାଣ୍ଠିରେ ଯୋଗଦାନର ବୈଧାନିକ ଆବଶ୍ୟକତା- ସଂଗଠିତ ଋଣ ପରିଶୋଧ ପାଣ୍ଠି (ସିଏସ୍ଏଫ୍), **ନିଶ୍ଚିତ** ଋଣ ମୁକ୍ତ ପାଣ୍ଠି (ଜିଆର୍ଏଫ୍), ରାଜ୍ୟ ବିପର୍ଯ୍ୟୟ ପ୍ରଶମନ/ ମୁକାବିଲା ପାଣ୍ଠି (ଏସ୍‌ଡିଏମ୍ଏଫ୍/ ଏସ୍‌ଡିଆର୍ଏଫ୍) ଇତ୍ୟାଦିରେ ଯୋଗଦାନ ।

(iii) ଆକସ୍ମିକ ପାଣ୍ଠିର ପୁନଃପ୍ରାପ୍ତି -ବର୍ଷ ମଧ୍ୟରେ ପୁନଃପ୍ରାପ୍ତିର ରାଶି ।

(iv) ସଂରକ୍ଷିତ ପାଣ୍ଠି/ ଅନ୍ୟାନ୍ୟ ସଂସ୍ଥାକୁ ସେସ୍ ହସ୍ତାନ୍ତର, ଯାହାକି ଆଇନଗତ ଭାବେ ଆବଶ୍ୟକ ।

(v) କେନ୍ଦ୍ରୀୟ ପାଣ୍ଠି ବାବଦରେ କେନ୍ଦ୍ରୀୟ କ୍ଷେତ୍ର ଯୋଜନାର ଅଂଶୀଦାର ଅବଦାନ-ରାଜ୍ୟ ଅଂଶର ପରିମାଣ ଏସ୍ଏନ୍ଏକୁ ହସ୍ତାନ୍ତର କରାଯିବ/ ରାଜ୍ୟ ଦ୍ୱାରା ଖର୍ଚ୍ଚ କରାଯିବ ।

(vi) ସୁଧ ବହନକାରୀ ପାଣ୍ଠିଗୁଡ଼ିକର ବଳକା ଉପରେ ସୁଧ ପୈଠ, ଯେମିତି ସେଗୁଡ଼ିକୁ ବିନିଯୋଗ କରାଯାଇ ପାରିଥାନ୍ତା ଏବଂ ସରକାରୀ ଋଣ ଉପରେ ସୁଧ ଦେୟକୁ ଚାର୍ଜ ଭାବରେ ପରିଶୋଧ କରାଯାଇ ପାରିଥାନ୍ତା – ସୁଧ ଦେୟ ।

ପ୍ରତିଶ୍ରୁତିବଦ୍ଧ ବ୍ୟୟବୃଦ୍ଧି ପାଉଥିବାରୁ ବିକାଶ କ୍ଷେତ୍ର ପାଇଁ ସରକାରଙ୍କ ପାଖରେ କମ୍ ନମନୀୟତା ରହିଛି । ପ୍ରତିଶ୍ରୁତିବଦ୍ଧ ଏବଂ ଅନମନୀୟ ବ୍ୟୟ ଏବଂ ଏହାର ଉପାଦାନଗୁଡ଼ିକର ଏକ ଧାରା ବିଶ୍ଲେଷଣ, **ସାରଣୀ 2.17** ରେ ଦର୍ଶାଯାଇଛି ଏବଂ ରାଜସ୍ୱ ବ୍ୟୟରେ ପ୍ରତିଶ୍ରୁତିବଦ୍ଧ ବ୍ୟୟର ଅଂଶ **ରେଖାଚିତ୍ର 2.12** ରେ ଦର୍ଶାଯାଇଛି ।

## ସାରଣୀ 2.17: ପ୍ରତିଶ୍ରୁତିବଦ୍ଧ ବ୍ୟୟର ଉପାଦାନ

(ଟଙ୍କା କୋଟିରେ)


| ପ୍ରତିବଦ୍ଧ ବ୍ୟୟର ଉପାଦାନ | 2019-20 | 2020-21 | 2021-22 | 2022-23 | 2023-24 |
|---|---|---|---|---|---|
| ଵେତନ ଓ ମଜୁରୀ | 20,683 | 21,003 | 23,456 | 25,770 | 28,121 |
| ପେନ୍‌ସନ୍ ବ୍ୟୟ | 14,273 | 13,629 | 16,459 | 18,596 | 20,108 |
| ସୁଧ ପରିଶୋଧ | 6,063 | 6,644 | 6,342 | 5,502 | 5,181 |
| **ମୋଟ୍** | **41,019** | **41,276** | **46,257** | **49,868** | **53,410** |
| **ନମନୀୟ ଖର୍ଚ୍ଚର ଉପାଦାନ** | **2019-20** | **2020-21** | **2021-22** | **2022-23** | **2023-24** |
| ସ୍ଥାନୀୟ ସଂସ୍ଥାକୁ ବିଧିବଦ୍ଧ ବିବର୍ତ୍ତନ | 658.37 | 1,213.72 | 1,225.96 | 1,220.14 | 1,220.06 |
| ସଂରକ୍ଷିତ ପାଣ୍ଠିକୁ ପ୍ରଦାନ | 4,203.10 | 2,639.00 | 4,639.00 | 1,796.80 | 3,217.29 |
| ଆକସ୍ମିକ ପାଣ୍ଠି ପୁନଃପ୍ରାପ୍ତି | 1,440 | 0 | 171 | 0 | 0 |
| ସଂରକ୍ଷିତ ପାଣ୍ଠି/ ଅନ୍ୟାନ୍ୟ ସଂସ୍ଥାକୁ ଅଣ ସ୍ଥାନାନ୍ତରିତ ସେସ୍ | 41.2 | 78.07 | 55.37 | 63.23 | 57.11 |
| ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିକୁ ଅଣ ସ୍ଥାନାନ୍ତରିତ ପାଣ୍ଠି | -- | -- | -- | 224.60 | 0.00 |
| କେନ୍ଦ୍ରୀୟ ପାଣ୍ଠି ବିରୁଦ୍ଧରେ ସିଏସ୍ଏସ୍‌ର ସେୟାର ଅବଦାନ ଅଂଶ ପ୍ରାପ୍ତି | 0 | 0 | 0 | 0 | 0 |
| ସୁଧ ବହନ କରୁଥିବା ପାଣ୍ଠିର ବଳକା ଉପରେ ସୁଧ ଦେୟ ଯେମିତି ସେଗୁଡ଼ିକ ମାନେ ବିନିଯୋଗ ହୋଇଥିବ ଏବଂ ଚାର୍ଜ ହୋଇଥିବା ବ୍ୟୟ ପରି ସାଧାରଣ ଋଣ ଉପରେ ସୁଧ ଦେୟ | 179.22 | 93.83 | 131.88 | 231.76 | 305.83 |
| ଜାତୀୟ ଦେୟ ବ୍ୟବସ୍ଥାକୁ ସରକାରଙ୍କ କମ୍ ପ୍ରଦାନ | - | - | - | 172.53 | 23.49 |
| **ମୋଟ୍** | **6,521.89** | **4,024.62** | **6,223.21** | **3,709.06** | **4,823.78** |
| **ସର୍ବମୋଟ୍** | **47,541** | **45,301** | **52,480** | **53,577.06** | **58,233.78** |
| **ରାଜସ୍ୱ ବ୍ୟୟର ପ୍ରତିଶତ (ଆର୍‌ଆର୍)** | | | | | |
| **ପ୍ରତିବଦ୍ଧିତ ବ୍ୟୟ** | | | | | |
| ଵେତନ ଓ ମଜୁରୀ | 20.36 | 20.12 | 15.32 | 17.13 | 15.66 |
| ପେନ୍‌ସନ୍ ବ୍ୟୟ | 14.05 | 13.06 | 10.75 | 12.36 | 11.20 |
| ସୁଧ ପରିଶୋଧ | 5.97 | 6.36 | 4.14 | 3.66 | 2.88 |
| **ମୋଟ୍** | **40.38** | **39.54** | **30.22** | **33.14** | **29.74** |
| ଅନମନୀୟ ବ୍ୟୟ | **6.42** | **3.86** | **4.07** | **2.46** | 2.69 |
| **ମୋଟ୍** | **46.8** | **43.4** | **34.29** | **35.61** | **32.43** |
| **ରାଜସ୍ୱ ବ୍ୟୟର ପ୍ରତିଶତ (ଆର୍‌ଇ)** | | | | | |
| ଵେତନ ଓ ମଜୁରୀ | 20.86 | 22.04 | 21.40 | 19.67 | 18.89 |
| ପେନ୍‌ସନ୍ ବ୍ୟୟ | 14.40 | 14.30 | 15.02 | 14.19 | 13.51 |
| ସୁଧ ପରିଶୋଧ | 6.12 | 6.97 | 5.79 | 4.20 | 3.48 |
| **ମୋଟ୍** | **41.38** | **43.31** | **42.21** | **38.06** | **35.89** |
| ଅନମନୀୟ ବ୍ୟୟ | 6.58 | 4.22 | 5.68 | 2.83 | 3.24 |
| **ମୋଟ୍** | **47.96** | **47.53** | **47.89** | **40.77** | **39.13** |

| ପ୍ରତିବଦ୍ଧ ବ୍ୟୟର ଉପାଦାନ | 2019-20 | 2020-21 | 2021-22 | 2022-23 | 2023-24 |
|---|---|---|---|---|---|
| ଅଣ ପ୍ରତିଶ୍ରୁତିବଦ୍ଧ ଆର୍‌ଇ | 58,118 | 54,035 | 63,331 | 81,138 | 95,422 |
| ଆର୍‌ଇ ର ପ୍ରତିଶତ | 58.62 | 56.69 | 57.79 | 61.93 | 64.11 |
| ଟିଇ ର ପ୍ରତିଶତ | 48.16 | 47.05 | 47.26 | 48.73 | 48.96 |
| ରିହାତି | 3,366 | 4,288 | 4,695 | 3,979 | 4,123 |
| ଅଣ-ପ୍ରତିଶ୍ରୁତିବଦ୍ଧ ବ୍ୟୟର ରିହାତି ପ୍ରତିଶତ | 5.79 | 7.94 | 7.41 | 4.90 | 4.32 |

*ଉତ୍ସ: ଓଡ଼ିଶା ସରକାରଙ୍କର ସଂପୃକ୍ତ ବର୍ଷର ବିତ୍ତ ଲେଖା*

**ସାରଣୀ 2.17** ଦର୍ଶାଉଛି ଯେ ରାଜସ୍ୱ ବ୍ୟୟର ଶତକଡ଼ା ହିସାବରେ ପ୍ରତିଶ୍ରୁତିବଦ୍ଧ ବ୍ୟୟ 2019-20 ଆର୍ଥିକ ବର୍ଷରେ 41.38 ପ୍ରତିଶତ ଥିବାବେଳେ ଆର୍ଥିକ ବର୍ଷ 2023-24 ରେ 35.89 ପ୍ରତିଶତକୁ ହ୍ରାସ ପାଇଛି । ଅପରପକ୍ଷରେ ରାଜସ୍ୱ ବ୍ୟୟରେ ଅଣପ୍ରତିଶ୍ରୁତିବଦ୍ଧ ବ୍ୟୟ ହାର 2019-20 ଆର୍ଥିକ ବର୍ଷରେ 58.62 ପ୍ରତିଶତ ଥିବାବେଳେ 2023-24 ଆର୍ଥିକ ବର୍ଷରେ ଏହା 64.11 ପ୍ରତିଶତକୁ ବୃଦ୍ଧି ପାଇଛି, ଯେଉଁଥିରେ ରିହାତି 4.32 ପ୍ରତିଶତ ରୁ 7.94 ପ୍ରତିଶତ ମଧ୍ୟରେ ରହିଛି ।

**ରେଖାଚିତ୍ର 2.12: ରାଜସ୍ୱ ବ୍ୟୟରେ ପ୍ରତିଶ୍ରୁତିବଦ୍ଧ ବ୍ୟୟର ଅଂଶ**




*ଉତ୍ସ: ଓଡ଼ିଶା ସରକାରଙ୍କର ସଂପୃକ୍ତ ବର୍ଷର ବିତ୍ତ ଲେଖା*
*ସାରଣୀରେ ଥିବା ପ୍ରତିଶତର ଶୂନ ଡେସିମାଲ୍‌କୁ ପୂର୍ଣ୍ଣାଙ୍କ କରାଯାଇଛି ।*

### *ବେତନ ଓ ମଜୁରୀ*

ବେତନ ଓ ମଜୁରୀ ବାବଦରେ ବ୍ୟୟ (28,121 କୋଟି ଟଙ୍କା) ପୂର୍ବ ବର୍ଷ ତୁଳନାରେ ଆର୍ଥିକ ବର୍ଷ 2023-24 ରେ 9.12 ପ୍ରତିଶତ ବୃଦ୍ଧି ପାଇଛି (25,770 କୋଟି ଟଙ୍କା) ଏବଂ ଏହା ରାଜସ୍ୱ ବ୍ୟୟର 18.89 ପ୍ରତିଶତ ଅଟେ ।

### *ସୁଧ ଦେୟ*

ରାଜସ୍ୱ ବ୍ୟୟର ପ୍ରତିଶତ ହିସାବରେ ସୁଧ ଦେୟ (5,181 କୋଟି ଟଙ୍କା) 2023-24 ରେ 3.48 ପ୍ରତିଶତ ଥିଲା, ଯାହା ପୂର୍ବ ବର୍ଷର ଅନୁପାତ (4.20 ପ୍ରତିଶତ) ତୁଳନାରେ କମ୍ ଥିଲା । ସମ୍ପୂର୍ଣ୍ଣ ଭାବରେ 2019-20 ଏବଂ 2020-21 ଆର୍ଥିକ ବର୍ଷରେ ସୁଧ ଦେୟ ବୃଦ୍ଧି ପାଇଥିବା ବେଳେ ମୁକ୍ତ ବଜାର ଋଣ, ଜାତୀୟ କ୍ଷୁଦ୍ର ସଞ୍ଚୟ ପାଣ୍ଠି ପରିଶୋଧ ଏବଂ କମ୍ ସୁଧ ହାର ଋଣ ସହିତ ଉଚ୍ଚ ସୁଧ ହାର ଋଣ ବଦଳିବା କାରଣରୁ 2021-22 ଆର୍ଥିକ ବର୍ଷରୁ ସୁଧ ହାର ହ୍ରାସ ପାଇବା ଆରମ୍ଭ ହୋଇଥିଲା । ରାଜସ୍ୱ ପ୍ରାପ୍ତି (1,79,593 କୋଟି ଟଙ୍କା) ତୁଳନାରେ ସୁଧ ଦେୟ 2.88 ପ୍ରତିଶତ ଥିଲା ଯାହା ଓଡ଼ିଶା ଏଫ୍‌ଆର୍‌ବିଏମ୍ (ସଂଶୋଧନ) ଅଧିନିୟମ, 2016 ରେ ଧାର୍ଯ୍ୟ କରାଯାଇଥିବା 15 ପ୍ରତିଶତ ଆର୍ଥିକ ଲକ୍ଷ୍ୟ ଠାରୁ ଯଥେଷ୍ଟ କମ୍ ଥିଲା ।

### *ପେନ୍‌ସନ୍*

ଏହି ବର୍ଷ ରାଜ୍ୟ ସରକାରୀ ପେନ୍‌ସନ ଭୋଗୀଙ୍କୁ ପେନ୍‌ସନ୍ ଏବଂ ଅନ୍ୟାନ୍ୟ ଅବସରକାଳୀନ ସୁବିଧା ବାବଦରେ 20,108 କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା ଏବଂ ଏହା ରାଜସ୍ୱ ବ୍ୟୟର 13.51 ପ୍ରତିଶତ ଥିଲା । ଚଳିତ ବର୍ଷ ପେନ୍‌ସନ୍ ଏବଂ ଅନ୍ୟାନ୍ୟ ଅବସରକାଳୀନ ସୁବିଧାରେ ବ୍ୟୟ ପୂର୍ବ ବର୍ଷ ତୁଳନାରେ 1,512 କୋଟି ଟଙ୍କା (8.13 ପ୍ରତିଶତ) ବୃଦ୍ଧି ପାଇଛି । ମୁଖ୍ୟତଃ ସୁପରଆନୁଏସ୍ ଓ ଅବସରକାଳୀନ ଭତ୍ତା (6,202 କୋଟି ଟଙ୍କା) 431 କୋଟି ଟଙ୍କା, ରାଜ୍ୟ ସରକାରୀ କର୍ମଚାରୀଙ୍କ ପେନ୍‌ସନ୍ (5,690 କୋଟି ଟଙ୍କା) 565 କୋଟି ଟଙ୍କା, ଏବଂ ପାରିବାରିକ ପେନ୍‌ସନ୍ (2,183 କୋଟି ଟଙ୍କା) 141 କୋଟି ଟଙ୍କା ବୃଦ୍ଧି ହେତୁ ଏହି ବୃଦ୍ଧି ଘଟିଛି ।

### *ଅନମନୀୟ ଖର୍ଚ୍ଚ*

ଅନମନୀୟ ଖର୍ଚ୍ଚର ଉପାଦାନଗୁଡ଼ିକ ଆର୍ଥିକ ବର୍ଷ 2019-20 ରୁ 2023-24 ମଧ୍ୟରେ ଅସ୍ଥିରତା ଦେଖାଦେଇଛି, ଅନ୍ୟମାନଙ୍କ ସହିତ ସ୍ଥାନୀୟ ସଂସ୍ଥା ଗୁଡ଼ିକର ବିଧିଗତ ବିବର୍ତ୍ତନ ଏବଂ ରିଜର୍ଭ ପାଣ୍ଠିରେ ଅବଦାନ ଅନ୍ତର୍ଭୁକ୍ତ । ଅନମନୀୟ ଖର୍ଚ୍ଚ ରାଜସ୍ୱ ଖର୍ଚ୍ଚର ଶତକଡ଼ା ହିସାବରେ 2.83 ପ୍ରତିଶତରୁ 6.58 ପ୍ରତିଶତ ମଧ୍ୟରେ ବ୍ୟୟ ବରାଦ ହୋଇଛି । ଆର୍ଥିକ ବର୍ଷ 2023-24 ସଂରକ୍ଷିତ ପାଣ୍ଠି ଅଧିନରେ ଥିବା ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରେ ଅବଦାନ ବୃଦ୍ଧି ଯୋଗୁଁ 2023-24 ଆର୍ଥିକ ବର୍ଷରେ ବ୍ୟୟବରାଦ ପୂର୍ବ ବର୍ଷ ତୁଳନାରେ 30 ପ୍ରତିଶତ ବୃଦ୍ଧି ପାଇଛି ।

### *(i) ଜାତୀୟ ପେନ୍‌ସନ୍ ବ୍ୟବସ୍ଥା ଉପରେ ଅପରିଶୋଧିତ ଆର୍ଥିକ ବୋଝ*

ରାଜ୍ୟ ସରକାର (ସେପ୍ଟେମ୍ବର 2005) ଜାତୀୟ ପେନସନ୍ ବ୍ୟବସ୍ଥା (ଏନ୍‌ପିଏସ୍) କୁ ପରିଭାଷିତ ଅନୁଦାନ ପେନ୍‌ସନ୍ ଯୋଜନା (ଡିସିପିଏସ୍) ନାମରେ ପ୍ରବର୍ତ୍ତନ କରିଥିଲେ, ଯାହା 1 ଜାନୁଆରୀ 2005 କିମ୍ବା ପରେ ରାଜ୍ୟ ସରକାରୀ ସେବାରେ ଯୋଗଦେଉଥିବା ସମସ୍ତ ନୂତନ ପ୍ରବେଶକାରୀ ପାଇଁ ପ୍ରଯୁଜ୍ୟ । ଏହି ବ୍ୟବସ୍ଥା ଆଧୀନରେ କର୍ମଚାରୀମାନେ ମୌଳିକ ଦରମା ଏବଂ ମହଙ୍ଗା ଭତ୍ତାର 10 ପ୍ରତିଶତ ପ୍ରଦାନ କରନ୍ତି, ଯାହା ରାଜ୍ୟ ସରକାରଙ୍କ ଅଂଶ ସହିତମେଳ ଖାଇଥାଏ (1 ଅପ୍ରେଲ 2019 ଠାରୁ ସରକାରୀ ଅଂଶକୁ 14 ପ୍ରତିଶତକୁ ବୃଦ୍ଧି କରାଯାଇଛି) । ମୁଖ୍ୟ ଶୀର୍ଷ 8342-ଅନ୍ୟାନ୍ୟ ଜମା, 117-ନିର୍ଦ୍ଦିଷ୍ଟ ଯୋଗଦାନମୂଳକ ପେନ୍‌ସନ୍ ଯୋଜନାର, ମୁଖ୍ୟ ଶୀର୍ଷ 2071-ପେନ୍‌ସନ୍ ଓ ଅନ୍ୟାନ୍ୟ ଅବସର କାଳୀନ ସୁବିଧା, 01-ସିଭିଲ୍, 117-ନିର୍ଦ୍ଦିଷ୍ଟ ଯୋଗଦାନମୂଳକ ପେନ୍‌ସନ୍ ଯୋଜନାର ପ୍ରଦାନ, ମୁଖ୍ୟ ଶୀର୍ଷ 8342-ଅନ୍ୟାନ୍ୟ ଜମା, 117-ନିର୍ଦ୍ଦିଷ୍ଟ ଯୋଗଦାନମୂଳକ ପେନ୍‌ସନ୍ ଯୋଜନାକୁ ଡେବିଟ୍ କରି ହସ୍ତାନ୍ତର କରାଯାଏ । ଏହାପରେ ନିଯୁକ୍ତିଦାତାଙ୍କ ଅଂଶ କର୍ମଚାରୀଙ୍କ ଅଂଶ ସହିତ ସରକାରୀ ଆକାଉଣ୍ଟରୁ ଜାତୀୟ ସିକ୍ୟୁରିଟି ଡିପୋଜିଟୋରୀ ଲିମିଟେଡ୍ (ଏନ୍‌ଏସ୍‌ଡିଏଲ୍) କୁ ସ୍ଥାନାନ୍ତରିତ ହୁଏ । ଭାରତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଏନ୍‌ପିଏସ୍‌ର ନିର୍ଦ୍ଦେଶାବଳୀ ଅନୁଯାୟୀ ଅଧିକ ପୁଞ୍ଜି ନିବେଶ ପାଇଁ ଉଭୟ କର୍ମଚାରୀ ଏବଂ ନିଯୁକ୍ତିଦାତାର ଅଂଶ ଏନ୍‌ଏସ୍‌ଡିଏଲ ସହିତ ଜମା କରିବାର ଦାୟିତ୍ୱ ରାଜ୍ୟ ସରକାରଙ୍କର ରହିଛି ।

ଯଦିଓ ରାଜ୍ୟ ସରକାର ଆର୍ଥିକ ବର୍ଷ 2006-07 ରୁ କର୍ମଚାରୀଙ୍କ ଠାରୁ ପେନ୍‌ସନ୍ ଅବଦାନ ସଂଗ୍ରହ କରିବା ଆରମ୍ଭ କରିଥିଲେ, କିନ୍ତୁ 2010-11 (0.01 କୋଟି ଟଙ୍କା) ରେ ଏହାକୁ ଏନ୍‌ଏସ୍‌ଡିଏଲ୍‌କୁ ହସ୍ତାନ୍ତର କରିବା ଆରମ୍ଭ କରିଥିଲେ, ଯାହା ଫଳରେ 31 ମାର୍ଚ୍ଚ 2011 ସୁଦ୍ଧା ଏନ୍‌ଏସ୍‌ଡିଏଲ୍‌କୁ 39.62 କୋଟି ଟଙ୍କା ସ୍ଥାନାନ୍ତରଣ କରିବା ବାକିଥିଲା ।

ଆର୍ଥିକ ବର୍ଷ 2023-24 ରେ 4,028.11 କୋଟି ଟଙ୍କା (କର୍ମଚାରୀଙ୍କ ଅନୁଦାନ 1,635.50 କୋଟି ଟଙ୍କା ଏବଂ ସରକାରୀ ଅନୁଦାନ 2,266.21 କୋଟି ଟଙ୍କା) ମୁଖ୍ୟ ଶୀର୍ଷ 8342-ଅନ୍ୟାନ୍ୟ ଜମା, 117-ନିର୍ଦ୍ଦିଷ୍ଟ ଯୋଗଦାନମୂଳକ ପେନସନ୍ ଯୋଜନା ଅଧୀନରେ ସରକାରୀ ଲେଖାରେ ଜମା କରାଯାଇଥିଲା । ଏହି ସ୍ଥାନାନ୍ତର ରାଶିରେ ବୈଦେଶିକ ସେବାରେ କର୍ମଚାରୀଙ୍କ ଅନୁଦାନ ବାବଦରେ ସରକାରୀ ଲେଖାରେ ଜମା ହୋଇଥିବା 126.39 କୋଟି ଟଙ୍କା ମଧ ଅନ୍ତର୍ଭୁକ୍ତ ଥିଲା । ଯେହେତୁ ଏନ୍‌ପିଏସ୍‌ରେ ସରକାର 14 ପ୍ରତିଶତ ଅନୁଦାନ କରିବାର ଆବଶ୍ୟକତା ଥିଲା । ତେଣୁ, 2023-24 ବର୍ଷ ପାଇଁ ସରକାରୀ ଅନୁଦାନ 2,289.70 କୋଟି ଟଙ୍କା (1,635.50x14)/10=2,289.70 କୋଟି ଟଙ୍କା ହେବ, ଯେଉଁଥିରେ ସରକାର ମାତ୍ର 2,266.21 କୋଟି ଟଙ୍କା ଅବଦାନ

କରିଛନ୍ତି । ଫଳରେ ଏନ୍‌ପିଏସ୍‌ରେ ସରକାରଙ୍କ ଅବଦାନ 23.49 କୋଟି ଟଙ୍କା କମ୍ ରହିଛି । ଏହା ଫଳରେ ଅତିରିକ୍ତ ରାଜସ୍ୱ ବଳକାକୁ ଅତ୍ୟଧିକ ଦର୍ଶାଯାଇଥିଲା ଏବଂ ବିତ୍ତୀୟ ନିଅଣ୍ଟକୁ ସେହି ପରିମାଣରେ କମ୍ ଦର୍ଶାଯାଇଥିଲା ।

2023-24 ଆର୍ଥିକ ବର୍ଷରେ ସରକାରୀ ଲେଖାରେ ଥିବା 4,056.75 କୋଟି ଟଙ୍କା (28.64 କୋଟି ଟଙ୍କାର ପ୍ରାରମ୍ଭିକ ନଗଦ ଜମାକୁ ମିଶାଇ) ଥିବା ବେଳେ 2024 ମାର୍ଚ୍ଚ 31 ସୁଦ୍ଧା ରାଜ୍ୟ ସରକାର ଏନ୍‌ଏସ୍‌ଡିଏଲ୍‌କୁ 4025.14 କୋଟି ଟଙ୍କା ସ୍ଥାନାନ୍ତର କରିଥିଲେ । ଫଳରେ 31.61 କୋଟି ଟଙ୍କା ବଳକା ରହିଥିଲା ।

କର୍ମଚାରୀଙ୍କ ଅଂଶରୁ ପ୍ରାପ୍ତି, ସରକାରଙ୍କ ଅବଦାନ ଏବଂ ପେନ୍‌ସନ୍ ପାଣ୍ଠିରେ ନିବେଶର ବିବରଣୀ, **ସାରଣୀ** 2.18 ରେ ଦର୍ଶାଯାଇଛି ।

**ସାରଣୀ 2.18: ନିର୍ଦ୍ଧାରିତ ଅବଦାନକାରୀ ପେନ୍‌ସନ୍ ଯୋଜନା ଅଧୀନରେ ପ୍ରଦାନ ଓ ନିବେଶ ବିବରଣୀ**

(ଟଙ୍କା କୋଟିରେ)

| ବର୍ଷ | ପ୍ରାପ୍ତି | | | | ଏନ୍‌ଏସ୍‌ଡିଏଲ୍ କୁ ବିତରଣ | କମ୍ ସ୍ଥାନାନ୍ତର (-) / ଅଧିକ ସ୍ଥାନାନ୍ତର (+) |
|---|---|---|---|---|---|---|
| | ପ୍ରାରମ୍ଭିକ ଜମା | କର୍ମଚାରୀଙ୍କ ଅଂଶ | ସରକାରୀ ସହାୟତା | ମୋଟ | | |
| 1 | 2 | 3 | 4 | 5 | 6 | 7 (6-5) |
| 2006-07 | 0.00 | 0.05 | 0.00 | 0.05 | 0.00 | (-)0.05 |
| 2007-08 | 0.05 | 1.29 | 0.13 | 1.47 | 0.00 | (-)1.47 |
| 2008-09 | 1.47 | 3.73 | 0.01 | 5.21 | 0.00 | (-)5.21 |
| 2009-10 | 5.21 | 6.58 | 0.00 | 11.79 | 0.00 | (-)11.79 |
| 2010-11 | 11.79 | 13.84 | 14.00 | 39.63 | 0.01 | (-)39.62 |
| 2011-12 | 39.62 | 44.87 | 46.44 | 130.93 | 70.83 | (-)60.10 |
| 2012-13 | 60.10 | 68.54 | 65.52 | 194.16 | 132.59 | (-)61.57 |
| 2013-14 | 61.57 | 112.28 | 107.26 | 281.11 | 251.49 | (-)29.62 |
| 2014-15 | 29.62 | 163.68 | 160.77 | 354.07 | 331.52 | (-)22.55 |
| 2015-16 | 22.55 | 238.51 | 232.63 | 493.69 | 465.35 | (-)28.33 |
| 2016-17 | 28.33 | 295.25 | 291.12 | 614.70 | 579.49 | (-)35.21 |
| 2017-18 | 35.21 | 414.92 | 432.83 | 882.96 | 862.24 | (-)20.72 |
| 2018-19 | 20.72 | 501.03 | 507.36 | 1,029.11 | 1,011.68 | (-)17.44 |
| 2019-20 | 17.44 | 597.94 | 592.98 | 1,208.36 | 1,184.18 | (-)24.18 |
| 2020-21 | 24.18 | 719.84 | 737.65 | 1,481.67 | 1,475.67 | (-)6.00 |
| 2021-22 | 6.00 | 947.81 | 1,719.95 | 2,673.76 | 2,665.93 | (-)7.83 |
| 2022-23 | 7.83 | 1,380.87 | 1,760.68 | 3,149.38 | 3,120.74 | (+)28.64 |
| 2023-24 | 28.64 | 1,761.90 | 2,266.21 | 4,056.75 | 4,025.14 | (-) 31.61 |
| ମୋଟ୍ | | **7,272.93** | **8,935.54** | **16,208.47** | **16,176.86** | **31.61** |

*ଉତ୍ସ: ଓଡ଼ିଶା ସରକାରଙ୍କର ସଂପୃକ୍ତ ବର୍ଷର ବିତ୍ତ ଲେଖା*

ଆର୍ଥିକ ବର୍ଷ 2006-07 ରୁ 2023-24 ମଧ୍ୟରେ ମୋଟ 16,208.47 କୋଟି ଟଙ୍କା (କର୍ମଚାରୀଙ୍କ ଅଂଶ: 7,272.93 କୋଟି ଟଙ୍କା ଏବଂ ରାଜ୍ୟ ସରକାରଙ୍କ ଅବଦାନ: 8,935.54 କୋଟି ଟଙ୍କା) ଆଦାୟ ହୋଇଥିବା ବେଳେ 16,176 କୋଟି ଟଙ୍କା ପେନସନ୍ ପାଣ୍ଠିକୁ ହସ୍ତାନ୍ତର କରାଯାଇଛି । ଅର୍ଥାତ୍ 31.61 କୋଟି ଟଙ୍କାର କମ୍‌ହସ୍ତାନ୍ତର ହୋଇଛି, ଯାହା ରାଜ୍ୟ ସରକାରଙ୍କ ଏକ ସ୍ଥଗିତ ଆର୍ଥିକ ବୋଝ ଅଟେ । ଏନ୍‌ଏସ୍‌ଡିଏଲ୍‌କୁ ସ୍ୱଳ୍ପ ଅବଦାନ/ପାଣ୍ଠି ସ୍ଥାନାନ୍ତର କର୍ମଚାରୀଙ୍କ ପେନ୍‌ସନ୍ ଲାଭକୁ ପ୍ରଭାବିତ କରିବ ।

### 2.4.1.3 ରିହାତି

**ସାରଣୀ 2.19** ରେ ଆର୍ଥିକ ବର୍ଷ 2019-20 ରୁ 2023-24 ପର୍ଯ୍ୟନ୍ତ ରିହାତି ଉପରେ ହୋଇଥିବା ଖର୍ଚ୍ଚକୁ ଦର୍ଶାଯାଇଛି। ଚଳିତ ବର୍ଷ ରିହାତି ପୂର୍ବ ବର୍ଷ ତୁଳନାରେ ସାମାନ୍ୟ ବୃଦ୍ଧି ପାଇ 144 କୋଟି ଟଙ୍କା (3.62 ପ୍ରତିଶତ) ବୃଦ୍ଧି ପାଇଛି । ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ) ରିହାତି (ସମବାୟ ବିଭାଗ ଅଧୀନରେ) 400 କୋଟି ଟଙ୍କା ବୃଦ୍ଧି ଯୋଗୁଁ ଏହି ବୃଦ୍ଧି ଘଟିଛି । କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅଧିନରେ ରିହାତି ହ୍ରାସ ଯୋଗୁଁ ଏହି ବୃଦ୍ଧି ଆଂଶିକ ଭାବେ ହ୍ରାସ ପାଇଛି ।

2019-20 ରୁ 2023-24 ଆର୍ଥିକ ବର୍ଷ  ପାଇଁ ବିଭାଗ ଅନୁଯାୟୀ ପ୍ରମୁଖ ରିହାତି **ସାରଣୀ 2.19** ରେ ଦର୍ଶାଯାଇଛି ।

**ସାରଣୀ 2.19: 2019-20 ଠାରୁ 2023-24 ମଧ୍ୟରେ ବିଭାଗ ଅନୁଯାୟୀ ରିହାତି**

**(ଟଙ୍କା କୋଟିରେ)**

| କ୍ର.ସଂ. | ବିଭାଗ | 2019-20 | 2020-21 | 2021-22 | 2022-23 | 2023-24 |
|---|---|---|---|---|---|---|
| 1 | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | 1,088 | 2,085 | 2,058 | 1,170 | 1,185 |
| 2 | ସମବାୟ | 1,344 | 1,269 | 1,451 | 1,388 | 1,791 |
| 3 | କୃଷି ଓ କୃଷକ ସଶକ୍ତିକରଣ | 307 | 301 | 329 | 679 | 218 |
| 4 | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | 312 | 224 | 470 | 274 | 36 |
| 5 | ଅନ୍ୟାନ୍ୟ ବିଭାଗ[14] | 315 | 409 | 387 | 468 | 893 |
| ମୋଟ୍ ରିହାତି | | **3,366** | **4,288** | **4,695** | **3,979** | **4,123** |
| **ରାଜସ୍ୱ ପ୍ରାପ୍ତିର ରିହାତି ପ୍ରତିଶତ** | | **3.31** | **4.11** | **3.07** | **2.64** | **2.30** |
| **ରାଜସ୍ୱ ବ୍ୟୟର ରିହାତି ପ୍ରତିଶତ** | | **3.39** | **4.50** | **4.28** | **3.04** | **2.77** |
| **ମୋଟ୍ ବ୍ୟୟର ରିହାତି ପ୍ରତିଶତ** | | **2.79** | **3.73** | **3.50** | **2.39** | **2.12** |

*ଉତ୍ସ: ଓଡ଼ିଶା ସରକାରଙ୍କ ସମ୍ପର୍କିତ ବର୍ଷର ବିତ୍ତ ଲେଖା*

ରାଜ୍ୟ ସରକାର 2007-08 ଆର୍ଥିକ ବର୍ଷ  ପାଇଁ  ନିଜର ମଧ୍ୟମ କାଳୀନ ବିତ୍ତୀୟ  ଯୋଜନା (ଏମ୍‌ଟିଏଫ୍‌ପି) ରେ 2005-06 ଆର୍ଥିକ ବର୍ଷରୁ ଆରମ୍ଭ କରି ସାଧାରଣ ରିହାତି ଯୁକ୍ତିଯୁକ୍ତକରଣ ଏବଂ ବାର୍ଷିକ 10 ପ୍ରତିଶତ ହାରରେ ହ୍ରାସ କରିବାକୁ ଲକ୍ଷ୍ୟ ରଖିଥିଲେ । ସାରଣୀରୁ ଜଣାପଡୁଛି ଯେ ରାଜସ୍ୱ ଖର୍ଚ୍ଚର ପ୍ରତିଶତ ହିସାବରେ ରିହାତି ହ୍ରାସ ପାଇଛି, ଯାହା 2019-20 ଆର୍ଥିକ ବର୍ଷ 3.39  ପ୍ରତିଶତ ଥିବା ବେଳେ 2023-24 ଆର୍ଥିକ ବର୍ଷରେ ଏହା  2.77 ପ୍ରତିଶତକୁ ହ୍ରାସ ପାଇଛି । ତେବେ  ରିହାତିର ପ୍ରକୃତ ମୂଲ୍ୟ ପ୍ରତିବର୍ଷ କ୍ରମାଗତ ଭାବେ ହ୍ରାସ ପାଇନଥିଲା, କାରଣ ଏହା 2019-20 ରେ 3,366 କୋଟି ଟଙ୍କା ଥିବା ବେଳେ 2023-24 ରେ ଏହା 4,123 କୋଟି ଟଙ୍କାକୁ ବୃଦ୍ଧି ପାଇଛି ।

### 2.4.1.4 ସ୍ଥାନୀୟ ସଂସ୍ଥା ଏବଂ ଅନ୍ୟାନ୍ୟ ଅନୁଷ୍ଠାନକୁ ରାଜ୍ୟ ସରକାରଙ୍କ ଆର୍ଥିକ ସହାୟତା

ଆର୍ଥିକ ବର୍ଷ 2019-20 ରୁ 2023-24 ମଧ୍ୟରେ  ଅନୁଦାନ ମାଧ୍ୟମରେ ସ୍ଥାନୀୟ ସଂସ୍ଥା ଏବଂ  ଅନ୍ୟାନ୍ୟ ଅନୁଷ୍ଠାନକୁ  ପ୍ରଦାନ କରାଯାଇଥିବା ଅନୁଦାନ,  **ସାରଣୀ 2.20** ରେ ଦର୍ଶାଯାଇଛି ।

[14] ଅନ୍ୟାନ୍ୟ ବିଭାଗ ସଂଯୁକ୍ତ (i) ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ଲଘୁ ଓ ପଛୁଆ ବର୍ଗ କଲ୍ୟାଣ, (ii) ପରିବହନ, (iii) ଶିଳ୍ପ, (iv) ଜଳ ସମ୍ପଦ, (v) ବୟନ ଶିଳ୍ପ, ବୟନ ଓ ହସ୍ତ ଶିଳ୍ପ, (vi) ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, (vii) ମହିଳା ଓ ଶିଶୁ ଉନ୍ନୟନଏବଂ (viii) ମିଶନ ଶକ୍ତି

**ସାରଣୀ 2.20: ସ୍ଥାନୀୟ ନିକାୟ ଓ ଅନ୍ୟାନ୍ୟ ଅନୁଷ୍ଠାନକୁ ଆର୍ଥିକ ସହାୟତା**

(ଟଙ୍କା କୋଟିରେ)

| ଅନୁଷ୍ଠାନ | 2019-20 | 2020-21 | 2021-22 | 2022-23 | 2023-24 |
|---|---|---|---|---|---|
| **(କ) ସ୍ଥାନୀୟ ନିକାୟ** | | | | | |
| ମହାନଗର ନିଗମ ଓ ପୌରପାଳିକା | 1,886.04 | 2,661.52 | 1,992.35 | 1,811.96 | 3,419.27 |
| ଜିଲ୍ଲା ପରିଷଦ ଓ ଅନ୍ୟାନ୍ୟ ପଞ୍ଚାୟତିରାଜ ଅନୁଷ୍ଠାନ | 4,415.45 | 2,508.08 | 1,906.85 | 1,809.56 | 5,638.61 |
| **ମୋଟ୍ (କ)** | **6,301.49** | **5,169.60** | **3,899.20** | **3,621.52** | **9,057.88** |
| **(ଖ) ଅନ୍ୟାନ୍ୟ** | | | | | |
| ଶିକ୍ଷା ଅନୁଷ୍ଠାନ (ଅନୁଦାନ ପ୍ରାପ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱ ବିଦ୍ୟାଳୟ ଇତ୍ୟାଦି) | 6,862.60 | 6,632.48 | 6,028.73 | 5,903.00 | 8,859.77 |
| ଉନ୍ନୟନ କର୍ତ୍ତୃପକ୍ଷ | 2,153.92 | 1,483.12 | 1,612.69 | 1,085.73 | 2,933.11 |
| ଚିକିତ୍ସାଳୟ ଓ ଅନ୍ୟାନ୍ୟ ଦାତବ୍ୟ ଅନୁଷ୍ଠାନ | 1,789.38 | 21,027.82 | 1,561.05 | 800.07 | 2,537.35 |
| ଅନ୍ୟାନ୍ୟ ଅନୁଷ୍ଠାନ | 11,358.07 | 11,856.37 | 12,829.30 | 7,673.97 | 4,466.20 |
| **ମୋଟ୍ (ଖ)** | **22,163.97** | **22,099.79** | **22,031.77** | **15,462.77** | **18,796.43** |
| ମୋଟ୍ (କ+ଖ) | **28,465.46** | **27,269.36** | **25,930.97** | **19,084.29** | **27,854.31** |
| ପୁଞ୍ଜିଗତ ଢାଞ୍ଚା ସୃଷ୍ଟି ପାଇଁ ଅନୁଦାନ | 7,487.48 | 8,567.39 | 5,387.86 | 4,229.43 | 8,276.12 |
| ରାଜସ୍ୱ ବ୍ୟୟ | 99,137 | 95,311 | 1,09,588 | 1,31,006 | 1,48,832 |
| ରାଜସ୍ୱ ବ୍ୟୟରେ ସହାୟତାର ପ୍ରତିଶତ | 28.71 | 28.61 | 23.66 | 14.57 | 18.72 |

*ଉତ୍ସ: ଓଡ଼ିଶା ସରକାରଙ୍କ ସମ୍ପୃକ୍ତ ବର୍ଷର ବିତ୍ତ ଲେଖା*


2023-24 ଆର୍ଥିକ ବର୍ଷରେ ସ୍ଥାନୀୟ ନିକାୟ ଓ ଅନ୍ୟାନ୍ୟ ଅନୁଷ୍ଠାନଗୁଡିକୁ ଆର୍ଥିକ ସହାୟତା ପୂର୍ବ ବର୍ଷ ତୁଳନାରେ 8,770.02 କୋଟି ଟଙ୍କା (45.95 ପ୍ରତିଶତ) ବୃଦ୍ଧି ପାଇଛି । ମୁଖ୍ୟତଃ ସହରାଞ୍ଚଳ ସ୍ଥାନୀୟ ନିକାୟ 1,607.31 କୋଟି ଟଙ୍କା, ଗ୍ରାମୀଣ ସ୍ଥାନୀୟ ନିକାୟ ଗୁଡିକୁ 3,829.05 କୋଟି ଟଙ୍କା, ଶିକ୍ଷାନୁଷ୍ଠାନଗୁଡ଼ିକ 2,956.77 କୋଟି ଟଙ୍କା, ଉନ୍ନୟନ କର୍ତ୍ତୃପକ୍ଷଙ୍କୁ 1,847.38 କୋଟି ଟଙ୍କା, ଡାକ୍ତରଖାନା ଏବଂ ଅନ୍ୟାନ୍ୟ ଦାତବ୍ୟ ଅନୁଷ୍ଠାନଗୁଡିକୁ 1,737.28 କୋଟି ଟଙ୍କା ସହାୟତା ବୃଦ୍ଧି କରାଯାଇଛି । ଏହି ବୃଦ୍ଧି ମୁଖ୍ୟତଃ ସମବାୟ ,ଓଡିଶା ଅକ୍ଷୟ ଶକ୍ତି ଉନ୍ନୟନ ସଂସ୍ଥା (ଓରେଡା) , ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇତ୍ୟାଦି 3,207.77 କୋଟି ଟଙ୍କା କମ୍ ସହାୟତା ପ୍ରତିବଦଳରୁ ହୋଇଥିଲା । 2019-20 ଆର୍ଥିକ ବର୍ଷ (28.71 ପ୍ରତିଶତ) ରୁ 2022-23 ଆର୍ଥିକ ବର୍ଷ (14.57 ପ୍ରତିଶତ) ପର୍ଯ୍ୟନ୍ତ ରାଜସ୍ୱ ଖର୍ଚ୍ଚର ପ୍ରତିଶତ ହିସାବରେ ସ୍ଥାନୀୟ ନିକାୟ ଏବଂ ଅନ୍ୟାନ୍ୟ ଅନୁଷ୍ଠାନଗୁଡିକୁ ଆର୍ଥିକ ସହାୟତାର ପରିମାଣ କ୍ରମାଗତ ଭାବେ ହ୍ରାସ ପାଇଛି । ତେବେ 2023-24 ଆର୍ଥିକ ବର୍ଷରେ ଏହା 18.72 ପ୍ରତିଶତକୁ ବୃଦ୍ଧ ପାଇଛି ।

ପୁନଶ୍ଚ ଦେଖାଗଲା ଯେ, ପୁଞ୍ଜି ସମ୍ପତ୍ତି ସୃଷ୍ଟି ପାଇଁ ଦିଆଯାଇଥିବା ସହାୟତା 2019-20 ରେ 7,487.48 କୋଟି ଟଙ୍କାରୁ 3,258 କୋଟି ଟଙ୍କା (43.51 ପ୍ରତିଶତ) ହ୍ରାସ ପାଇ 2022-23 ରେ 4,229.43 କୋଟି ଟଙ୍କାରେ ପହଞ୍ଚିଛି । ତେବେ 2023-24 ଆର୍ଥିକ ବର୍ଷରେ ଏହା 8,276.12 କୋଟି ଟଙ୍କା (95.68 ପ୍ରତିଶତ) କୁ ବୃଦ୍ଧି ପାଇଛି ।

## 2.4.2 ପୁଞ୍ଜିଗତ ବ୍ୟୟ (ସିଇ)

ପୁଞ୍ଜି ବ୍ୟୟ ମୁଖ୍ୟତଃ ସ୍ଥିର ଭିତ୍ତିଭୂମି ସମ୍ପତ୍ତି ସୃଷ୍ଟି ପାଇଁ ବ୍ୟୟ ଅଟେ, ଯେପରିକି ରାସ୍ତା, ନିର୍ମାଣ ଇତ୍ୟାଦି ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ପୁଞ୍ଜିଗତ ବ୍ୟୟ, ବଜେଟ୍ ସହାୟତା ଏବଂ ଅତିରିକ୍ତ ବଜେଟ୍ ସମ୍ବଳ/ ବଜେଟ୍ ବାହାର ଋଣ ପୂରଣ ହେଉଛି । ଏଥିରେ କମ୍ପାନୀ/ ନିଗମରେ ରାଜ୍ୟ ସରକାର କରିଥିବା ପୁଞ୍ଜି ବିନିଯୋଗ ମଧ୍ୟ ଅନ୍ତର୍ଭୁକ୍ତ । ଗତ ପାଞ୍ଚ ବର୍ଷ ଯଥା ଆର୍ଥିକ ବର୍ଷ 2019-24 ମଧ୍ୟରେ ରାଜ୍ୟରେ ପୁଞ୍ଜି ବ୍ୟୟର ଧାରା **ରେଖାଚିତ୍ର 2.13** ରେ ଦର୍ଶାଯାଇଛି ।

**ରେଖାଚିତ୍ର 2.13: ରାଜ୍ୟର ପୁଞ୍ଜିଗତ ବ୍ୟୟ**




*ଉତ୍ସ: ଓଡ଼ିଶା ସରକାରଙ୍କ ସମ୍ପୃକ୍ତ ବର୍ଷର 2023-24 ର ବିତ୍ତ ଲେଖା ଏବଂ ବଜେଟ୍ ଏକ ଝଲକରେ*

**ରେଖାଚିତ୍ର 2.13** ଦର୍ଶାଉଛି ଯେ ପାଞ୍ଚ ବର୍ଷ ମଧ୍ୟରେ ପୁଞ୍ଜିଗତ ବ୍ୟୟରେ ଅସ୍ଥିରତା ଦେଖା ହୋଇଛି । ଏହା ଆର୍ଥିକ ବର୍ଷ 2019-20 ରେ 20,277 କୋଟି ଟଙ୍କାରୁ 22,996 କୋଟି ଟଙ୍କା (113.41 ପ୍ରତିଶତ) ବୃଦ୍ଧି ପାଇ ଆର୍ଥିକ ବର୍ଷ 2023-24 ରେ 43,273 କୋଟି ଟଙ୍କାରେ ପହଞ୍ଚିଛି । ମୋଟ ଖର୍ଚ୍ଚର ପ୍ରତିଶତ ହିସାବରେ, ଏହା ଆର୍ଥିକ ବର୍ଷ 2019-20 ରେ 16.80 ପ୍ରତିଶତ ଥିବା ବେଳେ ଆର୍ଥିକ ବର୍ଷ 2023-24 ରେ 22.20 ପ୍ରତିଶତକୁ ବୃଦ୍ଧିପାଇଛି । ପୂର୍ବ ବର୍ଷ ତୁଳନାରେ ଓଡ଼ିଶା ସରକାରଙ୍କର ପୁଞ୍ଜିଗତ ବ୍ୟୟ 9,924 କୋଟି ଟଙ୍କା (29.76 ପ୍ରତିଶତ) ଯଥେଷ୍ଟ ବୃଦ୍ଧି ପାଇଛି, କିନ୍ତୁ, ଆକଳିତ ପୁଞ୍ଜିଗତ ବ୍ୟୟ (50,813 କୋଟି ଟଙ୍କା) ତୁଳନାରେ 7,540 କୋଟି ଟଙ୍କା କମ୍ ରହିଛି । ଆର୍ଥିକ ବର୍ଷ 2023-24 ଜିଏସ୍‌ଡିପିର ପ୍ରତିଶତ ହିସାବରେ ପୁଞ୍ଜିଗତ ବ୍ୟୟ 5.07 ପ୍ରତିଶତ ଥିଲା, ଯାହାକି ଆର୍ଥିକ ବର୍ଷ 2022-23 (4.39 ପ୍ରତିଶତ) ତୁଳନାରେ ଅଧିକ ଥିଲା, ଯାହା ହାରାହାରି ବାର୍ଷିକ 20.87 ପ୍ରତିଶତ ହାରରେ ବୃଦ୍ଧି ପାଇଛି ।


ଏହା ବ୍ୟତୀତ, ରାଜ୍ୟ ସରକାର ଆର୍ଥିକ ବର୍ଷ 2023-24 ରେ ପୁଞ୍ଜିଗତ ସମ୍ପତ୍ତି ସୃଷ୍ଟି ପାଇଁ ପିଆର୍‌ଆଇ/ ୟୁଏଲ୍‌ବି/ ପିଏସ୍‌ୟୁ ଏବଂ ସ୍ୱୟଂଶାସିତ ସଂସ୍ଥା ଇତ୍ୟାଦିକୁ 8,276 କୋଟି ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି । 2023-24 ବର୍ଷରେ ମୋଟ 50,813 କୋଟି ଟଙ୍କାର ପୁଞ୍ଜି ବଜେଟ ବ୍ୟବସ୍ଥା ଥିବା ବେଳେ ରାଜ୍ୟ ମାତ୍ର 43,273 କୋଟି ଟଙ୍କା (85.16 ପ୍ରତିଶତ) ଖର୍ଚ୍ଚ କରିପାରିଛି । ଆର୍ଥିକ ବର୍ଷ 2019-20 ରୁ 2023-24 ମଧ୍ୟରେ ପୁଞ୍ଜି ବଜେଟର ପ୍ରତିଶତ ହିସାବରେ ପୁଞ୍ଜି ବ୍ୟୟ 68.34 ପ୍ରତିଶତରୁ 89.56 ପ୍ରତିଶତ ମଧ୍ୟରେ ରହିଛି ।

## 2.4.2.1 ରାଜସ୍ୱ ବ୍ୟୟକୁ ପୁଞ୍ଜିଗତ ବ୍ୟୟ ଭାବରେ ଭୁଲ ବର୍ଗୀକରଣ

ଆର୍ଥିକ ବର୍ଷ 2023-24 ରେ ରାଜ୍ୟ ସରକାର ପୁଞ୍ଜିଗତ ବ୍ୟୟ ବାବଦରେ 43,273.38 କୋଟି ଟଙ୍କା ବୁକ୍ କରିଥିଲେ । ପ୍ରଧାନ ମହାଲେଖାକାର (ଲେଖା ଓ ହକ୍‌ଦାରୀ)ଙ୍କ କାର୍ଯ୍ୟାଳୟରୁ ଏହି ରାଶି ସମ୍ବନ୍ଧୀୟ ମଞ୍ଜୁରୀ ଆଦେଶ ଏବଂ ବ୍ୟୟ ଭାଉଚର ଯାଞ୍ଚ କରିବା ପରେ ଜଣାପଡ଼ିଛି ଯେ, 43,273.38 କୋଟି ଟଙ୍କା ମଧ୍ୟରୁ 4,564.63 କୋଟି ଟଙ୍କା (***ପରିଶିଷ୍ଟ 2.3***) ପୁଞ୍ଜିଗତ ବ୍ୟୟ ଅଧୀନରେ ବୁକ୍ ହୋଇଛି । ଏଥିମଧ୍ୟରୁ ପରିଚାଳନା, ରକ୍ଷଣାବେକ୍ଷଣା, ମରାମତି ଓ ନବୀକରଣ ଆଦି ବାବଦରେ 170.55 କୋଟି ଟଙ୍କା ଖର୍ଚ୍ଚ ହୋଇଛି । ସରକାରୀ ହିସାବ ନିୟମ (ଜିଏଆର୍), 1990 ର ନିୟମ 31(2) (ବି) ଅନୁଯାୟୀ, ରାଜସ୍ୱ ଖାତାରେ ଏହିପରି ଖର୍ଚ୍ଚ ସମ୍ବନ୍ଧୀୟ ସମସ୍ତ ଦେୟ ବହନ କରିବା ଉଚିତ୍ । ଅବଶିଷ୍ଟ 4,394.08 କୋଟି ଟଙ୍କା ଓଡ଼ିଶା ସରକାରଙ୍କ ବ୍ୟତୀତ ଅନ୍ୟ ସଂସ୍ଥା ଦ୍ୱାରା ସମ୍ପତ୍ତି ସୃଷ୍ଟି ପାଇଁ ହସ୍ତାନ୍ତର କରାଯାଇଥିଲା । ସରକାରୀ ହିସାବ ନିୟମ, 1990 ର ନିୟମ 30(1) ର ତଳେଥିବା ଟିପ୍ପଣୀ ଅନୁଯାୟୀ, ଏହି ରାଶିକୁ ପୁଞ୍ଜିଗତ ବ୍ୟୟ ପରିବର୍ତ୍ତେ ରାଜସ୍ୱ ବ୍ୟୟ ଭାବରେ ବର୍ଗୀକରଣ ହେବା ଆବଶ୍ୟକ ।

ତେଣୁ, 4,564.63 କୋଟି ଟଙ୍କାର ଭୁଲ୍ ବର୍ଗୀକରଣ ହୋଇଥିଲା । ଯାହାଫଳରେ, ସେହି ପରିମାଣର ରାଜସ୍ୱ ବଳକାର ଅତ୍ୟଧିକ ପ୍ରଦର୍ଶନ ହୋଇଥିଲା । 2023-24 ଆର୍ଥିକ ବର୍ଷରେ ସମୀକ୍ଷା ପର ପୁଞ୍ଜିଗତ ବ୍ୟୟ 38,708.75 କୋଟି ଟଙ୍କା ଥିଲା (**ରେଖା ଚିତ୍ର 2.14)** ।

**ରେଖାଚିତ୍ର2.14: ସମୀକ୍ଷା ପର ପୁଞ୍ଜିଗତ ବ୍ୟୟରେ ପରିବର୍ତ୍ତନ**




***ଉତ୍ସ: ଓଡ଼ିଶା ସରକାରଙ୍କ ଆର୍ଥିକ ବର୍ଷ 2023-24 ର ବିତ୍ତ ଲେଖା***

ସରକାର ବ୍ୟକ୍ତ କଲେ (ଅକ୍ଟୋବର 2024) ଯେ, ସମ୍ପତ୍ତିର ମାଲିକାନାର ସ୍ୱଷ୍ଟତା ସମ୍ବନ୍ଧୀୟ ପ୍ରସଙ୍ଗ ଗୁଡ଼ିକୁ ସଂପୃକ୍ତ ବିଭାଗ ସହିତ ଆଲୋଚନା କରାଯିବ, ଯାହାଦ୍ୱାରା ଏଭଳି ଭୁଲ୍ ବର୍ଗୀକରଣକୁ ରୋକାଯାଇପାରିବ । ଭୁଲ୍ ବର୍ଗୀକରଣ, ଆର୍ଥିକ ସଠିକତା ଏବଂ ସମ୍ବଳ ଆବଣ୍ଟନକୁ ପ୍ରଭାବିତ କରୁଥିବାରୁ ଏହି ଉତ୍ତର ଉପଯୁକ୍ତ ନୁହେଁ । ମାଲିକାନା, ଉପଯୁକ୍ତ ମାର୍ଗଦର୍ଶିକା ଓ ପ୍ରଶିକ୍ଷଣ ସମ୍ପର୍କରେ ସ୍ୱଷ୍ଟତା ନଥିବାରୁ ଖର୍ଚ୍ଚର ଉପଯୁକ୍ତ ବର୍ଗୀକରଣ ସୁନିଶ୍ଚିତ ହୋଇପାରିଲା ନାହିଁ ।

## 2.4.2.2 ପୁଞ୍ଜିଗତ ବ୍ୟୟରେପ୍ରମୁଖ ପରିବର୍ତ୍ତନ

ପୁଞ୍ଜିଗତ ବ୍ୟୟ 2022-23 ଆର୍ଥିକ ବର୍ଷରେ 33,349 କୋଟି ଟଙ୍କାରୁ 9,924 କୋଟି ଟଙ୍କା (29.76 ପ୍ରତିଶତ) ବୃଦ୍ଧି ପାଇ 2023-24 ଆର୍ଥିକ ବର୍ଷରେ 43,273 କୋଟି ଟଙ୍କାରେ ପହଞ୍ଚିଛି । 2022-23 ଆର୍ଥିକ ବର୍ଷ ତୁଳନାରେ 2023-24 ଆର୍ଥିକ ବର୍ଷରେ ପୁଞ୍ଜି ବ୍ୟୟରେ ବଡ଼ ଧରଣର ପରିବର୍ତ୍ତନ **ସାରଣୀ 2.21** ରେ ଦର୍ଶାଯାଇଛି ।

**ସାରଣୀ 2.21: ଆର୍ଥିକ ବର୍ଷ 2022-23 ତୁଳନାରେ ଆର୍ଥିକ ବର୍ଷ 2023-24 ରେ ପୁଞ୍ଜିଗତ ବ୍ୟୟ**

(ଟଙ୍କା କୋଟିରେ)

| ହିସାବର ମୁଖ୍ୟ ଶୀର୍ଷ | 2022-23 | 2023-24 | ବୃଦ୍ଧି (+) / ହ୍ରାସ (-) |
|---|---|---|---|
| 4515- ଅନ୍ୟ ଗ୍ରାମୀଣ ଉନ୍ନୟନ କାର୍ଯ୍ୟକ୍ରମ ପାଇଁ ପୁଞ୍ଜି ବ୍ୟୟ ବରାଦ | 0.00 | 3,302.24 | (+)3,302.24 |
| 5054- ରାସ୍ତା ଓ ସେତୁରେ ପୁଞ୍ଜିଗତବ୍ୟୟ | 9,860.61 | 13,027.77 | (+)3,167.16 |
| 4700- ବୃହତ୍ ଜଳସେଚନରେ ପୁଞ୍ଜିଗତ ବ୍ୟୟ | 3,809.65 | 5,593.40 | (+) 1,783.75 |
| 4210- ଚିକିତ୍ସାଳୟ ଓ ଜନସ୍ୱାସ୍ଥ୍ୟରେ ପୁଞ୍ଜିଗତ ବ୍ୟୟ | 2,148.69 | 3,444.61 | (+) 1,295.92 |
| 4217- ନଗର ଉନ୍ନୟନରେ ପୁଞ୍ଜିଗତ ବ୍ୟୟ | 516.90 | 977.50 | (+) 460.60 |
| 4225- ଅନୁସୂଚିତ ଜାତି, ଜନଜାତି ଓ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ କଲ୍ୟାଣ ପାଇଁ ପୁଞ୍ଜି ବ୍ୟୟ ବରାଦ | 414.39 | 875.21 | (+) 460.82 |
| 4202- ଶିକ୍ଷା, କ୍ରୀଡ଼ା, କଳା ଓ ସଂସ୍କୃତିରେ ପୁଞ୍ଜିଗତ ବ୍ୟୟ | 2,192.32 | 1,242.28 | (-) 950.04 |
| 4801-ବିଦ୍ୟୁତ୍ ପ୍ରକଳ୍ପ ପାଇଁ ପୁଞ୍ଜି ବ୍ୟୟ ବରାଦ | 3,071.59 | 2,125.73 | (-) 945.86 |

*ଉତ୍ସ: ସମ୍ପୃକ୍ତ ବର୍ଷର ବିତ୍ତ ଲେଖା, ଓଡ଼ିଶା ସରକାର*

**ସାରଣୀ 2.21** ବିଶ୍ଳେଷଣରୁ ଜଣାପଡ଼ିଛି:

- ଅନ୍ୟାନ୍ୟ ଗ୍ରାମୀଣ ଉନ୍ନୟନ କାର୍ଯ୍ୟକ୍ରମରେ ପୁଞ୍ଜି ବ୍ୟୟ ବରାଦ ଅଧିନରେ 3,302.24 କୋଟି ଟଙ୍କା (100 ପ୍ରତିଶତ) ବୃଦ୍ଧି ମୁଖ୍ୟତଃ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ (3,300 କୋଟି ଟଙ୍କା) ଅଧିନରେ ବ୍ୟୟ ବରାଦ ଯୋଗୁଁ ହୋଇଥିଲା।
- ସଡ଼କ ଓ ସେତୁ ଉପରେ ପୁଞ୍ଜି ବ୍ୟୟ ବରାଦ ଅଧିନରେ 3,167.16 କୋଟି ଟଙ୍କା (32.12 ପ୍ରତିଶତ) ବୃଦ୍ଧି ମୁଖ୍ୟତଃ ସାଧାରଣ ବର୍ଗରେ 3,029.10 କୋଟି ଟଙ୍କା ବ୍ୟୟ ବୃଦ୍ଧି ଯୋଗୁଁ ହୋଇଥିଲା। ଏଥିରେ ଆଦିବାସୀ ଅଞ୍ଚଳ ଉପଯୋଜନା (223.43 କୋଟି ଟଙ୍କା) ଅନ୍ତର୍ଭୁକ୍ତ, ଏହା ରାଜ୍ୟ ରାଜପଥ ଅଧିନରେ ବ୍ୟୟ 88.56 କୋଟି ଟଙ୍କା ହ୍ରାସ ଦ୍ୱାରା ଆଂଶିକ ଭାବେ ହ୍ରାସ ପାଇଥିଲା।
- ଉପର ଇନ୍ଦ୍ରାବତୀ ଜଳସେଚନ, ବାଣିଜ୍ୟିକ ପ୍ରକଳ୍ପ (1,551.83 କୋଟି ଟଙ୍କା) ଲୋୟର ସୁକଟେଲ ଜଳସେଚନ ବାଣିଜ୍ୟିକ ପ୍ରକଳ୍ପ (749.94 କୋଟି ଟଙ୍କା) ଏବଂ ସୁବର୍ଣ୍ଣରେଖା ଜଳସେଚନ ବାଣିଜ୍ୟିକ ପ୍ରକଳ୍ପ (195.87 କୋଟି ଟଙ୍କା) ରେ ବ୍ୟୟ ବୃଦ୍ଧି ଯୋଗୁଁ ପ୍ରମୁଖ ଜଳସେଚନ ପାଇଁ ପୁଞ୍ଜି ବ୍ୟୟ ବରାଦ ଅଧିନରେ 1,783.75 କୋଟି ଟଙ୍କା (46.82 ପ୍ରତିଶତ) ବୃଦ୍ଧି ଘଟିଛି। ଯାହାକୁ ରେଙ୍ଗାଲି ଜଳସେଚନ ବାଣିଜ୍ୟିକ ପ୍ରକଳ୍ପ ଅଧୀନରେ ବ୍ୟୟ 157.46 କୋଟି ଟଙ୍କା ନିମ୍ନ ଇନ୍ଦ୍ରାବତୀ ଜଳସେଚନ ବାଣିଜ୍ୟିକ ପ୍ରକଳ୍ପର (45.86 କୋଟି ଟଙ୍କା) ଓ ଅନ୍ୟାନ୍ୟ ପ୍ରକଳ୍ପର ଅଧୀନରେ ବ୍ୟୟ ହ୍ରାସ ଦ୍ୱାରା ଆଂଶିକ ହ୍ରାସ ପାଇଥିଲା।
- ଚିକିତ୍ସା ଓ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ପୁଞ୍ଜି ବ୍ୟୟ ବରାଦ ଅଧିନରେ 1,295.92 କୋଟି ଟଙ୍କା (60.31 ପ୍ରତିଶତ) ବୃଦ୍ଧି ମୁଖ୍ୟତଃ ଚିକିତ୍ସା ଶିକ୍ଷା, ପ୍ରଶିକ୍ଷଣ ଏବଂ ଗବେଷଣା (1,093.25 କୋଟି ଟଙ୍କା) ଏବଂ ଗ୍ରାମୀଣ ସ୍ୱାସ୍ଥ୍ୟସେବା 253.95 କୋଟି ଟଙ୍କା ଉପରେ ବ୍ୟୟ ବୃଦ୍ଧି କାରଣରୁ ହୋଇଛି।
- ନଗର ଉନ୍ନୟନ କ୍ଷେତ୍ରରେ ପୁଞ୍ଜି ବ୍ୟୟ ଅଧିନରେ 460.60 କୋଟି ଟଙ୍କା (89.11 ପ୍ରତିଶତ) ବୃଦ୍ଧି ମୁଖ୍ୟତଃ ପୁଞ୍ଜି ବ୍ୟୟ (460.06 କୋଟି ଟଙ୍କା) ଏବଂ ଓଡ଼ିଶା ମେଟ୍ରୋ ରେଳ ବହନ (210.00 କୋଟି ଟଙ୍କା) ପାଇଁ ରାଜ୍ୟଗୁଡ଼ିକୁ ସତନ୍ତ୍ର

କେନ୍ଦ୍ରୀୟ ସହାୟତା ଯୋଜନାରେ ବ୍ୟୟ ବୃଦ୍ଧି କାରଣରୁ ହୋଇଥିଲା , ଯାହା ଅନ୍ୟାନ୍ୟ ଯୋଜନା / କାର୍ଯ୍ୟକ୍ରମ ଅଧିନରେ ବ୍ୟୟ ହ୍ରାସ ଦ୍ୱାରା ଆଂଶିକ ପ୍ରତିବଦଳ ହୋଇଥିଲା ।

- ଅନୁସୂଚିତ ଜାତି, ଜନଜାତି ଓ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ କଲ୍ୟାଣ ପାଇଁ ପୁଞ୍ଜି ବ୍ୟୟ ବରାଦ ଅଧିନରେ 460.82 କୋଟି ଟଙ୍କା (111.20 ପ୍ରତିଶତ) ବୃଦ୍ଧି ମୁଖ୍ୟତଃ ଅନୁସୂଚିତ ଜାତି କଲ୍ୟାଣ, (85.09 କୋଟି ଟଙ୍କା) ଅନୁସୂଚିତ ଜନଜାତି କଲ୍ୟାଣ (285.64 କୋଟି ଟଙ୍କା) ପଛୁଆ ବର୍ଗ କଲ୍ୟାଣ (32.24 କୋଟି ଟଙ୍କା) ଏବଂ ସଂଖ୍ୟାଲଘୁ କଲ୍ୟାଣ (57.55 କୋଟି ଟଙ୍କା) ବାବଦରେ ବ୍ୟୟ ବରାଦ ବୃଦ୍ଧି ହୋଇଛି ।
- ଶିକ୍ଷା, କ୍ରୀଡ଼ା, କଳା ଏବଂ ସଂସ୍କୃତି କ୍ଷେତ୍ରରେ ପୁଞ୍ଜି ବ୍ୟୟ ବରାଦ ଅଧୀନରେ 950.04 କୋଟି ଟଙ୍କା (43.33 ପ୍ରତିଶତ) ହ୍ରାସର ମୁଖ୍ୟ କାରଣ ହେଉଛି କ୍ରୀଡ଼ା ଷ୍ଟାଡିୟମ୍ ଭିତ୍ତିଭୂମିର ବିକାଶ (550.98 କୋଟି ଟଙ୍କା) ସମଗ୍ର ଶିକ୍ଷା ଅଧୀନରେ ଭିତ୍ତିଭୂମି ବିକାଶ (148.77 କୋଟି ଟଙ୍କା) ଏବଂ ଶିକ୍ଷାର ସାର୍ବଜନୀନକରଣ ପାଇଁ ସର୍ବଶିକ୍ଷା ଅଭିଯାନ (95.35 କୋଟି ଟଙ୍କା) ପାଇଁ କମ୍ ବ୍ୟୟ ବରାଦ ।
- ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ (ଓପିଜିସି) ଲିମିଟେଡରେ ଓଡ଼ିଶା ଜଳ ଶକ୍ତି ନିଗମ ଲିଟିଟେଡ (ଓଏଚ୍‌ପିସି) ର ଅଂଶଧନ ଅଧିଗ୍ରହଣ ଯୋଗୁଁ ଶକ୍ତି କ୍ଷେତ୍ରରେ ପୁଞ୍ଜି ବ୍ୟୟ ବରାଦ 945.86 କୋଟି ଟଙ୍କା (30.79 ପ୍ରତିଶତ) ହ୍ରାସ ଘଟିଛି ।

### 2.4.2.3 ପୁଞ୍ଜି ବ୍ୟୟର ଗୁଣବତ୍ତା

ଯଦି ରାଜ୍ୟ ସରକାର କ୍ଷତି ଘଟାଉଥିବା ସରକାରୀ କମ୍ପାନୀରେ ବିନିଯୋଗ ଜାରି ରଖନ୍ତି, ଯାହାର ନିଟ୍ ମୂଲ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି, ତେବେ ପୁଞ୍ଜି ବିନିଯୋଗରୁ କୌଣସି ଆୟର ସୁଯୋଗ ନଥାଏ । ସେହିଭଳି, ଆର୍ଥିକ ସଙ୍କଟରେ ଥିବା ସଂସ୍ଥାଗୁଡ଼ିକୁ ଦିଆଯାଉଥିବା ଋଣ ଅନିବାର୍ଯ୍ୟ ଭାବେ ଛାଡ଼ ହେବାର ଆଶଙ୍କା ରହିଛି । ଏହି ଅନୁଭାଗରେ 2023-24 ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ନିବେଶ ଓ ଅନ୍ୟାନ୍ୟ ପୁଞ୍ଜି ବ୍ୟୟର ବିଶ୍ଳେଷଣ ଉପସ୍ଥାପନା କରାଯାଇଅଛି ।

#### *(i) କମ୍ପାନୀ, ନିଗମ ଏବଂ ଅନ୍ୟାନ୍ୟ ସଂସ୍ଥାରେ ନିବେଶର ଗୁଣବତ୍ତା*

କ୍ଷତିଗ୍ରସ୍ତ ହେଉଥିବା କିମ୍ବା ଯେଉଁମାନଙ୍କର ସମ୍ପତ୍ତି ସମ୍ପୂର୍ଣ୍ଣ ଭାବେ ହ୍ରାସ ପାଇଛି, ସେହି କମ୍ପାନୀ, ନିଗମ ଏବଂ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକରେ ପୁଞ୍ଜି ବ୍ୟୟ ସ୍ଥାୟୀ ନୁହେଁ । ଏଭଳି କମ୍ପାନୀ ଓ ସମବାୟ ନିଗମ ଓ ସମବାୟ ସଂସ୍ଥାକୁ ଦିଆଯାଇଥିବା ନିବେଶ ଓ ଋଣ ପୁଞ୍ଜି ଖର୍ଚ୍ଚ ଗୁଣବତ୍ତାକୁ ପ୍ରଭାବିତ କରିଥାଏ । ରାଷ୍ଟ୍ରାୟତ ଉଦ୍ୟୋଗ (ପିଏସ୍‌ୟୁ) ଗୁଡ଼ିକରେ ନିବେଶ ଉପରେ ଫେରସ୍ତ ଏବଂ  ବିଭିନ୍ନ ସଂସ୍ଥାକୁ ଦିଆଯାଇଥିବା ଋଣ ପରିଶୋଧର ଇତିହାସ, ପୁଞ୍ଜି ବ୍ୟୟର ଗୁଣବତ୍ତାର ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣୟକାରୀ ଅଟେ ।

31 ମାର୍ଚ୍ଚ 2024 ସୁଦ୍ଧା, କମ୍ପାନୀ ନିଗମ ଓ ଅନ୍ୟାନ୍ୟ ସଂସ୍ଥାରେ ରାଜ୍ୟ ସରକାରଙ୍କ ନିବେଶ 12,998.29 କୋଟି ଟଙ୍କା ଥିଲା, ଯେଉଁଥିରେ ସରକାରୀ କମ୍ପାନୀ (10,286.15 କୋଟି ଟଙ୍କା) ସମବାୟ ସମିତିଗୁଡ଼ିକରେ (1,404.74 କୋଟି ଟଙ୍କା), ବୈଧାନିକ ନିଗମ (749.99 କୋଟି ଟଙ୍କା), ଅନ୍ୟାନ୍ୟ ଯୁଗ୍ମ ଷ୍ଟକ୍ କମ୍ପାନୀ ଏବଂ ଭାଗିଦାରୀ (538.51 କୋଟି ଟଙ୍କା) ଏବଂ ଗ୍ରାମୀଣ ବ୍ୟାଙ୍କ ଗୁଡ଼ିକରେ (18.90 କୋଟି ଟଙ୍କା) ରହିଛି ।

କମ୍ପାନୀ, ନିଗମ, ଏବଂ ସମବାୟ ବ୍ୟାଙ୍କ ଏବଂ ସମିତିରେ ନିବେଶ ଉପରେ ଆୟର ଧାରା, ଏବଂ ସରକାରୀ ଋଣର ମୂଲ୍ୟ ମଧ୍ୟରେ ପାର୍ଥକ୍ୟ **ସାରଣୀ 2.22** ରେ ଦର୍ଶାଯାଇଛି ।

**ସାରଣୀ 2.22: ବିନିଯୋଗରୁ ଆୟ**

(ଟଙ୍କା କୋଟିରେ)

| କ୍ର.ସଂ. | ବିବରଣୀ | 2019-20 | 2020-21 | 2021-22 | 2022-23 | 2023-24 |
|---|---|---|---|---|---|---|
| 1 | ବର୍ଷ ଶେଷ ସୁଦ୍ଧା ପୁଞ୍ଜି ବିନିଯୋଗ (ଟଙ୍କା କୋଟିରେ) | 5,698.65 | 7,288.29 | 10,642.65 | 12,417.78 | 12,998.29 |
| 2 | ଲାଭାଂଶ ଆକାରରେ ଫେରସ୍ତ (ଟଙ୍କା କୋଟିରେ) | 321.38 | 1,062.81 | 523.43 | 584.50 | 1,800.36 |
| 3 | ଫେରସ୍ତର ହାର (ଆର୍ ଓ ଆର୍) (ପ୍ରତିଶତ) | 5.64 | 14.58 | 4.92 | 4.71 | 13.85 |

| କ୍ର.ସଂ. | ବିବରଣୀ | 2019-20 | 2020-21 | 2021-22 | 2022-23 | 2023-24 |
|---|---|---|---|---|---|---|
| 4 | ସରକାରୀ ଉଧାର ଉପରେ ସୁଧର ହାରାହାରି ଦର (ପ୍ରତିଶତ) | 7.09 | 7.04 | 7.09 | 6.95 | 6.53 |
| 5 | ଫେରସ୍ତର ହାର ଓ ସୁଧ ହାର ମଧ୍ୟରେ ଅନ୍ତର (ପ୍ରତିଶତ) (3-4) | -1.45 | 7.54 | -2.17 | -2.24 | 7.32 |
| **6** | ସରକାରୀ ଉଧାର ସୁଧ ଓ ଲାଭାଂଶ ପ୍ରତ୍ୟାବର୍ତ୍ତନ ମଧ୍ୟରେ ଅନ୍ତର # | **-82.63** | **549.71** | **-230.95** | **-278.16** | **951.47** |

***ଉତ୍ସ: ଓଡ଼ିଶା ସରକାରଙ୍କର ସଂପୃକ୍ତ ବର୍ଷଗୁଡ଼ିକରେ ବିତ୍ତ ଲେଖା***

*# ବର୍ଷ ଶେଷରେ ନିବେଶX ସୁଧ ହାର ଏବଂ ଫେରସ୍ତ/100 ମଧ୍ୟରେ ପାର୍ଥକ୍ୟ*

- ଆର୍ଥିକ ବର୍ଷ 2023-24 ରେ ନିବେଶ ଉପରେ ଫେରସ୍ତ 1,800.36 କୋଟି ଟଙ୍କା (13.85 ପ୍ରତିଶତ) ଥିଲା (ଐତିହାସିକ ମୂଲ୍ୟ ଉପରେ ଆଧାରିତ ଏବଂ ନିଟ୍ ବର୍ତ୍ତମାନର ମୂଲ୍ୟ ଆଧାରରେ ନୁହେଁ) । ଆର୍ଥିକ ବର୍ଷ 2019-20 ରୁ 2023-24 ମଧ୍ୟରେ ଫେରସ୍ତ ହାର 4.71 ପ୍ରତିଶତରୁ 14.58 ପ୍ରତିଶତ ମଧ୍ୟରେ ଥିବା ବେଳେ ସେହି ଅବଧି ମଧ୍ୟରେ ରାଜ୍ୟ ସରକାର ଏହାର ଋଣ ଉପରେ ହାରାହାରି ସୁଧ ହାର 6.53 ପ୍ରତିଶତ ରୁ 7.09 ପ୍ରତିଶତ ମଧ୍ୟରେ ଥିଲା । ଗତ ପାଞ୍ଚ ବର୍ଷ ମଧ୍ୟରେ, ସରକାରୀ ଋଣ ଖର୍ଚ୍ଚ ଏବଂ ରାଷ୍ଟ୍ରାୟତ ଉଦ୍ୟୋଗଗୁଡ଼ିକରେ ପୁଞ୍ଜିନିବେଶ ଉପରେ ଫେରସ୍ତରେ 909.44 କୋଟି ଟଙ୍କାର ପାର୍ଥକ୍ୟ ଥିଲା ।
- ଦେଖାଗଲା ଯେ, 151 ଟି ସଂସ୍ଥା ମଧ୍ୟରୁ ମାତ୍ର 16 ଟି ସଂସ୍ଥା ଲାଭାଂଶ ପ୍ରଦାନ କରିଥିଲେ । ଏଥିରେ 15 ଟି ସରକାରୀ କମ୍ପାନୀ[15] (ଯେଉଁଥିରେ ତିନୋଟି ଶକ୍ତି କ୍ଷେତ୍ର କମ୍ପାନୀ ଅନ୍ତର୍ଭୁକ୍ତ) ଏବଂ ଗୋଟିଏ ସମବାୟ ସମିତି[16] ଅନ୍ତର୍ଭୁକ୍ତ ଥିଲା ।
- ମୋଟ 12,998.29 କୋଟି ଟଙ୍କାର ବିନିଯୋଗ ମଧ୍ୟରୁ, ପାଞ୍ଚଟି[17] ଶକ୍ତି ବିଭାଗ କ୍ଷେତ୍ର କମ୍ପାନୀରେ 8,433.63 କୋଟି ଟଙ୍କା (64.88 ପ୍ରତିଶତ) ବିନିଯୋଗ କରାଯାଇଛି । ଏଥିମଧ୍ୟରୁ ମାତ୍ର ତିନୋଟି କମ୍ପାନୀ[18] 284.77 କୋଟି ଟଙ୍କା (15.82 ପ୍ରତିଶତ) ଲାଭାଂଶ ପ୍ରଦାନ କରିଛନ୍ତି ।
- ନିବେଶ ଉପରେ ଆୟ ଫେରସ୍ତ ମୁଖ୍ୟତଃ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ଉପରେ ନିର୍ଭରଶୀଳ ଥିଲା, ଯାହା ଆର୍ଥିକ ବର୍ଷ 2023-24 ରେ 1,420 କୋଟି ଟଙ୍କା ଲାଭାଂଶ ଦେଇଥିଲା । ଓଏମ୍‌ସି ସବୁଠାରୁ ଅଧିକ୍ ଲାଭାଂଶ ଦେବା ଯୋଗଦାନ କାରି ଥିଲା ଏହା 2019-20 ରେ ଓଏମ୍‌ସି 250 କୋଟି ଟଙ୍କା, 2020-21 ରେ 1000 କୋଟି ଟଙ୍କା, 2021-22 ରେ 500 କୋଟି ଟଙ୍କା ଏବଂ 2022-23 ରେ 500 କୋଟି ଟଙ୍କା ଲାଭାଂଶ ଦେଇଥିଲା ।
- ସମୁଦାୟ 151 ଟି ସଂସ୍ଥା ମଧ୍ୟରୁ 72 ଟି ନିଷ୍କ୍ରିୟ ହୋଇଯାଇଥିଲା ଏବଂ ଏଥିରେ 68.52 କୋଟି ଟଙ୍କାର ପୁଞ୍ଜି ନିବେଶର ଅସୁଲି ବନ୍ଦ ରହିଛି । 2023-24 ରେ ଅବଶିଷ୍ଟ 79 ଟି ସକ୍ରିୟ ସଂସ୍ଥା ମଧ୍ୟରୁ 63 ସଂସ୍ଥା ଲାଭାଂଶ ଦେଇନଥିଲେ ।

---

15 *ସରକାରୀ କମ୍ପାନୀଗୁଡ଼ିକ – (1) କୃଷି ପ୍ରୋତ୍ସାହନ ଏବଂ ନିବେଶ ନିଗମ ଲିମିଟେଡ୍ : 0.07 କୋଟି ଟଙ୍କା (2) ଓଡ଼ିଶା କୃଷି ଶିଳ୍ପ ନିଗମ ଲିମିଟେଡ୍: 5.63 କୋଟି ଟଙ୍କା (3) ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ୍: 0.47 କୋଟି ଟଙ୍କା (4) ଓଡ଼ିଶା ବନ୍ୟ ଉନ୍ନୟନ ନିଗମ ଲିମିଟେଡ୍: 6.08 କୋଟି ଟଙ୍କା (5) ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ଲିମିଟେଡ୍: 5.03 କୋଟି ଟଙ୍କା (6) ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍(ଓଏମ୍‌ସି): 10.27 କୋଟି ଟଙ୍କା (7) ଓଡ଼ିଶା ସେତୁ ଏବଂ ନିର୍ମାଣ ନିଗମ ଲିମିଟେଡ୍(ଓସିସି): 3.41 କୋଟି ଟଙ୍କା (8) ଓଡ଼ିଶା ରାଜ୍ୟ ପୋଲିସ୍ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ 16.00 କୋଟି ଟଙ୍କା (9) ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ; 0.20 କୋଟି ଟଙ୍କା (10) ଓଡ଼ିଶା ଖଣି ନିଗମ ଲିମିଟେଡ୍(ଓଏମ୍‌ସି)1420.00 କୋଟି ଟଙ୍କା (11) ଓଡ଼ିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍: 9.42 କୋଟି ଟଙ୍କା ଏବଂ (12) ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିମିଟେଡ୍: 27.40 କୋଟି ଟଙ୍କା.(13) ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ:139.40 କୋଟି ଟଙ୍କା, (14) ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ଲିମିଟେଡ୍: -103.37 କୋଟି ଟଙ୍କା(15) ଓଡ଼ିଶା ଶକ୍ତି ସଞ୍ଚରଣ ନିଗମ ଲିମିଟେଡ୍: 42.00 କୋଟି ଟଙ୍କା*

16 *କୋଅପରେଟିଭ୍ ସୋସାଇଟି- କ୍ରେଡିଟ୍ କୋଅପରେଟିଭ୍: 11.60 କୋଟି ଟଙ୍କା*

17 *ଓପିଜିସି: 2,157.52 କୋଟି ଟଙ୍କା, ଓପିଟିସିଏଲ୍: 2,402.78 କୋଟି ଟଙ୍କା, ଗ୍ରାଡ୍‌କୋ: 2,613.13 କୋଟି ଟଙ୍କା ଏବଂ ଓଏଚ୍‌ପିସି: 1,034.34 କୋଟି ଟଙ୍କା, ଓଡ଼ିଶା କୋଇଲା ଏବଂ ଶକ୍ତି ଲିମିଟେଡ୍: 225.86 କୋଟି ଟଙ୍କା*

18 *ଓଏଚ୍‌ପିସି: 139.40 କୋଟି ଟଙ୍କା, ଓପିଜିସି: 103.37 କୋଟି ଟଙ୍କା, ଓପିଟିସିଏଲ୍: 42 କୋଟି ଟଙ୍କା*

### (ii) ରାଜ୍ୟ ସରକାରଙ୍କ ଦ୍ୱାରା ଋଣ ଏବଂ ଅଗ୍ରୀମ

ସମବାୟ ସମିତି, ନିଗମ ଏବଂ କମ୍ପାନୀଗୁଡ଼ିକରେ ପୁଞ୍ଜି ନିବେଶ ବ୍ୟତୀତ ରାଜ୍ୟ ସରକାର ଅନେକ ଅନୁଷ୍ଠାନ/ ସଂଗଠନକୁ ଋଣ ଏବଂ ଅଗ୍ରୀମ ମଧ୍ୟ ପ୍ରଦାନ କରୁଛନ୍ତି । **ସାରଣୀ 2.23** ରେ 31 ମାର୍ଚ୍ଚ 2024 ସୁଦ୍ଧା ବକେୟା ଋଣ ଏବଂ ଅଗ୍ରୀମର ସ୍ଥିତି ଏବଂ ଗତ ପାଞ୍ଚ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ଦ୍ୱାରା ଋଣ ଉପରେ ସୁଧ ପରିଶୋଧ ସହିତ ସୁଧ ପ୍ରାପ୍ତିକୁ ଉପସ୍ଥାପନା କରାଯାଇଛି ।

**ସାରଣୀ 2.23: ଆର୍ଥିକ ବର୍ଷ 2019-20 ଠାରୁ 2023-24 ମଧ୍ୟରେ ଋଣ ପ୍ରଦାନ ଓ ଆଦାୟର ପରିମାଣ**

(ଟଙ୍କା କୋଟିରେ)

| ବିବରଣୀ | 2019-20 | 2020-21 | 2021-22 | 2022-23 | 2023-24 |
|---|---|---|---|---|---|
| ବାକିଥିବା ଋଣ (ଟଙ୍କା କୋଟିରେ) | **7,191** | **8,163** | **9,066** | **9,185** | **10,511** |
| ବର୍ଷ ମଧ୍ୟରେ ଅଗ୍ରୀମର ପରିମାଣ (ଟଙ୍କା କୋଟିରେ) | 1,259 | 1,597 | 1,685 | 2,158 | 2,790 |
| ବର୍ଷ ମଧ୍ୟରେ ଆଦାୟର ପରିମାଣ (ଟଙ୍କା କୋଟିରେ) | 287 | 684 | 1,566 | 832 | 559 |
| ବାକିଥିବା ଅବଶେଷ ଋଣ (ଟଙ୍କା କୋଟିରେ) | **8,163** | **9,066#** | **9,185** | **10,511** | **12,742** |
| ନିଟ୍ ବୃଦ୍ଧି (ଟଙ୍କା କୋଟିରେ) | (+) 972 | (+) 913 | (+) 119 | 1,326 | 2,231 |
| ସୁଧ ପ୍ରାପ୍ତି (ଟଙ୍କା କୋଟିରେ) | 64 | 316 | 1,315 | 297 | 300 |
| ବାକିଥିବା ଋଣ ଓ ଅଗ୍ରୀମରେ ସୁଧ ପ୍ରାପ୍ତିର ପ୍ରତିଶତ ( ପ୍ରତିଶତରେ) | 0.78 | 3.48 | 14.30 | 2.83 | 2.35 |
| ସୁଧ ପ୍ରଦାନ (ଟଙ୍କା କୋଟିରେ) | 6,063 | 6,644 | 6,342 | 5,502 | 5,181 |
| ବାକିଥିବା ଦେୟ/ ଋଣ (ଟଙ୍କା କୋଟିରେ) | 1,26,084 | 1,22,774 | 1,20,140 | 1,11,952 | 1,33,089 |
| ରାଜ୍ୟ ସରକାରଙ୍କର ସମୁଦାୟ ବାକିଥିବା ଦେୟର ସୁଧ ପ୍ରତିଶତ ହିସାବରେ (ପ୍ରତିଶତ) | 4.81 | 5.41 | 5.28 | 4.91 | 3.89 |
| ସୁଧ ହାର ପ୍ରାପ୍ତି ଓ ସୁଧ ପ୍ରଦାନ ମଧ୍ୟରେ ହାରରେ ଅନ୍ତର (ପ୍ରତିଶତ) | (-) 4.03 | (-) 1.93 | (+) 9.02 | (-) 2.08 | (-) 1.54 |

*ଉତ୍ସ: ଓଡ଼ିଶା ସରକାରଙ୍କର ସଂପୃକ୍ତ ବର୍ଷ ଗୁଡ଼ିକର ବିତ୍ତ ଲେଖା*

*# 10 କୋଟି ଟଙ୍କାର ପାର୍ଥକ୍ୟ ଋଣ ଶୀର୍ଷକରୁ ପୁଞ୍ଜି ବ୍ୟୟ ଶୀର୍ଷକକୁ 9.51 କୋଟି ଟଙ୍କା ପ୍ରୋଫର୍ମା ସ୍ଥାନାନ୍ତର ହେତୁ ହୋଇଥିଲା ।*

ଆର୍ଥିକ ବର୍ଷ 2023-24 ରେ ରାଜ୍ୟ ସରକାର ବିଗତ ବର୍ଷର 2,158 କୋଟି ଟଙ୍କା ତୁଳନାରେ 2,790 କୋଟି ଟଙ୍କା ଋଣ ଭାବରେ ଅଗ୍ରୀମ ଦେଇଥିଲେ । ପାରାଦୀପ ରିଫାଇନାରୀ ପ୍ରକଳ୍ପ ପାଇଁ 15 ବର୍ଷ ମଧ୍ୟରେ 10,500 କୋଟି ଟଙ୍କାର ସୁଧମୁକ୍ତ ଭାୟାବିଲିଟି ଗ୍ୟାପ୍ ପାଣ୍ଠି (ଭିଜିଏଫ୍)[19] ଋଣ ପ୍ରଦାନ ପାଇଁ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍‌କୁ ହୋଇଥିବା ଚୁକ୍ତି ଅନୁଯାୟୀ 700 କୋଟି ଟଙ୍କା ପ୍ରଦାନ କରାଯାଇଛି । ଏହାର ଏକ ଅଂଶ ଭାବରେ, ରାଜ୍ୟ ସରକାର 2017-18 ଆର୍ଥିକ ବର୍ଷରେ 1,400 କୋଟି ଟଙ୍କା ଏବଂ 2018-19 ରୁ 2023-24 ଆର୍ଥିକ ବର୍ଷରେ ପ୍ରତିବର୍ଷ 700 କୋଟି ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ । ଏହା ବ୍ୟତୀତ, ଗ୍ରୀଡ୍‌କୋ ଏହାର ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ସଫ୍ଟ ଲୋନ୍ ଆକାରରେ ସରକାରଙ୍କ ଠାରୁ 1,000 କୋଟି ଟଙ୍କାର ଋଣ ପାଇଥିଲା । ସେଥି ମଧ୍ୟରୁ ବାର୍ଷିକ 5 ପ୍ରତିଶତ ସୁଧ ହାରରେ 500 କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଅବଶିଷ୍ଟ 500 କୋଟି ଟଙ୍କା ବାର୍ଷିକ 5.25 ପ୍ରତିଶତ ସୁଧ ହାରରେ ପ୍ରଦାନ କରାଯାଇଥିଲା । ଓଡ଼ିଶା ରାଜ୍ୟ ସମବାୟ ବଜାର ନିଗମ ଲିମିଟେଡକୁ 130 କୋଟି ଟଙ୍କା (ସୁଧ ମୁକ୍ତ) ଏବଂ 100 କୋଟି ଟଙ୍କା (ବାର୍ଷିକ 2.5 ପ୍ରତିଶତ ହାରରେ) ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ୍‌କୁ ପ୍ରଦାନ କରାଯାଇଥିଲା ।

[19] ଭାଏବିଲିଟି ଗ୍ୟାପ୍ ଫଣ୍ଡିଂର ଅର୍ଥ ହେଉଛି ସେହି ପ୍ରକଳ୍ପଗୁଡ଼ିକୁ ସମର୍ଥନ କରିବା ପାଇଁ ଏକ ଅନୁଦାନ ଯାହା ଅର୍ଥନୈତିକ ଭାବରେ ଯୁକ୍ତିଯୁକ୍ତ କିନ୍ତୁ ଆର୍ଥିକ ଦୃଷ୍ଟିରୁ ଉପଯୋଗୀ ନୁହେଁ

2019-20 ରୁ 2023-24 ଆର୍ଥିକ ବର୍ଷ ମଧରେ ରାଜ୍ୟ ସରକାରଙ୍କ ମୋଟ ବକେୟା ଋଣ ଓ ଅଗ୍ରୀମ ପରିମାଣ ବୃଦ୍ଧି ପାଇଛି । 2022-23 ଆର୍ଥିକ ବର୍ଷରେ ଏହା 10,511 କୋଟି ଟଙ୍କା ଥିବା ବେଳେ 2023-24 ଆର୍ଥିକ ବର୍ଷରେ 2,231 କୋଟି ଟଙ୍କା ବୃଦ୍ଧି ପାଇ 12,742 କୋଟି ଟଙ୍କାରେ ପହଞ୍ଚିଛି । 2022-23 ଆର୍ଥିକ ବର୍ଷ ତୁଳନାରେ 2023-24 ଆର୍ଥିକ ବର୍ଷରେ ଋଣ ଆଦାୟ ଯଥାକ୍ରମେ 273 କୋଟି ଟଙ୍କା (32.81 ପ୍ରତିଶତ) ଏବଂ ସୁଧ ଆଦାୟ 3 କୋଟି ଟଙ୍କା (1.01 ପ୍ରତିଶତ) ହ୍ରାସ ପାଇଛି । 2023-24 ଆର୍ଥକ ବର୍ଷରେ ବକେୟା ଋଣ ଏବଂ ଅଗ୍ରୀମର ମାତ୍ର 2.35 ପ୍ରତିଶତ ସୁଧ ମିଳିଥିଲା ।

## 2.4.3 ବ୍ୟୟ ଅଗ୍ରାଧିକାର

ମାନବ ବିକାଶ ସ୍ତରବୃଦ୍ଧି କରିବା ପାଇଁ ରାଜ୍ୟଗୁଡ଼ିକ ଶିକ୍ଷା, ସ୍ୱାସ୍ଥ୍ୟ ଇତ୍ୟାଦି ପ୍ରମୁଖ ସାମାଜିକ ସେବାରେ ସେମାନଙ୍କର ବ୍ୟୟ ବୃଦ୍ଧି କରିବା ଆବଶ୍ୟକ । ଯଦି ଆବଣ୍ଟନ ସମ୍ପୃକ୍ତ ଜାତୀୟ ହାରଠାରୁ କମ୍ ହୁଏ ତେବେ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର ସହିତ ସ୍ୱଳ୍ପ ବିତ୍ତୀୟ ଅଗ୍ରାଧିକାର (ଏକ ବର୍ଗ ଅନ୍ତର୍ଗତ ଖର୍ଚ୍ଚର ସମୁଦାୟ ଖର୍ଚ୍ଚ ସହିତ ଅନୁପାତ) ଜଡ଼ିତ । ସମୁଦାୟ ବ୍ୟୟତୁଳନାରେ ଏହି ଉପାଦାନଗୁଡ଼ିକର ଅନୁପାତ ଯେତେ ଅଧିକ ହେବ, ଖର୍ଚ୍ଚର ଗୁଣବତ୍ତା ଭଲ ବୋଲି ବିବେଚନା କରାଯାଏ । ସାମାଜିକ ତଥା ଅର୍ଥନୈତିକ କ୍ଷେତ୍ର ଇତ୍ୟାଦି ଉପରେ ଖର୍ଚ୍ଚ ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ଆର୍ଥିକ ଅଗ୍ରାଧିକାର **ସାରଣୀ 2.24** ରେ ଦର୍ଶାଯାଇଛି ।

**ସାରଣୀ 2.24: ରାଜ୍ୟର ବ୍ୟୟରେ ଅଗ୍ରାଧିକାର ପ୍ରଦାନ: ସ୍ୱାସ୍ଥ୍ୟ, ଶିକ୍ଷା ଓ ପୁଞ୍ଜିରେ ବ୍ୟୟ**

**(ଟଙ୍କା କୋଟିରେ)**

| | ଟିଇ/ଜିଏସ୍‌ଡିପି | ସିଇ/ ଟିଇ | ଶିକ୍ଷା/ ଟିଇ | ସ୍ୱାସ୍ଥ୍ୟ/ ଟିଇ |
|---|---|---|---|---|
| ସାଧାରଣ ବର୍ଗ ରାଜ୍ୟଗୁଡ଼ିକରେ ହାରାହାରି (2019-20) | 15.88 | 12.72 | 15.79 | 5.25 |
| ଓଡ଼ିଶା (2019-20) | 22.45 | 16.80 | 14.58 | 5.13 |
| ସାଧାରଣ ବର୍ଗ ରାଜ୍ୟଗୁଡ଼ିକରେ ହାରାହାରି (2023-24) | 15.66 | 15.38 | 14.36 | 5.71 |
| ଓଡ଼ିଶା (2023-24) | 22.83 | 22.20 | 13.24 | 8.17 |

***ଉତ୍ସ: ଓଡ଼ିଶା ସରକାରଙ୍କର ସଂପୃକ୍ତ ବର୍ଷର ବିତ୍ତ ଲେଖା***

**ସାରଣୀ 2.24** ଦର୍ଶାଏ ଯେ:


- ଜିଏସ୍‌ଡିପିର ଅନୁପାତରେ ରାଜ୍ୟ ସରକାରଙ୍କ ମୋଟ ବ୍ୟୟ 2019-20 ରେ 22.45 ପ୍ରତିଶତ ଥିବା ବେଳେ 2023-24 ରେ ଏହା ସାମାନ୍ୟ ବୃଦ୍ଧି ପାଇ 22.83 ପ୍ରତିଶତରେ ପହଞ୍ଚିଛି । ଏକା ସମୟରେ, ସାଧାରଣ ବର୍ଗର ରାଜ୍ୟଗୁଡ଼ିକରେ ଏହା 15.88 ପ୍ରତିଶତ ରୁ 15.66 ପ୍ରତିଶତକୁ ହ୍ରାସ ପାଇଛି । ଯାହାହେଉ, ଓଡ଼ିଶାର ଜିଏସ୍‌ଡିପିର ପ୍ରତିଶତ ହିସାବରେ ମୋଟ ବ୍ୟୟ ସାଧାରଣ ବର୍ଗ ରାଜ୍ୟ ତୁଳନାରେ ବହୁତ ଅଧିକ ଥିଲା ।
- ପୁଞ୍ଜି ବ୍ୟୟ ସମ୍ପତ୍ତି ସୃଷ୍ଟିକୁ ସହଜ କରିଥାଏ, ଯାହା ଉଚ୍ଚ ଅଭିବୃଦ୍ଧି ପାଇଁ ସୁଯୋଗ ସୃଷ୍ଟି କରିଥାଏ । ମୋଟ ବ୍ୟୟ ସହିତ ପୁଞ୍ଜି ବ୍ୟୟର ଅନୁପାତ 2019-20 ରେ 16.80 ପ୍ରତିଶତରୁ 2023-24 ରେ 22.20 ପ୍ରତିଶତକୁ ବୃଦ୍ଧି ପାଇଛି । ସାଧାରଣ ବର୍ଗର ରାଜ୍ୟଗୁଡ଼ିକରେ ମଧ ଏହା ବୃଦ୍ଧି ପାଇଛି, କିନ୍ତୁ ଏହା 2019-20 ରେ 12.72 ପ୍ରତିଶତ ଥିବା ବେଳେ 2023-24 ରେ ଏହା 15.38 ପ୍ରତିଶତକୁ ବୃଦ୍ଧି ପାଇଛି ।
- ମୋଟ ବ୍ୟୟ ଅନୁପାତରେ ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ବ୍ୟୟ 2019-20 ରେ 14.58 ପ୍ରତିଶତ ଥିବା ବେଳେ 2023-24 ରେ ଏହା 13.24 ପ୍ରତିଶତକୁ ହ୍ରାସ ପାଇଛି, ଯାହା ସାଧାରଣ ବର୍ଗର ରାଜ୍ୟ ଗୁଡ଼ିକର ହାରାହାରି ଠାରୁ 15.79 ପ୍ରତିଶତ ରୁ 14.36 ପ୍ରତିଶତକୁ ହ୍ରାସ ପାଇଛି ।
- ଓଡ଼ିଶାରେ ମୋଟ ବ୍ୟୟ ତୁଳନାରେ ସ୍ୱାସ୍ଥ୍ୟ ଉପରେ ଖର୍ଚ୍ଚର ଅନୁପାତ 2019-20 ରେ 5.13 ପ୍ରତିଶତ ଥିବା ବେଳେ 2023-24 ରେ ଏହା 8.17 ପ୍ରତିଶତକୁ ବୃଦ୍ଧି ପାଇଥିବା ବେଳେ ସେହି ସମାନ ସମୟରେ ସାଧାରଣ ବର୍ଗର ରାଜ୍ୟମାନଙ୍କ କ୍ଷେତ୍ରରେ ଏହା 5.25 ପ୍ରତିଶତରୁ 5.71 ପ୍ରତିଶତକୁ ବୃଦ୍ଧି ପାଇଛି ।

ବିଶେଷ କରି ସାମଗ୍ରୀକ ବ୍ୟୟ (ଟିଇ/ଜିଏସ୍‌ଡିପି) ଏବଂ ପୁଞ୍ଜି ନିବେଶ (ସିଇ/ଟିଇ) ଉପରେ ଗୁରୁତ୍ୱ ଦେବା କ୍ଷେତ୍ରରେ ଓଡ଼ିଶା ସାଧାରଣ ବର୍ଗ ରାଜ୍ୟ ତୁଳନାରେ ଅଧିକ ବିତ୍ତୀୟ ସକ୍ରିୟତା ପ୍ରଦର୍ଶନ କରୁଛି । ତେବେ, ସ୍ୱାସ୍ଥ୍ୟ ଖର୍ଚ୍ଚରେ ଉଲ୍ଲେଖନୀୟ ବୃଦ୍ଧି ତୁଳନାରେ ଶିକ୍ଷା ଖର୍ଚ୍ଚର ପ୍ରାଥମିକତା ତୁଳନାତ୍ମକ ଭାବେ ହ୍ରାସ ପାଇଛି, ଯାହା ଭିତ୍ତିଭୂମି ଏବଂ ସ୍ୱାସ୍ଥ୍ୟ କ୍ଷେତ୍ର ପ୍ରତି ଓଡ଼ିଶାର ବ୍ୟୟ ଅଗ୍ରାଧିକାରର ପରିବର୍ତ୍ତନକୁ ସୂଚାଉଛି ।

### 2.4.4 ଉଦ୍ଦେଶ୍ୟ ଶୀର୍ଷକ ଭିତ୍ତିରେ ବ୍ୟୟ

ଉଦ୍ଦେଶ୍ୟ ଶୀର୍ଷକ ଭିତ୍ତିରେ ବ୍ୟୟର ଲକ୍ଷ୍ୟ/ ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥାଏ । **ରେଖାଚିତ୍ର 2.15** ଉଦ୍ଦେଶ୍ୟ ଶୀର୍ଷକ ଭିତ୍ତିରେ ବ୍ୟୟ ଦର୍ଶାଏ ।

**ରେଖାଚିତ୍ର 2.15: ଉଦ୍ଦେଶ୍ୟ ଶୀର୍ଷକ ଭିତ୍ତିରେ ବ୍ୟୟ 2023-24 ବର୍ଷରେ (ପ୍ରତିଶତରେ)**




*ଉତ୍ସ: ଓଡ଼ିଶା ସରକାରଙ୍କର ସଂପୃକ୍ତ ବର୍ଷର ବିତ୍ତ ଲେଖା*

### 2.5 ଆକସ୍ମିକ ପାଣ୍ଠି

ଓଡ଼ିଶା ଆକସ୍ମିକ ପାଣ୍ଠି ଅଧିନିୟମ, 1967 ଅଧୀନରେ ଓଡିଶା ସରକାରଙ୍କ ଆକସ୍ମିକ ପାଣ୍ଠି ପ୍ରତିଷ୍ଠା କରାଯାଇଛି । ଅପ୍ରତ୍ୟାଶିତ ବ୍ୟୟ ଭରଣା ପାଇଁ ଓଡିଶା ରାଜ୍ୟର ଆକସ୍ମିକ ପାଣ୍ଠିରୁ ଅର୍ଥ ପ୍ରତ୍ୟାହାର ଏବଂ ଅର୍ଥ ପ୍ରଦାନ ଓ ଆନୁଷଙ୍ଗିକ ସମସ୍ତ ମାମଲାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ଓଡିଶା ଆକସ୍ମିକ ପାଣ୍ଠି ନିୟମ, 1967 ପ୍ରଣୟନ କରିଥିଲେ । ଯେତେବେଳେ ରାଜ୍ୟ ବିଧାନ ସଭା ଅତିରିକ୍ତ ଖର୍ଚ୍ଚ ଅନୁମତି ଦିଏ ସେତେବେଳେ ଏହି ପାଣ୍ଠିର ଭରଣା କରାଯାଏ । ଏହି ପାଣ୍ଠିର ପାଣ୍ଠି ହେଉଛି 400 କୋଟି ଟଙ୍କା। 2023-24 ରେ ବିଭିନ୍ନ ବଜେଟ୍ ଶୀର୍ଷକ ଅଧୀନରେ ପାଣ୍ଠିରୁ 274.34 କୋଟି ଟଙ୍କା ଉଠାଯାଇଛି । (2202- ସାଧାରଣ ଶିକ୍ଷା; 117.73 କୋଟି ଟଙ୍କା, 2425- ସମବାୟ; 0.14 କୋଟି ଟଙ୍କା, 4059- ପୂର୍ତ୍ତ କାର୍ଯ୍ୟ ନିମିତ୍ତ ପୁଞ୍ଜି ଖର୍ଚ୍ଚ; 93.56 କୋଟି ଟଙ୍କା, 4216-ଗୃହ ନିର୍ମାଣରେ ପୁଞ୍ଜି ବିନିଯୋଗ; 62.91 କୋଟି ଟଙ୍କା) । ତେବେ 2023-24 ଆର୍ଥିକ ବର୍ଷ ଶେଷ ସୁଦ୍ଧା ସମୁଦାୟ 274.34 କୋଟି ଟଙ୍କା ଭରଣା ହୋଇନଥିଲା । 2024 ମାର୍ଚ୍ଚ 31 ତାରିଖ ସୁଦ୍ଧା ଆକସ୍ମିକ ପାଣ୍ଠିର ଅବଶେଷ ଅର୍ଥ ମାତ୍ର 125.66 କୋଟି ଟଙ୍କା ଥିଲା ।

2023-24 ଶେଷ ସୁଦ୍ଧା ଅଗ୍ରୀମ ରାଶିର ଭରଣା ହୋଇନଥିବାରୁ ଏହି ବର୍ଷରେ ରାଜସ୍ୱ ବଳକା 117.87 କୋଟି ଟଙ୍କା ଅତ୍ୟଧିକ ଏବଂ ବିତ୍ତୀୟ ନିଅଣ୍ଟ 274.34 କୋଟି ଟଙ୍କା କମ୍ ଦର୍ଶାଯାଇଛି ।

ଆକସ୍ମିକ ପାଣ୍ଠିରୁ ହୋଇଥିବା ଖର୍ଚ୍ଚର ବିବରଣୀ ଏହି ରିପୋର୍ଟରେ ତୃତୀୟ ଅଧ୍ୟାୟର ଧାରା 3.5.3 ରେ ଆଲୋଚନା କରାଯାଇଛି ।

### 2.6 ସରକାରୀ ଲେଖା ପ୍ରାପ୍ତି

କ୍ଷୁଦ୍ର ସଞ୍ଚୟ, ଭବିଷ୍ୟନିଧି ପାଣ୍ଠି, ରିଜର୍ଭ ପାଣ୍ଠି, ଜମା, ସସ୍‌ପେନ୍ସ, ଟଙ୍କା ପଠାଇବା ଇତ୍ୟାଦି କାରବାର ସମ୍ବନ୍ଧରେ ପ୍ରାପ୍ତି ଏବଂ ବିତରଣ, ଯାହା ସଂଗଠିତ ପାଣ୍ଠିର ଅଂଶ ନୁହେଁ, ସମ୍ବିଧାନର ଧାରା 266(2) ଅନୁଯାୟୀ ସ୍ଥାପିତ ସରକାରୀ ଲେଖାରେ ଏହା ରଖାଯାଏ ।

ଏହାରାଜ୍ୟ ବିଧାନସଭାରେ ଭୋଟ ଦ୍ୱାରା ଅଧିକ ନୁହେଁ । ଏହି ମାମଲାଗୁଡ଼ିକରେ ସରକାର ଜଣେ ବ୍ୟାଙ୍କ୍‌ର ଭାବରେ କାର୍ଯ୍ୟ କରନ୍ତି । ବର୍ଷରେ ବଣ୍ଟନ ପରେ ବଳକା ପାଣ୍ଠି ଯାହା ହେଉଛି ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ସରକାରଙ୍କ ନିଜ ପାଖରେ ପାଣ୍ଠି ଉପଲବ୍ଧ ରହିଥାଏ ।

## 2.6.1 ସରକାରୀ ଲେଖା ପାଣ୍ଠିର ନିଟ୍ ବଳକା

ରାଜ୍ୟର ସରକାରୀ ଲେଖା ପାଣ୍ଠିର ଘଟକ କ୍ଷେତ୍ର ଅନୁଯାୟୀ ନିଟ୍ ବଳକା ପ୍ରାପ୍ତି ଓ ବିତରଣ ଗଠନର ସବିଶେଷ ତଥ୍ୟ **ସାରଣୀ 2.25** ରେ ଦର୍ଶାଯାଇଛି । **ରେଖାଚିତ୍ର 2.16** ରେ ସରକାରୀ ଲେଖାରେ ଗଠନର ବାର୍ଷିକ ପରିବର୍ତ୍ତନ ଦର୍ଶାଯାଇଛି ।

**ସାରଣୀ 2.25: ସରକାରୀ ଲେଖାରେ ଘଟକ ଅନୁଯାୟୀ ନିଟ୍ ବଳକା**

(ଟଙ୍କା କୋଟିରେ)

| କ୍ଷେତ୍ର | ଉପ-କ୍ଷେତ୍ର | 2019-20 | 2020-21 | 2021-22 | 2022-23 | 2023-24 |
|---|---|---|---|---|---|---|
| I. ସ୍ୱଳ୍ପ ସଂଚୟ, ଭବିଷ୍ୟନିଧି ପାଣ୍ଠି ଇତ୍ୟାଦ | ସ୍ୱଳ୍ପ ସଂଚୟ, ଭବିଷ୍ୟନିଧି ପାଣ୍ଠି ଇତ୍ୟାଦି | 915 | 612 | 308 | -502 | -800 |
| J. ସଂରକ୍ଷିତ ପାଣ୍ଠି | a) ସୁଧ ବାହକ ସଂରକ୍ଷିତ ପାଣ୍ଠି | 6,201 | 178 | 444 | 485 | 3,457 |
| | b) ସୁଧ ବିହୀନ ସଂରକ୍ଷିତ ପାଣ୍ଠି | 1,053 | -1,207 | 3,106 | 15,030 | 7,313 |
| K. ଜମା ଓ ଅଗ୍ରୀମ | a) ସୁଧ ବାହକ ଜମା | 7 | -19 | 2 | 21 | 3 |
| | b) ସୁଧ ବିହୀନ ଜମା | 3,422 | -13,013 | 751 | 2,783 | 5,645 |
| | c) ଅଗ୍ରୀମ | 1 | -5 | -1 | -1 | 0 |
| L. ସସ୍‌ପେନ୍ସ ଓ ବିବିଧ | b) ସସ୍‌ପେନ୍ସ | -80 | 26 | 188 | 177 | -151 |
| | c) ଅନ୍ୟ ଲେଖା | 0 | 0 | 0 | 0 | 0 |
| | d) ସରକାରଙ୍କ ପାଖରେ ଥିବା ବିଦେଶ ଲେଖା | 0 | 0 | 0 | 0 | 0 |
| | e) ବିବିଧ | 0 | 2,500 | 0 | -6 | 0 |
| M. ପ୍ରେରଣ | a) ମନି ଅର୍ଡର ଓ ଅନ୍ୟାନ୍ୟ ପ୍ରେରଣ | -21 | 24 | 18 | 16 | 25 |
| | b) ଆନ୍ତଃ ସରକାରୀ ସମନ୍ୱୟ ଲେଖା | 0 | -6 | -1 | 5 | 2 |
| ମୋଟ | | **11,497** | **-10,910** | **4,815** | **18,008** | **15,494** |

*ଉତ୍ସ: ଓଡ଼ିଶା ସରକାରଙ୍କ ସଂପୃକ୍ତ ବର୍ଷର ବିତ୍ତ ଲେଖା*


*ଟିପ୍ପଣୀ: +ve ଡେବିଟ୍ ବଳକାକୁ ସୂଚିତ କରେ ଏବଂ –ve କ୍ରେଡିଟ୍ ବଳକାକୁ ସୂଚିତ କରେ*

**ସାରଣୀ 2.25** ରୁ ଏହା ଦେଖାଯାଇପାରେ ଯେ, ଆର୍ଥିକ ବର୍ଷ 2023-24 ରେ, ନିଟ୍ ସରକାରୀ ଲେଖା ପ୍ରାପ୍ତି (15,494 କୋଟି ଟଙ୍କା) ରାଜ୍ୟର ମୋଟ ସମ୍ବଳର ( 2,13,769 କୋଟି ଟଙ୍କା)ର 7.25 ପ୍ରତିଶତ ଯୋଗଦାନ ଥିଲା । ମୁଖ୍ୟ ଶୀର୍ଷ 8228- ରାଜସ୍ୱ ସଂରକ୍ଷିତ ପାଣ୍ଠି ଅଧିନରେ ବଜେଟ ସ୍ଥିରୀକରଣ ପାଣ୍ଠି ପାଇଁ 5,000 କୋଟି ଟଙ୍କା ହସ୍ତାନ୍ତର ହେତୁ ସୁଧ ବହନ କରୁନଥିବା ସଂରକ୍ଷିତ ପାଣ୍ଠି (7,313 କୋଟି ଟଙ୍କା) ସରକାରୀ ଲେଖା ପ୍ରାପ୍ତିର ମୁଖ୍ୟ ଉତ୍ସ ଥିଲା ।

ସୁଧ ବହନ କରୁଥିବା ରିଜର୍ଭ ପାଣ୍ଠି ଏବଂ ଜମା ଉପରେ ସରକାର ସୁଧ ଦେବାକୁ / ସମାଯୋଜନା କରିବାକୁ ଦାୟୀ । ଆର୍ଥିକ ବର୍ଷ 2023-24 ରେ, ରାଜ୍ୟ ସୁଧଦେୟ ରାଶି ବିପର୍ଯ୍ୟୟ, ମୁକାବିଲା ପାଣ୍ଠିକୁ (235.82 କୋଟି ଟଙ୍କା) , ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିକୁ (44.80 କୋଟି ଟଙ୍କା), ରାଜ୍ୟ କ୍ଷତିପୂରଣ ବନୀକରଣ ପାଣ୍ଠିକୁ (24.01 କୋଟି ଟଙ୍କା), ସରକାରୀ କମ୍ପାନୀ, ନିଗମ ଇତ୍ୟାଦି ଉପରେ ଜମାକୁ (1.18 କୋଟି ଟଙ୍କା) ଏବଂ ବିବିଧ ଜମାକୁ (0.02 କୋଟି ଟଙ୍କା), ମୋଟ 305.83 କୋଟି ଟଙ୍କା, ସୁଧ ସରକାରୀ ଲେଖାରେ ଜମା ହୋଇନଥିଲା, ଯାହା ରାଜ୍ୟର ରାଜସ୍ୱ ଏବଂ ବିତ୍ତୀୟ ସ୍ଥିତି ଉପରେ ଅନୁକୂଳ ପ୍ରଭାବ ପକାଇଥିଲା ।

### ରେଖାଚିତ୍ର 2.16: ସରକାରୀ ଲେଖା ପାଣ୍ଠିର ବଳକାର ଗଠନରେ ବାର୍ଷିକ ପରିବର୍ତ୍ତନ

(କୋଟି ଟଙ୍କାରେ)




*ଉତ୍ସ: ଓଡ଼ିଶା ସରକାରଙ୍କ ସଂପୃକ୍ତ ବର୍ଷର ବିତ୍ତ ଲେଖା*

ରାଜ୍ୟ ସରକାର 305.83 କୋଟି ଟଙ୍କାର ସୁଧ ରାଶିକୁ ସରକାରୀ ଲେଖାକୁ ଶୀଘ୍ର ସ୍ଥାନାନ୍ତର କରିବାକୁ (ଅକ୍ଟୋବର 2024) ରାଜି ହୋଇଥିଲେ।

## 2.6.2 ସଂରକ୍ଷିତ ପାଣ୍ଠି

ରାଜ୍ୟ ସରକାରଙ୍କ ସରକାରୀ ଲେଖା ଅଧୀନରେ ନିର୍ଦ୍ଦିଷ୍ଟ ଏବଂ ପରିଭାଷିତ ଉଦ୍ଦେଶ୍ୟରେ ସଂରକ୍ଷିତ ପାଣ୍ଠି ସୃଷ୍ଟି ହୋଇଛି। ଏହି ପାଣ୍ଠି ସଂଗଠିତ ପାଣ୍ଠିରୁ କିମ୍ବା ବାହ୍ୟ ସଂସ୍ଥାରୁ ଦାନ କିମ୍ବା ଅନୁଦାନରୁ ପୂରଣ ହୁଏ। ଏଥିରେ ସୁଧ ବାହକ ସଂରକ୍ଷିତ ପାଣ୍ଠି ଏବଂ ସୁଧ ବିହିନ ସଂରକ୍ଷିତ ପାଣ୍ଠି ଅନ୍ତର୍ଭୁକ୍ତ।

31 ମାର୍ଚ୍ଚ 2024 ସୁଦ୍ଧା ତିନୋଟି ସୁଧ ଧାରୀ କରୁଥିବା ସଂରକ୍ଷିତ ପାଣ୍ଠି ଏବଂ ଆଠଟି ଅଣ ସୁଧ ଧାରୀ ସଂରକ୍ଷିତ ପାଣ୍ଠି ଥିଲା। 31 ମାର୍ଚ୍ଚ 2024 ସୁଦ୍ଧା ଏହି ସଂରକ୍ଷିତ ପାଣ୍ଠିରେ ଥିବା ପାଣ୍ଠିର ବଳକା **ସାରଣୀ 2.26** ରେ ଦର୍ଶାଯାଇଛି।

### ସାରଣୀ 2.26: ସଂରକ୍ଷିତ ପାଣ୍ଠିର ବିଶଦ ବିବରଣୀ

(ଟଙ୍କା କୋଟିରେ)

| କ୍ର.ସଂ. | ସଂରକ୍ଷିତ ପାଣ୍ଠିର ନାମ | 31 ମାର୍ଚ୍ଚ 2024 ସୁଦ୍ଧା ଅବଶେଷ |
|---|---|---|
| **A** | ସୁଧ ବାହକ ସଂରକ୍ଷିତ ପାଣ୍ଠି | **11,211.08** |
| 1. | ରାଜ୍ୟ ବିପର୍ଯ୍ୟୟ ପାଣ୍ଠି | 5,214.71 |
| 2. | ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି | 1,286.91 |
| 3. | ରାଜ୍ୟ କ୍ଷତିପୂରକ ବନୀକରଣ ପାଣ୍ଠି | 4,709.46 |
| **B.** | **ସୁଧ ବିହୀନ ସଂରକ୍ଷିତ ପାଣ୍ଠି** | **38,956.93** |
| 1. | ସଂଗଠିତ ଋଣ ପରିଶୋଧ ପାଣ୍ଠି | 17,135.66 |
| 2. | ଓଡ଼ିଶା ଦୁର୍ଭିକ୍ଷ ସହାୟତା ପାଣ୍ଠି | 3.94 |
| 3. | ସ୍ବୀକୃତ ବଜେଟ ପାଣ୍ଠି (ରାଜ୍ୟ ସଂରକ୍ଷିତ ପାଣ୍ଠି) | 19,574.87 |
| 4. | ଶିକ୍ଷା ପାଇଁ ଉନ୍ନୟନ ପାଣ୍ଠି | 12.48 |
| 5. | କୃଷି ପାଇଁ ଉନ୍ନୟନ ପାଣ୍ଠି | 0.01 |
| 6 | ଖାଉଟି କଲ୍ୟାଣ ପାଣ୍ଠି | 0.28 |
| 7. | ଅନ୍ୟାନ୍ୟ ଉନ୍ନୟନ ଓ କଲ୍ୟାଣ ପାଣ୍ଠି | 0.22 |
| 8. | ନିଶ୍ଚିତ ଋଣ ମୁକ୍ତ ପାଣ୍ଠି | 1,926.82 |
| 9. | ଅନ୍ୟାନ୍ୟ ପାଣ୍ଠି- ଜମାକାରୀଙ୍କ ସ୍ୱାର୍ଥ ସୁରକ୍ଷା ପାଣ୍ଠି | 302.65 |
| | ସର୍ବମୋଟ | **50,168.01** |

*ଉତ୍ସ: ଓଡ଼ିଶା ସରକାରଙ୍କ ବିତ୍ତ ଲେଖା*

ଏହି ପାଣ୍ଠିରେ ଥିବା ମୋଟ 50,168.01 କୋଟି ଟଙ୍କାର ମୋଟ ଜମା ହୋଇଥିବା ବଳକା ମଧ୍ୟରୁ 31 ମାର୍ଚ୍ଚ 2024 ସୁଦ୍ଧା, ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ସରକାରୀ ଷ୍ଟକରେ 39,258.12 କୋଟି ଟଙ୍କା ବିନିଯୋଗ କରାଯାଇଛି, ବଳକା 31 ମାର୍ଚ୍ଚ 2024 ସୁଦ୍ଧା ମୋଟ 10,909.89 କୋଟି ଟଙ୍କାର ନିଟ୍ ବିନିଯୋଗ ନ ହୋଇ ବାକି ଅଛି ।

### 2.6.2.1 ଏକତ୍ରୀକୃତ ଋଣ ପରିଶୋଧ ପାଣ୍ଠି (ସିଏସ୍ଏଫ୍)

ଦ୍ୱାଦଶ ଅର୍ଥ କମିଶନରଙ୍କ ସୁପାରିଶ ଅନୁଯାୟୀ, ଓଡ଼ିଶା ସରକାର ବକେୟା ଦାୟିତ୍ୱକୁ ସ୍ଥଗିତ ରଖିବା ପାଇଁ ଏକ ସଂଗଠିତ ଋଣ ପରିଶୋଧ ପାଣ୍ଠି ଗଠନ କରିଥିଲେ। । ଭାରତର ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁଯାୟୀ ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସିଏସ୍ଏଫ୍‌କୁ ସର୍ବନିମ୍ନ ବାର୍ଷିକ 0.5 ପ୍ରତିଶତ ବାର୍ଷିକ ଅବଦାନ ଦେବାକୁ କୁହାଯାଇଛି । ରିଜର୍ଭ ବ୍ୟାଙ୍କ ସହ ପରାମର୍ଶ କରି , ରାଜ୍ୟ ସରକାରଙ୍କ ପରାମର୍ଶରେ ବିଜ୍ଞପ୍ତି ଅନୁସାରେ ନଭେମ୍ବର 2018 ରେ ଓଡ଼ିଶା ସରକାରଙ୍କ ସଂଗଠିତ ଋଣ ପରିଶୋଧ ପାଣ୍ଠିର ସନ୍ନିଧାନ ଏବଂ ପ୍ରଶାସନ ପାଇଁ ଯୋଜନାରେ ସଂଶୋଧନ କରିଥିଲେ ଏବଂ ଯଦି ପୂର୍ବ ବର୍ଷ ରେ ଏହି ପାଣ୍ଠିର ବାଲାନ୍ସ 5 ପ୍ରତିଶତରୁ ଅଧିକ ସ୍ତରରେ ବଜାୟ ରହିଥାଏ, ରାଜ୍ୟ ସରକାର ଏହି ପାଣ୍ଠିରେ ଯୋଗଦାନ ନକରିବାକୁ ସ୍ୱାଧୀନତା ପାଇଥିଲେ ।

ଚଳିତ ବର୍ଷ ପ୍ରାରମ୍ଭରେ ଏହି ପାଣ୍ଠିରେ, 15,914.19 କୋଟି ଟଙ୍କାର ପ୍ରାରମ୍ଭିକ ଅବଶେଷ ଟଙ୍କା ଥିଲା । 31 ମାର୍ଚ୍ଚ 2023 ସୁଦ୍ଧା, ଓଡ଼ିଶା ସରକାରଙ୍କ ବକେୟା ଦେୟ 1,01,700[20] କୋଟି ଟଙ୍କା ଥିଲା ଯାହା ପୂର୍ବ ବର୍ଷ ଶେଷ ସୁଦ୍ଧା ରାଜ୍ୟ ସରକାରଙ୍କ ମୋଟ ଋଣ ବୋଝ 15.65 ପ୍ରତିଶତ (ନିର୍ଦ୍ଦିଷ୍ଟ ସ୍ତର *5* ପ୍ରତିଶତରୁ ଅଧିକ) ଥିଲା । ସେହି ଅନୁଯାୟୀ, 2023-24 ବର୍ଷରେ ରାଜ୍ୟ ସରକାର ଏହି ପାଣ୍ଠିରେ ଯୋଗଦାନ କରିନଥିଲେ । ତେବେ, 1,221.47 କୋଟି ଟଙ୍କାର ସୁଧ ଆଦାୟ ହୋଇଛି । ଫଳରେ 2023-24 ଆର୍ଥିକ ବର୍ଷ ଶେଷ ସୁଦ୍ଧା 17,135.66 କୋଟି ଟଙ୍କାର ବଳକା ରହିଥିଲା ।

### 2.6.2.2 ରାଜ୍ୟ ବିପର୍ଯ୍ୟୟ ବିପଦ ପରିଚାଳନା ପାଣ୍ଠି (ପୂର୍ବ ଏସଡିଆର୍ଏଫ୍)

ଭାରତ ସରକାର (ଜିଓଆଇ) ପୂର୍ବ ବିପର୍ଯ୍ୟୟ ସହାୟତା ପାଣ୍ଠି ବଦଳରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଆର୍‌ଏଫ୍) କୁ 1 ଅପ୍ରେଲ 2010 ଠାରୁ କାର୍ଯ୍ୟକାରୀ କରିଥିଲେ । ଏସ୍‌ଡିଆର୍‌ଏଫ୍‌ର ମାର୍ଗଦର୍ଶିକା (ସେପ୍ଟେମ୍ବର 2010 ଏବଂ ଜୁଲାଇ 2015) ଅନୁଯାୟୀ, କେନ୍ଦ୍ର ଏବଂ ରାଜ୍ୟ ସରକାର 75:25 ଅନୁପାତରେ ପାଣ୍ଠିକୁ ଦାନ କରିଥିଲେ । ଏହି ଅବଦାନଗୁଡ଼ିକ ସରକାରୀ ହିସାବ ଅଧୀନରେ ମୁଖ୍ୟ ଶୀର୍ଷ-8121 କୁ ହସ୍ତାନ୍ତର କରାଯାଇଥିଲା । ମୁଖ୍ୟ ଶୀର୍ଷ 2245-ପରିଚାଳନା କରି ବର୍ଷ ମଧ୍ୟରେ ଖର୍ଚ୍ଚ କରିବାକୁ ପଡୁଥିଲା । ପୁନଶ୍ଚ, ପଞ୍ଚଦଶ ଅର୍ଥ ଆୟୋଗଙ୍କର ସୁପାରିଶ ଅନୁଯାୟୀ ଭାରତ ସରକାର ବିଜ୍ଞପ୍ତି 12 ଜାନୁଆରୀ 2022 ରେ ମାର୍ଗଦର୍ଶିକାର ସଂଶୋଧନ କରିଥିଲେ । ମାର୍ଗଦର୍ଶିକା ଅନୁଯାୟୀ, ଏସ୍‌ଡିଆର୍‌ଏଫ୍ କୁ ରାଜ୍ୟ ବିପର୍ଯ୍ୟୟ ବିପଦ ପରିଚାଳନା ପାଣ୍ଠି (ଏସ୍‌ଡିଆର୍‌ଏମ୍‌ଏଫ୍) ଭାବରେ ପୁନଃ ନାମିତ କରାଗଲା । ବିପର୍ଯ୍ୟୟ ପରିଚାଳନା ଆବଶ୍ୟକତା ଯଥା ପ୍ରତିକ୍ରିୟା ଏବଂ ରିଲିଫ୍, ପୁନରୁଦ୍ଧାର ଏବଂ ପୁନଃନିର୍ମାଣ, ପ୍ରସ୍ତୁତି ଏବଂ ଦକ୍ଷତା ବିକାଶ ଏବଂ ପ୍ରଶମନର ସମ୍ପୂର୍ଣ୍ଣ ଚକ୍ରର ସମାଧାନ ପାଇଁ ଏସ୍‌ଡିଆର୍‌ଏମ୍‌ଏଫ୍ ପାଇଁ ସମୁଦାୟ ଆବଣ୍ଟନକୁ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏସ୍‌ଡିଆର୍‌ଏଫ୍) ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଏମ୍‌ଏଫ୍) ରେ ବିଭକ୍ତ କରାଯାଇଥିଲା । ମାର୍ଗଦର୍ଶିକା ଅନୁଯାୟୀ, ଏସ୍‌ଡିଆର୍‌ଏମ୍‌ଏଫ୍‌ରେ ଏସଡିଆର୍‌ଏଫ୍ ଏବଂ ଏସଡିଏମ୍‌ଏଫ୍ ର ଅଂଶ ଯଥାକ୍ରମେ 80 ପ୍ରତିଶତ ଏବଂ 20 ପ୍ରତିଶତ ରହିବ ।

ରିଜର୍ଭ ବ୍ୟାଙ୍କର ଓଭରଡ୍ରାଫ୍ଟ ନିୟମାବଳୀ ମାର୍ଗଦର୍ଶିକା ଅନୁଯାୟୀ ଓଭରଡ୍ରାଫ୍ଟ ପାଇଁ ଲାଗୁ ହେଉଥିବା ହାରରେ ରାଜ୍ୟ ସରକାର ଏସ୍‌ଡିଆର୍‌ଏମ୍‌ଏଫ୍ କୁ ସୁଧ ଦେବାକୁ ପଡ଼ିବ । ସୁଧକୁ ଅର୍ଦ୍ଧ ବାର୍ଷିକ ଭିତ୍ତିରେ ଜମା କରିବାକୁ ହେବ । ଏସ୍‌ଡିଆର୍‌ଏମ୍‌ଏଫ୍‌ର ଅଭିବୃଦ୍ଧି ସହିତ ଏସ୍‌ଡିଆର୍‌ଏମ୍‌ଏଫ୍ ପୁଞ୍ଜି ବିନିଯୋଗରେ ଅର୍ଜନ ହୋଇଥିବା ରାଶି କେନ୍ଦ୍ର ସରକାରୀ ସିକ୍ୟୁରିଟିରେ ବିନିଯୋଗ, ଟ୍ରେଜେରୀ ବିଲ୍ ନିଲାମ ଏବଂ ଅନୁସୂଚିତ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକର ଅର୍ଜନ ସୁଧ ବିନିଯୋଗ ହେବ ।

[20] 31.03.2023 ସୁଦ୍ଧା ବକେୟା ଦେୟ 1,01,700 କୋଟି ଟଙ୍କା ଥିଲା । (ଜିଏସଟି କ୍ଷତିପୂରଣ ଅଭାବ ବଦଳରେ ଭାରତ ସରକାରଙ୍କ ଠାରୁ ଗୋଟିଏ ପରେ ଗୋଟିଏ ଋଣକୁ ବାଦ ଦେଲେ, ଯାହାର ପରିମାଣ 10,252.20 କୋଟି ଟଙ୍କା ଥିଲା, ଯାହାକୁ ରାଜ୍ୟ ପରିଶୋଧ କରିବାର ନଥିଲା) ।

### (i) ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏସ୍‌ଡିଆର୍‌ଏଫ୍)

ଏସ୍‌ଡିଆର୍‌ଏମ୍‌ଏଫ୍ ର 80 ପ୍ରତିଶତ ଅଂଶ ଏସ୍‌ଡିଆର୍‌ଏଫ୍ ପାଇଁ ଆବଣ୍ଟନ କରାଯିବାରଥିଲା । ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିକୁ ବିପର୍ଯ୍ୟୟ ପୀଡ଼ିତଙ୍କୁ ତୁରନ୍ତ ମୁକାବିଲା ତଥା ରିଲିଫ୍ (40 ପ୍ରତିଶତ), ପୁନରୁଦ୍ଧାର ଏବଂ ପୁନଃନିର୍ମାଣ (30 ପ୍ରତିଶତ) ଏବଂ ପ୍ରସ୍ତୁତି ଏବଂ ଦକ୍ଷତା ବୃଦ୍ଧି (10 ପ୍ରତିଶତ) ପାଇଁ ଖର୍ଚ୍ଚ ପୂରଣ ପାଇଁ ବ୍ୟବହୃତ ହେବ । ଏସ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଏମ୍‌ଏଫ୍ ପାଇଁ ପାଣ୍ଠି ଅଦଳବଦଳ ହେବ ନାହିଁ ।

ଆର୍ଥିକ ଲେଖା ଅନୁଯାୟୀ, 1 ଅପ୍ରେଲ 2023 ସୁଦ୍ଧା, ଏସ୍‌ଡିଆର୍‌ଏଫ୍ ରେ 3,208.24 କୋଟି ଟଙ୍କାର ପରିମାଣ ପଡ଼ିଥିଲା । ଆର୍ଥିକ ବର୍ଷ 2023-24 ରେ 2,381.42 କୋଟି ଟଙ୍କା (କେନ୍ଦ୍ରୀୟ ଅଂଶ ଭାବରେ 1,415.20 କୋଟି ଟଙ୍କା, ରାଜ୍ୟ ଅଂଶ ଭାବରେ 471.20 କୋଟି ଟଙ୍କା, ଏସଡିଆରଏଫକୁ ଅବ୍ୟବହୃତ ଟଙ୍କା ଫେରସ୍ତ ବାବଦରେ 410.09 କୋଟି ଟଙ୍କା ଏବଂ ନିବେଶରୁ 84.93 କୋଟି ଟଙ୍କା) ପାଣ୍ଠିକୁ ହସ୍ତାନ୍ତର କରାଯାଇଥିଲା । ଚଳିତ ବର୍ଷ ଏହି ପାଣ୍ଠିରୁ 374.96 କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ 5,214.71 କୋଟି ଟଙ୍କା ବଳକା ରହିଛି । ସେଥି ମଧ୍ୟରୁ 927.19 କୋଟି ଟଙ୍କା ବିନିଯୋଗ ହୋଇଥିବା ବେଳେ 2024 ମାର୍ଚ୍ଚ 31 ସୁଦ୍ଧା 4,287.51 କୋଟି ଟଙ୍କା ବିନିଯୋଗ ହୋଇନଥିବା ଭାରତ ସରକାରଙ୍କ ଉପରୋକ୍ତ ମାର୍ଗଦର୍ଶିକାକୁ ଉଲ୍ଲଂଘନ କରୁଛି ।

ଉପରୋକ୍ତ କାରଣରୁ ଓଡ଼ିଶା ସରକାରଙ୍କୁ ବର୍ଷକ ମଧ୍ୟରେ ଅଣନିବେଶ ପାଣ୍ଠି ଉପରେ 235.82 କୋଟି[21] ଟଙ୍କାର ସୁଧ ବୋଝ ବହନ କରିବାକୁ ପଡୁଛି । କିନ୍ତୁ ଓଡ଼ିଶା ସରକାର 235.82 କୋଟି ଟଙ୍କାର ସୁଧ ହସ୍ତାନ୍ତର କରିନଥିଲେ, ଯାହା ରାଜସ୍ୱ ବଳକାକୁ ଅଧିକ ଦର୍ଶାଯାଇଛି ଏବଂ ବିତ୍ତୀୟ ନିଅଣ୍ଟକୁ ସେହି ପରିମାଣରେ କମ୍ ଦର୍ଶାହୋଇଛି ।

### (ii) ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଏମ୍‌ଏଫ୍)

ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଏମ୍‌ଏଫ୍) ବିପର୍ଯ୍ୟୟ ପ୍ରଶମନ ଆଇନ୍, 2005 ର ଧାରା 48(1)(C) ଅନୁଯାୟୀ ଗଠନ କରାଯାଇଥିଲା । ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି / ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି ମାର୍ଗଦର୍ଶନ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ସମୟ ସମୟରେ ବିଜ୍ଞପ୍ତି ପ୍ରକାଶ ପାଇଥିବା ବିପର୍ଯ୍ୟୟ ସମ୍ବନ୍ଧୀୟ ପ୍ରଶମନ ପ୍ରକଳ୍ପ ଉଦ୍ଦେଶ୍ୟରେ ଏହି ପାଣ୍ଠି ଉଦ୍ଦିଷ୍ଟ । ରାଜ୍ୟ ସରକାର ମୁଖ୍ୟ ଶୀର୍ଷ 8121-130-ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ଅଧୀନରେ 29.09.2021 ତାରିଖ ବିଜ୍ଞପ୍ତି ନମ୍ବର 5643 ଜରିଆରେ ଏସଡିଏମ୍‌ଏଫ୍ ଗଠନ କରିଥିଲେ । ଏସ୍‌ଡିଆର୍‌ଏମ୍‌ଏଫ୍ ରୁ 20 ପ୍ରତିଶତ ଆବଣ୍ଟନ ଏସ୍‌ଡିଏମ୍‌ଏଫ୍ ପାଇଁ ଉଦ୍ଦିଷ୍ଟ ଥିଲା ।

1 ଅପ୍ରେଲ 2023 ସୁଦ୍ଧା ଏସ୍‌ଡିଏମ୍‌ଏଫ୍ ର ପ୍ରାରମ୍ଭିକ ଅର୍ଥ 557.50 କୋଟି ଟଙ୍କା ଥିଲା । ଆର୍ଥିକ ବର୍ଷ 2023-24 ରେ 945.15 କୋଟି ଟଙ୍କା (କେନ୍ଦ୍ରୀୟ ଅଂଶ ଭାବେ 522.30 କୋଟି[22] ଟଙ୍କା ରାଜ୍ୟ ଅଂଶ ଭାବେ 230 କୋଟି[23] ଟଙ୍କା, 2023-24 ଆର୍ଥିକ ବର୍ଷରେ ନିବେଶ ହୋଇନଥିବା 168.50 କୋଟି ଟଙ୍କା ଏବଂ ନିବେଶରୁ 24.35 କୋଟି ଟଙ୍କା ସୁଧ ରସିଦ ପାଣ୍ଠିକୁ ହସ୍ତାନ୍ତର କରାଯାଇଥିଲା । ଏହି ପାଣ୍ଠିରୁ 215.74 କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ବାକି 1,286.91 କୋଟି ଟଙ୍କା ରହିଛି । ଏଥି ମଧ୍ୟରୁ ନିଟ୍ 231.80 କୋଟି ଟଙ୍କାର ବିନିଯୋଗ ହୋଇଥିବା ବେଳେ 2024 ମାର୍ଚ୍ଚ 31 ସୁଦ୍ଧା 1,055.11 କୋଟି ଟଙ୍କା ବିନିଯୋଗ ନହୋଇ ପଡିରହିଥିବା ଭାରତ ସରକାରଙ୍କ ମାର୍ଗଦର୍ଶିକା ଉଲ୍ଲଂଘନ କରୁଛି । ଓଡିଶା ସରକାର 2023-24 ଆର୍ଥିକ ବର୍ଷରେ ଅଣ ନିବେଶ ପାଣ୍ଠି ଉପରେ 44.80[21] କୋଟି ଟଙ୍କାର ସୁଧ ବୋଝ ବହନ କରିବାକୁ

---

[21] ପ୍ରତି ମାସ ଶେଷରେ ପ୍ରଗତିଶୀଳ ବଳକା ଉପରେ ରିଜର୍ଭ ବ୍ୟାଙ୍କ ଦ୍ୱାରା ବିଜ୍ଞାପିତ ଓଭରଡ୍ରାଫ୍ଟ ଉପରେ ପ୍ରଦାନ କରାଯାଉଥିବା ହାରାହାରି 8.50 ପ୍ରତିଶତ ସୁଧ ହିସାବ କରାଯାଏ

[22] 2022-23 ଆର୍ଥିକ ବର୍ଷ ପାଇଁ ବକେୟା (168.50 କୋଟି ଟଙ୍କା ) ଅନ୍ତର୍ଭୁକ୍ତ

[23] 2022-23 ଆର୍ଥିକ ବର୍ଷ ପାଇଁ ବକେୟା ରାଜ୍ୟ ଅଂଶ(56.10 କୋଟି ଟଙ୍କା) ଏବଂ 2022-23 ଆର୍ଥିକ ବର୍ଷରେ ବିନିଯୋଗ ହୋଇନଥିବା ରାଜ୍ୟ ଅଂଶର 56.10 କୋଟି ଟଙ୍କା ଅନ୍ତର୍ଭୁକ୍ତ

ପଡିବ । କିନ୍ତୁ ଓଡିଶା ସରକାର 44.80 କୋଟି ଟଙ୍କାର ସୁଧ ହସ୍ତାନ୍ତର କରିନଥିଲେ, ଫଳତଃ ରାଜସ୍ୱ ବଳକା ଅଧିକ ଦର୍ଶାଇଲା ଏବଂ ବିତ୍ତୀୟ ନିଅଣ୍ଟକୁ ସେହି ପରିମାଣରେ କମ ଦର୍ଶାଇଲା ।

### 2.6.2.3 ଗ୍ୟାରେଣ୍ଟି ମୁକ୍ତି ପାଣ୍ଠି (ଜିଆର୍ ଏଫ୍)

ହିତାଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ବଣ୍ଡ ତଥା ଅନ୍ୟାନ୍ୟ ଉଧାର ପାଇଁ ସରକାର ପ୍ରଦାନ କରିଥିବା ଗ୍ୟାରେଣ୍ଟିରୁ ଉତ୍ପନ୍ନ ପେମେଣ୍ଟ ବାଧ୍ୟତାମୂଳକ ପୂରଣ ପାଇଁ ରାଜ୍ୟ ସରକାର ଏକ "ଗ୍ୟାରେଣ୍ଟିମୁକ୍ତି ପାଣ୍ଠି" ଗଠନ କରିଥିଲେ । ଏହି ପାଣ୍ଠିରେ ଜମାହୋଇଥିବା ଅର୍ଥ କେବଳ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଗ୍ୟାରେଣ୍ଟି ପ୍ରଦାନ ପାଇଁ ବ୍ୟବହୃତ ହେବ ଏବଂ ସେହି ଅନୁଷ୍ଠାନଗୁଡ଼ିକ ଦ୍ୱାରା ପ୍ରଦାନ ନକଲେ, ଯେଉଁ ତରଫରୁ ଗ୍ୟାରେଣ୍ଟି ପ୍ରଦାନ କରାଯାଇଥିଲା ।

ଦ୍ୱାଦଶ ଅର୍ଥ ଆୟୋଗର ସୁପାରିଶ ଅନୁଯାୟୀ, ରାଜ୍ୟ ସରକାର 2002-03 ଆର୍ଥିକ ବର୍ଷରେ ଗ୍ୟାରେଣ୍ଟି ମୁକ୍ତି ପାଣ୍ଠି ଗଠନ କରିଥିଲେ, ଯାହାର ଉଦ୍ଦେଶ୍ୟ ଥିଲା ସରକାରଙ୍କ ଦ୍ୱାରା ପ୍ରତିଶ୍ରୁତି ଦିଆଯାଇଥିବା ଋଣ ପରିଶୋଧରେ ଅବହେଳା କାରଣରୁ ପରିଶୋଧ ଦାୟିତ୍ୱ ପୂରଣ କରିବା । ବିଜ୍ଞପ୍ତି ସଂଖ୍ୟା 13912-ଏଫ୍ଆଇଏନ୍-ସିଆଇ-ଏସ୍‌ଜି-0001/2022-ଏଫ୍ ତାରିଖ 08-05-2023 ରେ ଏହି ପାଣ୍ଠିର ସଦ୍ୟତମ ସଂଶୋଧନ ଅନୁଯାୟୀ ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟ ସରକାରଙ୍କ ସର୍ବନିମ୍ନ ପାଣ୍ଠି ମୋଟ ବକେୟା ଗ୍ୟାରେଣ୍ଟିର 5 ପ୍ରତିଶତ ରଖାଯିବ । ରାଜ୍ୟ ସରକାର ଚାହିଁଲେ ନିଜ ଇଛାରେ ପାଣ୍ଠିରେ ସମୁଦାୟ ବକେୟା ଗ୍ୟାରେଣ୍ଟିର 5 ପ୍ରତିଶତରୁ ଅଧିକ ପାଣ୍ଠି ଯୋଗାଇ ପାରିବେ । ଆର୍ଥିକ ବର୍ଷ 2023-24 ରେ ସରକାର ଏହି ପାଣ୍ଠିରେ ସହଯୋଗ କରିନଥିଲେ । ତେବେ, 1,788.60 କୋଟି ଟଙ୍କାବିନିଯୋଗରୁ 138.22 କୋଟି ଟଙ୍କାର ସୁଧ ପାଣ୍ଠିକୁ ଜମା କରାଯାଇଥିଲା । 31 ମାର୍ଚ୍ଚ 2024 ସୁଦ୍ଧା ଏହି ପାଣ୍ଠିର ମୋଟ ସଞ୍ଚୟ ପରିମାଣ 1,926.82 କୋଟି ଟଙ୍କା ଥିଲା (31 ମାର୍ଚ୍ଚ 2023 ରେ 1,788.60 କୋଟି ଟଙ୍କା ଥିଲା), ଯାହା ପୂର୍ବ ବର୍ଷ ଶେଷରେ ଅର୍ଥାତ୍ 31 ମାର୍ଚ୍ଚ 2023 ସୁଦ୍ଧା ମୋଟ ବକେୟା ଗ୍ୟାରେଣ୍ଟି (5,111.31 କୋଟି ଟଙ୍କା) ର 37.70 ପ୍ରତିଶତ ଥିଲା । ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ପୁରା ପାଣ୍ଠି ଭାରତ ସରକାରଙ୍କ ସିକ୍ୟୁରିଟିରେ ବିନିଯୋଗ କରାଯାଇଥିଲା ।

### 2.6.2.4 ରାଜ୍ୟ କ୍ଷତିପୂରଣ ବନୀକରଣ ପାଣ୍ଠି (ଏସ୍‌ସିଏଏଫ୍)

କ୍ଷତିପୂରଣ ବନୀକରଣ ପାଣ୍ଠି ଅଧିନିୟମ, 2016 ଅନୁଯାୟୀ, ଓଡ଼ିଶା ସରକାର ସୁଧ ବହନ କରୁଥିବା ରିଜର୍ଭ ପାଣ୍ଠି ଅଧୀନରେ ରାଜ୍ୟର ସରକାରୀ ହିସାବରେ ରାଜ୍ୟ କ୍ଷତିପୂରଣ ବନୀକରଣ ପାଣ୍ଠି ପ୍ରତିଷ୍ଠା କରିଥିଲେ । ବନ(ସଂରକ୍ଷଣ) ଅଧିନିୟମ, 1980 ଅଧୀନରେ ଉପଭୋକ୍ତା ସଂସ୍ଥାମାନଙ୍କ ଠାରୁ ମିଳିଥିବା ସମସ୍ତ ଅର୍ଥକୁ କ୍ଷତିପୂରଣ ବୃକ୍ଷରୋପଣ ପାଣ୍ଠି, ଅତିରିକ୍ତ କ୍ଷତିପୂରଣ ବନୀକରଣ ପାଣ୍ଠି, ଦଣ୍ଡନୀୟ କ୍ଷତିପୂରଣ ବନୀକରଣ ପାଣ୍ଠି, ନିଟ୍ ବର୍ତ୍ତମାନର ମୂଲ୍ୟ ଏବଂ ଅନ୍ୟାନ୍ୟ ସମସ୍ତ ରାଶି ପାଇଁ ଜମା କରିବା ପାଇଁ ଏହି ପାଣ୍ଠି ଉଦ୍ଦିଷ୍ଟ । ଏହି ଆଇନ୍ ଅଧୀନରେ ସଂଗୃହୀତ ପାଣ୍ଠିକୁ କୃତ୍ରିମ ପୁନରୁଦ୍ଧାର (ବୃକ୍ଷରୋପଣ), ସହାୟକ ପ୍ରାକୃତିକ ପୁନରୁଦ୍ଧାର, ଜଙ୍ଗଲର ସୁରକ୍ଷା, ଜଙ୍ଗଲ ସମ୍ବନ୍ଧୀୟ ଭିତ୍ତିଭୂମି ବିକାଶ, ସବୁଜ ଭାରତ କାର୍ଯ୍ୟକ୍ରମ, ବନ୍ୟଜନ୍ତୁ ସୁରକ୍ଷା ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟକଳାପ ଏବଂ ଏହା ସହିତ ଜଡ଼ିତ କିମ୍ବା ଆନୁସଙ୍ଗିକ କାର୍ଯ୍ୟ ପାଇଁ ବ୍ୟବହୃତ କରିବା ଆବଶ୍ୟକ ।

01 ଅପ୍ରେଲ 2023 ସୁଦ୍ଧା, ଏସ୍‌ସିଏଏଫ୍ ର ପ୍ରାରମ୍ଭିକ ଅର୍ଥ ଥିଲା, 3,988.46 କୋଟି ଟଙ୍କା (ନଗଦ: 317.78 କୋଟି ଟଙ୍କା ଏବଂ ନିବେଶ: 3,670.68 କୋଟି ଟଙ୍କା) । ଆର୍ଥିକ ବର୍ଷ 2023-24 ରେ ରାଜ୍ୟ ସରକାର: (i) ଉପଭୋକ୍ତା ସଂସ୍ଥାଗୁଡ଼ିକରୁ କୌଣସି ରାଶି ଗ୍ରହଣ କରି ନାହାଁନ୍ତି (ii) ଜାତୀୟ କ୍ଷତିପୂରଣ ବନୀକରଣ ଜମାରୁ 1,258.49 କୋଟି ଟଙ୍କା ଏବଂ (iii) ପାଣ୍ଠିର ବିନିଯୋଗରୁ ସୁଧ ବାବଦରେ 104.49 କୋଟି ଟଙ୍କା ପାଇଥିଲେ । ଚଳିତ ବର୍ଷ ପାଣ୍ଠିରୁ 834.07 କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ମାର୍ଚ୍ଚ 2024 ସୁଦ୍ଧା ରାଜ୍ୟ କ୍ଷତିପୂରଣ ବନୀକରଣ ପାଣ୍ଠିରେ ବାକି ପରିମାଣ 4,709.46 କୋଟି ଟଙ୍କା ରହିଛି । 4,709.46 କୋଟି ଟଙ୍କା ମଧ୍ୟରୁ 4,461.77 କୋଟି ଟଙ୍କା ଆର୍‌ବିଆଇ ଟ୍ରେଜେରୀ ବିଲରେ ବିନିଯୋଗ ହୋଇଥିବା ବେଳେ 247.69 କୋଟି ଟଙ୍କା ବିନିଯୋଗ ହୋଇନାହିଁ ।

କ୍ଷତିପୂରଣ ବନୀକରଣ ପାଣ୍ଠି ଅଧିନିୟମ, 2016 ର ଧାରା 4(5) ଏବଂ (6) ଅନୁଯାୟୀ, ରାଜ୍ୟ ପାଣ୍ଠିରୁ ପ୍ରାପ୍ତ ଅର୍ଥ ସର୍ବସାଧାରଣ ଆକାଉଣ୍ଟ ଅଧୀନରେ ଏକ ସୁଧ ବହନକାରୀ ପାଣ୍ଠି ହେବ ଏବଂ ପ୍ରାପ୍ତ ଅର୍ଥ କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ହାର ଅନୁଯାୟୀ ବାର୍ଷିକ

ଭିତ୍ତିରେ ସୁଧ ପାଇବା ଉଚିତ୍ । ରାଜ୍ୟ କ୍ଷତିପୂରଣ ବନୀକରଣ ପାଣ୍ଠି ପାଇଁ 2023-24 ଆର୍ଥିକ ବର୍ଷ ପାଇଁ ଭାରତ ସରକାର ସ୍ଥିର କରିଥିବା ସୁଧ ହାର ବାର୍ଷିକ 3.35 ପ୍ରତିଶତ ଥିଲା । ଅର୍ଥାତ୍ ଆର୍ଥିକ ବର୍ଷ 2023-24 ରେ ରାଜ୍ୟ କ୍ଷତିପୂରଣ ବନୀକରଣ ପାଣ୍ଠିର ବିନିଯୋଗ ହୋଇନଥିବା ଅଂଶ ଉପରେ ଓଡ଼ିଶା ସରକାରଙ୍କୁ 24.01 କୋଟି ଟଙ୍କାର ସୁଧ ଦାୟିତ୍ୱ ବହନ କରିବାକୁ ପଡ଼ିଥିଲା । କିନ୍ତୁ, ରାଜ୍ୟ ସରକାର ଏହି ପାଣ୍ଠିକୁ ସୁଧ ରାଶି ପ୍ରଦାନ କରିନଥିବାରୁ ରାଜସ୍ୱ ବଳକାକୁ ଅଧିକ ଦର୍ଶାଯାଇଥିଲା ଓ ବିତ୍ତୀୟ ନିଅଣ୍ଟକୁ ସେହି ପରିମାଣରେ କମ୍ ଦର୍ଶାଯାଇଛି ।

### 2.6.2.5 ଓଡ଼ିଶା ବଜେଟ୍ ସ୍ଥିରତା ପାଣ୍ଠି

ଓଡ଼ିଶା ଏକ ପ୍ରାକୃତିକ ସମ୍ପଦ ସମୃଦ୍ଧ ରାଜ୍ୟ । ଖଣି କାର୍ଯ୍ୟକଳାପ ରାଜ୍ୟ ମୋଟ ମୂଲ୍ୟ ଯୋଗ (ଜିଭିଏ) ର ପ୍ରାୟ 10 ପ୍ରତିଶତ ଉତ୍ପାଦନ କରେ । ରାଜ୍ୟର ପ୍ରାୟ 90 ପ୍ରତିଶତ ଅଣ-ଟିକସ ରାଜସ୍ୱ ଏବଂ 45 ପ୍ରତିଶତ ନିଜସ୍ୱ ରାଜସ୍ୱ ପ୍ରାପ୍ତି ଖଣି କ୍ଷେତ୍ରରୁ ଆସିଥାଏ। ଖଣି ରାଜସ୍ୱ ଚାହିଦା ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ଜାତୀୟ ତଥା ଆନ୍ତର୍ଜାତୀୟ ବଜାରରେ ଧାତୁର ମୂଲ୍ୟରେ ଅସ୍ଥିରତା ଲାଗି ରହିଛି। ତଦନୁସାରେ, ଖଣି ରାଜସ୍ୱ ସହିତ ଯଥେଷ୍ଟ ବିପଦ ଜଡ଼ିତ, ଯେଉଁ କାରଣରୁ ରାଜସ୍ୱ ଅସ୍ଥିରତା ଦୃଷ୍ଟିରୁ ଖଣି କ୍ଷେତ୍ରରୁ ଆର୍ଥିକ ବିପଦକୁ ଚିହ୍ନିବା ଅନିବାର୍ଯ୍ୟ ହୋଇପଡ଼ିଛି । ଓଡ଼ିଶା ସରକାର, 24.03.2023 ତାରିଖର ବିଜ୍ଞପ୍ତିରେ, "ବଜେଟ୍ ସ୍ଥିରତା ପାଣ୍ଠି (ବିଏସ୍ଏଫ୍)" ଗଠନ କରିଥିଲେ, ଯାହା ଅପ୍ରତ୍ୟାଶିତ ରାଜସ୍ୱ ଅଭାବ କିମ୍ବା ବଜେଟ୍ ଅଭାବ ସମୟରେ ରାଜ୍ୟକୁ ବଜେଟ୍ ରିଜର୍ଭ ଭାବରେ ଅତିରିକ୍ତ ରାଜସ୍ୱକୁ ପୃଥକ କରିବାରେ ସକ୍ଷମ କରିବ । ଏହି ପାଣ୍ଠି ରାଜ୍ୟର ସରକାରୀ ଲେଖାରେ , ରିଜର୍ଭ ପାଣ୍ଠି ସୁଧ ବିହୀନ ଅଧୀନରେ "ଲେଖା ଶୀର୍ଷ 8228-ରାଜସ୍ୱ ରିଜର୍ଭ ପାଣ୍ଠି" ଅଧୀନରେ ସୃଷ୍ଟି କରାଯାଇଥିଲା । ଏହି ପାଣ୍ଠିର ଅନୁଦାନ ଭାରତ ରିଜର୍ଭ ବ୍ୟାଙ୍କର କେନ୍ଦ୍ରୀୟ ହିସାବ ବିଭାଗ ଦ୍ୱାରା ଭାରତ ସରକାରଙ୍କ ସିକ୍ୟୁରିଟି, ନିଲାମ ଟ୍ରେଜେରୀ ବିଲ୍ ଏବଂ ଅନ୍ୟ ରାଜ୍ୟର ରାଜ୍ୟ ସରକାରୀ ସିକ୍ୟୁରିଟିରେ ବିନିଯୋଗ ହେବା ଦରକାର ।

01 ଏପ୍ରିଲ 2023 ସୁଦ୍ଧା ବଜେଟ୍ ସ୍ଥିରତା ପାଣ୍ଠିର ପ୍ରାରମ୍ଭିକ ଜମା 13,632.52 କୋଟି ଟଙ୍କା ଥିଲା । 2023-24 ଆର୍ଥିକ ବର୍ଷରେ ମୁଖ୍ୟ 05-2075 ସାଧାରଣ ସେବାରୁ ବିନିଯୋଗ ମାଧମରେ 5,000 କୋଟି ଟଙ୍କା ଜମା କରାଯାଇଥିଲା । ଏହା ବ୍ୟତୀତ ପୁଞ୍ଜି ନିବେଶ ଯୋଗୁଁ 942.35 କୋଟି ଟଙ୍କାର ସୁଧ ମିଳିଥିବା ବେଳେ 19,574.87 କୋଟି ଟଙ୍କାର ଅବଶେଷ ଅର୍ଥ ପାଣ୍ଠିରେ ବଳକା ଥିଲା । 2023-24 ରେ ମିଳିଥିବା ମୋଟ 5,942.35 କୋଟି ଟଙ୍କା ମଧ୍ୟରୁ 942.35 କୋଟି ଟଙ୍କା ଅନ୍ୟ ରାଜ୍ୟର ଭାରତ ସରକାର ସିକ୍ୟୁରିଟିଗୁଡ଼ିକରେ ଏବଂ ଅନ୍ୟ ରାଜ୍ୟର ସରକାରୀ ସିକ୍ୟୁରିଟିଗୁଡ଼ିକରେ ବିନିଯୋଗ ହୋଇଥିଲା ।

### 2.6.2.6 ସଂଗଠିତ ପାଣ୍ଠି/ ରାଜ୍ୟର ସରକାରୀ ହିସାବ ଏବଂ ଉତ୍ସର୍ଗୀକୃତ ପାଣ୍ଠି ବାହାରେ ଥିବା ପାଣ୍ଠି

ରାଜ୍ୟ ସରକାରଙ୍କୁ ମିଳିଥିବା ସମସ୍ତ ରାଜସ୍ୱ କୋଷାଗାର ବିଲ୍ ଜାରି କରି ଉଠାଯାଉଥିବା ସମସ୍ତ ଋଣ, ସାଧୋନପାୟ ଅଗ୍ରୀମ ଏବଂ ଋଣ ପରିଶୋଧ ବାବଦରେ ସରକାର ଗ୍ରହଣ କରୁଥିବା ସମସ୍ତ ରାଶି ମିଳିତ ଭାବେ ସଂଗଠିତ ପାଣ୍ଠି ଗଠନ ଯାହା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 266 (1), ଧାରା 267 ର ବ୍ୟବସ୍ଥା ଅନୁଯାୟୀ, "ରାଜ୍ୟର ସଂଗଠିତ ପାଣ୍ଠି" ନାମରେ ନାମିତ ହେଲା । ଧାରା 266 (2) ରେ ବ୍ୟବସ୍ଥା ଅଛି ଯେ କୌଣସି ରାଜ୍ୟ ସରକାରଙ୍କ ଦ୍ୱାରା କିମ୍ବା ତାଙ୍କ ତରଫରୁ ଗ୍ରହଣ କରାଯାଇଥିବା ଅନ୍ୟ ସମସ୍ତ ସରକାରୀ ଅର୍ଥ ରାଜ୍ୟର ଜନସାଧାରଣଙ୍କ ଲେଖାରେ ଜମା କରାଯିବ ।

ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଖର୍ଚ୍ଚ ପୂରଣ କରିବା ନିମନ୍ତେ ପାଇଁ ରାଜ୍ୟ ସରକାର ବିଭିନ୍ନ ସେସ୍ ଲାଗୁ କରିଥିଲେ । ସଂପୃକ୍ତ ବିଭାଗଗୁଡ଼ିକ ଦ୍ୱାରା ଆଦାୟ କରାଯାଉଥିବା ସେସ୍ ସମ୍ବନ୍ଧରେ ସୂଚନା/ ତଥ୍ୟ ସଂଗ୍ରହ କରାଯାଇଛି, ଯାହା ନିମ୍ନରେ ଆଲୋଚନା କରାଯାଇଛି :

#### କୋଠା ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ସେସ୍ (ଶ୍ରମ ସେସ୍)

ଶ୍ରମିକମାନଙ୍କୁ ସୁବିଧା ଯୋଗାଇବା ପାଇଁ ସେସ୍ ଆଦାୟ ଏବଂ ସଂଗ୍ରହ କରିବା ପାଇଁ ଭାରତ ସରକାର କୋଠା ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ସେସ୍ ଆକ୍ଟ 1996 (ସେସ୍ ଆକ୍ଟ) ପ୍ରଣୟନ କରିଥିଲେ । ଏହି ଅଧିନିୟମରେ ଅନ୍ୟାନ୍ୟ ବିଷୟ ସହିତ ଏହି ଆଇନ୍ ଅଧିନରେ ଦିଆଯାଇଥିବା କ୍ଷମତାକୁ କାର୍ଯ୍ୟକାରୀ କରିବା ପାଇଁ, ଏକ କୋଠା ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକଙ୍କ କଲ୍ୟାଣ ବୋର୍ଡ ଗଠନ ଏବଂ ପ୍ରତ୍ୟେକ ରାଜ୍ୟ ସରକାରଙ୍କ ଦ୍ୱାରା ନିୟମ ପ୍ରଣୟନ କରିବା ବାଧ୍ୟତାମୂଳକ ଥିଲା । ତଦନୁସାରେ, ଓଡ଼ିଶା ସରକାର ଏହି

ଅଧିନିୟମ ଅନୁଯାୟୀ କୋଠା ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ (ନିଯୁକ୍ତ ଏବଂ ସେବା ସର୍ତ୍ତାବଳୀ ନିୟନ୍ତ୍ରଣ) ନିୟମାବଳୀ, 2002 ପ୍ରଣୟନକରି ଓଡ଼ିଶା କୋଠା ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଗଠନ କରିଥିଲେ । ଶ୍ରମ ସେସ୍ ଜମା ବାବଦରେ ସରକାର ଜମା କରିଥିବା ରାଶିର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ବୋର୍ଡ ଦାୟୀ ।

କୋଠା ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ସେସ୍ ଅଧିନିୟମ, 1996 ର ଧାରା 3 (1) ଅନୁଯାୟୀ, ଓଡ଼ିଶା ସରକାରଙ୍କ 2008 ଡିସେମ୍ବର 15 ତାରିଖର ରିଜୋଲୁସନ୍ ବଳରେ ନିଯୁକ୍ତଦାତା / ବିଲଡରଙ୍କ ଦ୍ୱାରା କରାଯାଇଥିବା ନିର୍ମାଣ ଖର୍ଚ୍ଚର ଏକ ପ୍ରତିଶତ ହାରରେ ସେସ୍ ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଥିଲା, କ୍ଷତିପୂରଣ ଅଧିନିୟମ, 1923 ଅନୁଯାୟୀ ଶ୍ରମିକ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଦିଆଯାଇଥିବା ଜମିର ମୂଲ୍ୟ ଏବଂ ଅନ୍ୟ କୌଣସି କ୍ଷତିପୂରଣ କିମ୍ବା ଦେୟ ବାଦ ଦେଇ ହିସାବ ହୁଏ । ଏହା ବ୍ୟତୀତ ସମସ୍ତ ବିଭାଗ / ବୋର୍ଡ/ ସ୍ୱୟଂଶାସିତ ସଂସ୍ଥା/ ସ୍ଥାନୀୟ କର୍ତ୍ତୃପକ୍ଷ ସମସ୍ତ ନିର୍ମାଣ ଖର୍ଚ୍ଚର ଏକ ପ୍ରତିଶତ ହାରରେ ସେସ୍ ସଂଗ୍ରହ କରିବା ସହ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଜ୍ଞପ୍ତି (ସେପ୍ଟେମ୍ବର 1996) ଅନୁଯାୟୀ 10 ଲକ୍ଷ ଟଙ୍କା ବା ତା'ଠାରୁ ଅଧିକ ମୂଲ୍ୟର ନିଜ ବାସଭବନ ପାଇଁ ଅନୁମୋଦିତ କୋଠା ପ୍ଲାନ୍ ପାଇଥିବା ବ୍ୟକ୍ତି ବିଶେଷଙ୍କ ଠାରୁ ସେସ୍ ଆଦାୟ କରି ଓଡ଼ିଶା ବିଲ୍ଡିଂ ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡରେ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହିପରି ସଂଗୃହିତ ସେସ୍‌କୁ ରାଜ୍ୟରେ କୋଠା ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକଙ୍କ ସୁବିଧା ପାଇଁ ବୋର୍ଡ ଦ୍ୱାରା ଗ୍ରହଣ କରାଯାଇଥିବା ସାମାଜିକ ସୁରକ୍ଷା ଯୋଜନା ଏବଂ କଲ୍ୟାଣମୂଳକ ପଦକ୍ଷେପ ଉପରେ ଖର୍ଚ୍ଚ କରିବା ଆବଶ୍ୟକ ଥିଲା ।

ତେବେ, 2023-24 ଆର୍ଥିକ ବର୍ଷରେ, ମୁଖ୍ୟ ଶୀର୍ଷ 0230-ଶ୍ରମ ଓ ରୋଜଗାର ଏବଂ ନିଯୁକ୍ତି ଅଧୀନରେ 2.26 କୋଟି ଟଙ୍କା ଆଦାୟ ହୋଇଥିଲେ ହେଁ, ଓଡ଼ିଶା ବିଲ୍ଡିଂ ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡକୁ ହସ୍ତାନ୍ତର ହୋଇନଥିବା ଦେଖିବାକୁ ମିଳିଛି । ଏହାଦ୍ୱାରା ରାଜସ୍ୱ ବଳକା ଅଧିକ ଦର୍ଶାଯାଇଥିଲାଏବଂ ବିତ୍ତୀୟ ନିଅଣ୍ଟକୁ 2.26 କୋଟି ଟଙ୍କା କମ୍ ଦର୍ଶାଯାଇଥିଲା । ଉଲ୍ଲେଖଯୋଗ୍ୟ ଯେ, 2023 ମାର୍ଚ୍ଚ ଶେଷ ସୁଦ୍ଧା ସିଆଣ୍ଡ୍ଏଜିର ରାଜ୍ୟ ଆର୍ଥିକ ସମୀକ୍ଷା ପ୍ରତିବେଦନରେ ଅନୁରୂପ ପର୍ଯ୍ୟବେକ୍ଷଣ ହେତୁ ସରକାର 2013-23 ମଧ୍ୟରେ ମୁଖ୍ୟ ଶୀର୍ଷ 0230-ଶ୍ରମ ଓ ନିଯୁକ୍ତି ଅଧିନରେ ଆଦାୟ ହୋଇଥିବା 17.70 କୋଟି[24] ଟଙ୍କା ଓଡ଼ିଶା କୋଠା ଓ ଅନ୍ୟାନ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡକୁ ଜୁନ୍ 2024 ରେ ହସ୍ତାନ୍ତରିତ କରିଛନ୍ତି ।

ଏହା ବ୍ୟତୀତ ମୁଖ୍ୟ ଶୀର୍ଷ 0230- ଶ୍ରମ ଏବଂ ନିଯୁକ୍ତି ଶ୍ରମିକ ସେସ୍ ଜରିଆରେ ବିଭିନ୍ନ ସଂସ୍ଥା ଦ୍ୱାରା ସଂଗ୍ରହ କରାଯାଇଥିବା ସେସକୁ ଚେକ୍ / ଡ୍ରାଫ୍ଟ ମାଧ୍ୟମରେ ଓଡ଼ିଶା ବିଲ୍ଡିଂ ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡକୁ ପଠାଯାଇଥିଲା କିମ୍ବା ଏଥିପାଇଁ ଖୋଲାଯାଇଥିବା ବୋର୍ଡର ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ମାଧ୍ୟମରେ ଜମା କରାଯାଇଥିଲା । ପାଣ୍ଠିର ଆଦାୟ ତୁଳନାରେ ବ୍ୟବହୃତ ଖର୍ଚ୍ଚ, **ସାରଣୀ 2.27** ରେ ଦର୍ଶାଯାଇଛି ।

**ସାରଣୀ 2.27: ଓଡ଼ିଶାରେ ଓବି ଏବଂ ଓସିଡବ୍ଲୁଡବ୍ଲୁବି ଦ୍ୱାରା ସଂଗୃହିତ ଏବଂ ବ୍ୟବହୃତ ପରିମାଣ**

**(ଟଙ୍କା କୋଟିରେ)**

| ଆର୍ଥିକ ବର୍ଷ | ପ୍ରାରମ୍ଭିକ ଜମା | ବର୍ଷ ମଧ୍ୟରେ ପ୍ରାପ୍ତି | | | ମୋଟ | ଖର୍ଚ୍ଚ | ଅବଶେଷ ଜମା | ବ୍ୟବହୃତ ପାଣ୍ଠି (ପ୍ରତିଶତ) |
|---|---|---|---|---|---|---|---|---|
| | | ସେସ୍ | ପଞ୍ଜିକରଣ ଫି ଏବଂ ବାର୍ଷିକ ଅବଦାନ | ସୁଧ | | | | |
| **2020-21** | 727.45 | 361.95 | 9.70 | 34.84 | 1,133.94 | 473.52 | 660.42 | 41.76 |
| **2021-22** | 660.42 | 454.23 | 12.35 | 29.72 | 1,156.72 | 526.92 | 629.80 | 45.55 |
| **2022-23** | 629.80 | 553.50 | 4.82 | 52.82 | 1,240.95 | 292.76 | 948.19 | 23.59 |
| **2023-24** | 948.19 | 693.83 | 9.57 | 78.45 | 1,730.05 | 638.21 | 1,091.83 | 36.89 |
| **ସମୁଦାୟ** | | **2,063.51** | **36.44** | **195.83** | **5,261.66** | **1,931.41** | | |

*ଉତ୍ସ: ଓବି ଏବଂ ଓସିଡବ୍ଲୁଡବ୍ଲୁବି ରୁ ପ୍ରାପ୍ତ ସୂଚନା*

[24] 2013-18: 1.30 କୋଟି ଟଙ୍କା; 2018-23: 16.40 କୋଟି ଟଙ୍କା


ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ଶୀଘ୍ର ଟଙ୍କା ହସ୍ତାନ୍ତର ପାଇଁ ପଦକ୍ଷେପ ନିଆଯିବ ବୋଲି ରାଜ୍ୟ ସରକାର କହିଛନ୍ତି (ଅକ୍ଟୋବର 2024)।

## 2.7 ଋଣ ପରିଚାଳନା

ଋଣ ପରିଚାଳନା ହେଉଛି ଆବଶ୍ୟକ ପରିମାଣର ଅର୍ଥ ସଂଗ୍ରହ କରିବା, ଏଥିରେ ଜଡିତ ଆଶଙ୍କା ଏବଂ ଖର୍ଚ୍ଚ ଉଦ୍ଦେଶ୍ୟ ହାସଲ କରିବା ଏବଂ ଅନ୍ୟ କୌଣସି ସାର୍ବଭୌମ ଋଣ ପରିଚାଳନା ଲକ୍ଷ୍ୟ ହାସଲ କରିବା ଏବଂ ଆଇନ ପ୍ରଣୟନ କିମ୍ବା ଅନ୍ୟ କୌଣସି ବାର୍ଷିକ ବଜେଟ୍ ଘୋଷଣା ମାଧ୍ୟମରେ ସରକାର ଧାର୍ଯ୍ୟ କରିଥିବା ଅନ୍ୟ କୌଣସି ସାର୍ବଭୌମ ଋଣ ପରିଚାଳନା କରିବା ପାଇଁ ସରକାରଙ୍କ ଦାୟିତ୍ୱ ପରିଚାଳନା ପାଇଁ ଏକ ଋଣ ନୀତି ପ୍ରତିଷ୍ଠା ଏବଂ କାର୍ଯ୍ୟକାରୀ କରିବାର ପ୍ରକ୍ରିୟା।

2019-20 ରୁ 2023-24 ଆର୍ଥିକ ବର୍ଷ ପାଇଁ ରାଜ୍ୟର ମୋଟ ବକେୟା ଋଣ ଏବଂ ଜିଏସ୍‌ଡିପିକୁ ଏହାର ପ୍ରତିଶତ **ରେଖାଚିତ୍ର 2.17** ରେ ଦର୍ଶାଯାଇଛି।

**ରେଖାଚିତ୍ର 2.17: ବକେୟା ଋଣ ଜିଏସ୍‌ଡିପି ତୁଳନାରେ**




***ଉତ୍ସ: ଓଡ଼ିଶା ସରକାରଙ୍କ ସମ୍ପୃକ୍ତ ବର୍ଷର ବିତ୍ତ ଲେଖା***

*(2020-21 ବର୍ଷରେ ଋଣ ବାବଦରେ 3,822 କୋଟି ଟଙ୍କା ବାଦ୍ ଦିଆଯାଇଥିବା ବେଳେ 2021-22, 2022-23 ଏବଂ 2023-24 ରେ 10,252 କୋଟି ଟଙ୍କା (3,822 କୋଟି ଟଙ୍କା + 6,430 କୋଟି ଟଙ୍କା) ବାଦ୍ ଦିଆଯାଇଛି, ଯାହା ଜିଏସ୍‌ଟି କ୍ଷତିପୂରଣ ବଦଳରେ ଭାରତ ସରକାରଙ୍କ ଠାରୁ ପଛକୁ ପଛ ଋଣ ମିଳିଥିଲା, ଯାହାକୁ ରାଜ୍ୟ ଏହାର ରାଜସ୍ୱ ସମ୍ବଳରୁ ପରିଶୋଧ କରିବାକୁ ପଡ଼ିବ ନାହିଁ।*

### 2.7.1 ଋଣ ପ୍ରୋଫାଇଲ୍: ଉପାଦାନ

ରାଜ୍ୟ ସରକାରଙ୍କ ମୋଟ ଋଣ ବୋଝ ସାଧାରଣତଃ ରାଜ୍ୟର ଆଭ୍ୟନ୍ତରୀଣ ଋଣ (ବଜାର ଋଣ, ଆର୍‌ବିଆଇ ଠାରୁ ସାଧନୋପାୟ ଅଗ୍ରୀମ ବଳକା, ଜାତୀୟ କ୍ଷୁଦ୍ର ସଂଚୟ ପାଣ୍ଠିକୁ ଦିଆଯାଇଥିବା ସତନ୍ତ୍ର ସିକ୍ୟୁରିଟି ଏବଂ ଆର୍ଥିକ ପ୍ରତିଷ୍ଠାନରୁ ଋଣ ଇତ୍ୟାଦି), କେନ୍ଦ୍ର ସରକାରଙ୍କ ଠାରୁ ଋଣ ଏବଂ ଅଗ୍ରୀମ, ଏବଂ ସରକାରୀଙ୍କ ଲେଖା ଆର୍ଥିକ ବୋଝ ଅଟେ। 2019-20 ରୁ ଆରମ୍ଭ ହୋଇଥିବା ପାଞ୍ଚ ବର୍ଷ ପାଇଁ ରାଜ୍ୟର ଉପାଦାନ ଭିତ୍ତିକ ଋଣ ବୋଝ ଧାରା **ସାରଣୀ 2.28** ରେ ଉପସ୍ଥାପିତ ହୋଇଛି।

**ସାରଣୀ 2.28: ଆର୍ଥିକ ବର୍ଷ 2019-20 ରୁ 2023-24 ମଧ୍ୟରେ ଋଣ ସ୍ଥାୟୀତା ସୂଚକ**

(ଟଙ୍କା କୋଟିରେ)

| ବିତ୍ତୀୟ ଆର୍ଥିକ ବୋଝର ଉପାଦାନ | 2019-20 | 2020-21 | 2021-22 | 2022-23 | 2023-24 |
|---|---|---|---|---|---|
| ବକେୟା ମୋଟ ଋଣ* | ***1,26,084*** | ***1,18,952#*** | ***1,09,888*** | ***1,01,700*** | ***1,22,837*** |
| ସରକାରୀ ଋଣ* | **68,438** | **75,681** | **62,233** | **53,653** | **62,541** |
| ଆଭ୍ୟନ୍ତରୀଣ ଋଣ | 60,595 | 67,521 | 53,977 | 45,532 | 50,985 |
| ଭାରତ ସରକାରଙ୍କ ଠାରୁ ସରକାରୀ ଋଣ* | 7,843 | 8,160 | 8,256 | 8,121 | 11,556 |
| ସରକାରୀ ଲେଖା ଆର୍ଥିକ ବୋଝ | **57,646** | **43,270** | **47,655** | **48,047** | **60,296** |
| ସ୍ୱଳ୍ପ ସଂଚୟ, ଭବିଷ୍ୟନିଧି ପାଣ୍ଠି ଇତ୍ୟାଦି | 24,338 | 24,949 | 25,258 | 24,756 | 23,956 |
| ସୁଧ ବାହକ ସଂରକ୍ଷିତ ପାଣ୍ଠି | 3,753 | 1,805 | 5,134 | 3,200 | 5,590 |
| ସୁଧ ବିହୀନ ସଂରକ୍ଷିତ ପାଣ୍ଠି | 299 | 291 | 285 | 309 | 5,320 |
| ସୁଧ ବାହକ ଜମା ରାଶି | 42 | 24 | 26 | 47 | 50 |
| ସୁଧ ବିହୀନ ଜମା | 29,214 | 16,201 | 16,952 | 19,735 | 25,380 |
| ବକେୟା ମୋଟ ଋଣର ବୃଦ୍ଧି ହାର (ପ୍ରତିଶତରେ) | 16.47 | (-) 5.66 | (-) 7.62 | (-) 7.45 | 20.78 |
| ସର୍ବମୋଟ ରାଜ୍ୟ ଅନ୍ତଃ ଉତ୍ପାଦ (ଜିଏସ୍‌ଡିପି) | 5,37,502 | 5,40,185 | 6,97,013 | 7,59,560 | 8,53,524 |
| ଋଣ/ଜିଏସ୍‌ଡିପି(ପ୍ରତିଶତ) | 23.46 | 22.02 | 15.77 | 13.39 | 14.39 |
| **ଋଣ ଓ ଅନ୍ୟାନ୍ୟ ଆର୍ଥିକ ବୋଝ ବିବୃତି (ସରକାରଙ୍କ ଆର୍ଥିକ ହିସାବ ସୃଷ୍ଟିକରଣ 6 ଅନୁସାରେ)** | | | | | |
| ମୋଟ ପ୍ରାପ୍ତି | 60,314 | 56,827 | 58,613 | 66,466 | 91,995 |
| ସମୁଦାୟ ପରିଶୋଧ | 42,487 | 63,960 | 67,677 | 74,654 | 70,858 |
| ନିଟ୍ ଉପଲବ୍ଧ ପାଣ୍ଠି | 17,827 | (-) 7,133 | (-) 9,064 | (-) 8,188 | 21,137 |
| ପରିଶୋଧ/ ପ୍ରାପ୍ତି (ପ୍ରତିଶତରେ) | 70.44 | 112.55 | 115.46 | 112.32 | 77.02 |

***ଉତ୍ସ: ଓଡ଼ିଶା ସରକାରଙ୍କ ସମ୍ପୃକ୍ତ ବର୍ଷର ବିତ୍ତ ଲେଖା***

*# ରାଉଣ୍ଡିଂ ହେତୁ 1 କୋଟି ଟଙ୍କାର ବ୍ୟବଧାନ ରହିଛି*

** ବର୍ଷ 2020-21 ରେ ଋଣ ବାବଦରେ 3,822 କୋଟି ଟଙ୍କା ବାଦ୍ ଦିଆଯାଇଥିବା ବେଳେ ବର୍ଷ 2021-22, 2022-23 ଏବଂ 2023-24 ରେ 10,252 କୋଟି ଟଙ୍କା (3,822 କୋଟି ଟଙ୍କା + 6,430 କୋଟି ଟଙ୍କା) ବାଦ୍ ଦିଆଯାଇଛି, ଯାହାକୁ ଜିଏସ୍‌ଟି କ୍ଷତିପୂରଣ ଅଭାବ ବଦଳରେ ଭାରତ ସରକାରଙ୍କ ଠାରୁ ପଛକୁ ପଛ ଋଣ ମିଳିଥିଲା ଯାହାକୁ ରାଜ୍ୟ ଏହାର ରାଜସ୍ୱ ସମ୍ବଳରୁ ପରିଶୋଧ କରିବାକୁ ପଡ଼ିବ ନାହିଁ ।*

2019-23 ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ମୋଟ୍ ଋଣ ପରିମାଣ 19.34 ପ୍ରତିଶତ ହ୍ରାସ କରି 2019-20 ଆର୍ଥିକ ବର୍ଷରେ 1,26,084 କୋଟି ଟଙ୍କା ଥିବା ବେଳେ 2022-23 ଆର୍ଥିକ ବର୍ଷରେ ଏହା 1,01,700 କୋଟି ଟଙ୍କାକୁ ହ୍ରାସ ପାଇଛି । ତେବେ 2023-24 ଆର୍ଥିକ ବର୍ଷରେ ଏହା 21,137 କୋଟି ଟଙ୍କା (20.78 ପ୍ରତିଶତ) ବୃଦ୍ଧି ପାଇ 1,22,837 କୋଟି ଟଙ୍କାରେ ପହଞ୍ଚିଛି । ମୁଖ୍ୟତଃ ଏସ୍‌ଆଇଡିବିଆଇ ସମୂହ ବିକାଶ ପାଣ୍ଠି (108.60 କୋଟି ଟଙ୍କା), ସିଏମ୍‌ପିଏ (4,145 କୋଟି ଟଙ୍କା), ଓଏମ୍‌ବିଏଡିସି (5,460 କୋଟି ଟଙ୍କା) ଏବଂ ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ (4,106.54 କୋଟି ଟଙ୍କା) ରୁ ଋଣ ନେବା କାରଣରୁ ଏହି ବୃଦ୍ଧି ଘଟିଛି ।


2023 ଏପ୍ରିଲ ପହିଲା ସୁଦ୍ଧା ବକେୟା ବଜାର ଋଣ ପରିମାଣ 21,058.07 କୋଟି ଟଙ୍କା ଥିଲା । 2021-22 ଓ 2022-23 ଆର୍ଥିକ ବର୍ଷରେ ଓଡ଼ିଶା ସରକାର କୌଣସି ନୂତନ ବଜାର ଋଣ ନେଇନାହାନ୍ତି । ତେବେ, 2023-24 ଆର୍ଥିକ ବର୍ଷରେ ସରକାର ବଜାରରୁ 1.25 କୋଟି ଟଙ୍କାର ଋଣ ନେଇଛନ୍ତି । ଏହା ବ୍ୟତୀତ, ସରକାର ମୋଟ୍ 4,658 କୋଟି ଟଙ୍କାର ବଜାର ଋଣ ପରିଶୋଧ କରିଛନ୍ତି, ଯାହାଫଳରେ ଅବଶିଷ୍ଟ 16,401.31 କୋଟି ଟଙ୍କାର ବକେୟା ବଜାର ଋଣ ବାକି ରହିଛି ।

2019-20 ରୁ 2023-24 ଆର୍ଥିକ ବର୍ଷ ମଧ୍ୟରେ ସରକାରୀ ଋଣ 5,897 କୋଟି ଟଙ୍କା (8.62 ପ୍ରତିଶତ) ହ୍ରାସ ପାଇଥିବା ବେଳେ ଆଭ୍ୟନ୍ତରୀଣ ଋଣ 9,610 କୋଟି ଟଙ୍କା (15.86 ପ୍ରତିଶତ) ଏବଂ ଭାରତ ସରକାରଙ୍କ ଋଣ 3,713 କୋଟି ଟଙ୍କା (47.34 ପ୍ରତିଶତ) ବୃଦ୍ଧି ପାଇଛି । ଏହି ସମୟ ମଧ୍ୟରେ ସାର୍ବଜନୀକ ଖାତା ଆର୍ଥିକ ବୋଝ 2,650 କୋଟି ଟଙ୍କା (4.60 ପ୍ରତିଶତ) ବୃଦ୍ଧି ପାଇଛି ।

ଗତ ପାଞ୍ଚ ବର୍ଷ ମଧ୍ୟରେ ଜିଏସ୍‌ଡିପିର ପ୍ରତିଶତ ହିସାବରେ ବକେୟା ଋଣ ବୋଝ 13.39 ପ୍ରତିଶତରୁ 23.46 ପ୍ରତିଶତ ମଧ୍ୟରେ ରହିଥିଲା, ଯାହା ଏଫ୍‌ଆର୍‌ବିଏମ୍ ଆଇନରେ ଧାର୍ଯ୍ୟ କରାଯାଇଥିବା 25 ପ୍ରତିଶତ ଆର୍ଥିକ ଲକ୍ଷ୍ୟ ଠାରୁ କମ୍ ଥିଲା ।

2023-24 ଆର୍ଥିକ ବର୍ଷ ଶେଷ ସୁଦ୍ଧା ଋଣ ବୋଝ ବିଭାଜନ, **ରେଖାଚିତ୍ର 2.18** ରେ ଦର୍ଶାଯାଇଛି ।


**ରେଖାଚିତ୍ର 2.18: 2023-24 ଆର୍ଥିକ ବର୍ଷ ଶେଷ ସୁଦ୍ଧା ବକେୟା ମୋଟ ଋଣ ବୋଝର ବିଭାଜନ**




*ଉତ୍ସ: ଓଡ଼ିଶା ସରକାରଙ୍କ ଆର୍ଥିକ ବର୍ଷ 2023-24 ର ବିତ୍ତ ଲେଖା*

**ରେଖାଚିତ୍ର 2.19** ରେ ପାଞ୍ଚ ବର୍ଷ ମଧ୍ୟରେ ଅର୍ଥାତ୍ ଆର୍ଥିକ ବର୍ଷ 2019-20 ରୁ 2023-24 ମଧ୍ୟରେ ପରିଶୋଧ ହୋଇଥିବା ଆଭ୍ୟନ୍ତରୀଣ ଋଣର ପରିମାଣ ଦର୍ଶାଉଛି ।

**ରେଖାଚିତ୍ର 2.19: ଆଭ୍ୟନ୍ତରୀଣ ଋଣ ପ୍ରାପ୍ତି ତୁଳନାରେ ଆଭ୍ୟନ୍ତରୀଣ ଋଣ ପରିଶୋଧ**




*ଉତ୍ସ: ସମ୍ପୃକ୍ତ ବର୍ଷର ବିତ୍ତ ଲେଖା*

ବିଗତ ପାଞ୍ଚ ଆର୍ଥିକ ବର୍ଷ ମଧ୍ୟରେ ବିତ୍ତୀୟ ଋଣ ବୋଝ ଆଭ୍ୟନ୍ତରୀଣ ଋଣ ଉପାଦାନରେ ଅସ୍ଥିରତା ଦେଖାଦେଇଛି । 2019-20 ବର୍ଷରେ 60,595 କୋଟି ଟଙ୍କାରୁ ଆରମ୍ଭ ହୋଇଥିବା ଆଭ୍ୟନ୍ତରୀଣ ଋଣ 2020-21 ବର୍ଷରେ 67,521 କୋଟି ଟଙ୍କାକୁ ବୃଦ୍ଧି ପାଇଛି । ପରବର୍ତ୍ତୀ ସମୟରେ 2021-22 ରେ ଏହା 53,977 କୋଟି ଟଙ୍କାକୁ ହ୍ରାସ ପାଇଥିବା ବେଳେ 2022-23 ରେ ଏହା ଆହୁରି ହ୍ରାସ ପାଇ 45,532 କୋଟି ଟଙ୍କାରେ ପହଞ୍ଚିଛି । ତେବେ, 2023-24 ଆର୍ଥିକ ବର୍ଷରେ ଆଭ୍ୟନ୍ତରୀଣ ଋଣ ପୁଣି 50,985 କୋଟି ଟଙ୍କା (2022-23 ଆର୍ଥିକ ବର୍ଷ ତୁଳନାରେ 11.98 ପ୍ରତିଶତ) କୁ ବୃଦ୍ଧି ପାଇଛି, ଯାହା **ସାରଣୀ 2.28** ରେ ଦର୍ଶାଯାଇଛି । 2023-24 ଆର୍ଥିକ ବର୍ଷରେ ଆଭ୍ୟନ୍ତରୀଣ ଋଣ ଉପରେ ସୁଧ ବାବଦରେ 3,153.45 କୋଟି ଟଙ୍କା ପ୍ରଦାନ କରାଯାଇଛି ।

**ରେଖାଚିତ୍ର 2.19** ରୁ ଏହା ଦେଖାଯାଇପାରେ ଯେ, ଆର୍ଥିକ ବର୍ଷ 2021-22 ଏବଂ 2022-23 ରେ, ଆଭ୍ୟନ୍ତରୀଣ ଋଣ ପରିଶୋଧ ଆଭ୍ୟନ୍ତରୀଣ ଋଣ ପ୍ରାପ୍ତି ତୁଳନାରେ ବହୁତ ଅଧିକ ଥିଲା, ଯାହାଫଳରେ ଆର୍ଥିକ ବୋଝ ହ୍ରାସ ପାଇଥିଲା । ତେବେ, 2023-24 ଆର୍ଥିକ ବର୍ଷରେ ଋଣ ପରିଶୋଧ ଋଣ ପାଣ୍ଠି ତୁଳନାରେ କମ୍ ଥିବାରୁ ବକେୟା ଋଣ ଦାୟିତ୍ୱ ବୃଦ୍ଧି ପାଇଛି ।

**ସାରଣୀ 2.29** ରେ 2019-20 ରୁ 2023-24 ଆର୍ଥିକ ବର୍ଷ ମଧ୍ୟରେ ବିତ୍ତୀୟ ନିଅଣ୍ଟର ଆର୍ଥିକ ଢାଞ୍ଚା ଦର୍ଶାଯାଇଛି । 2023-24 ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟର ଅର୍ଥ ଯୋଗାଣ **ରେଖାଚିତ୍ର 2.20** ରେ ଦର୍ଶାଯାଇଛି ।

**ସାରଣୀ 2.29: ବିତ୍ତୀୟ ନିଅଣ୍ଟର ଉପାଦାନ ଏବଂ ସେମାନଙ୍କର ଅର୍ଥ ଯୋଗାଣ ଢାଞ୍ଚା**

(ଟଙ୍କା କୋଟିରେ)

| ବିବରଣୀ | | 2019-20 | 2020-21 | 2021-22 | 2022-23 | 2023-24 |
|---|---|---|---|---|---|---|
| | | ନିଟ୍ | ନିଟ୍ | ନିଟ୍ | ନିଟ୍ | ନିଟ୍ |
| **ବିତ୍ତୀୟ ନିଅଣ୍ଟର ରଚନା** | | **(-)18,819** | **(-)9,786** | **20,627** | **(-)15,219** | **(-)14,743** |
| 1 | ରାଜସ୍ୱ ବଳକା | 2,430 | 9,076 | 43,471 | 19,456 | 30,761 |
| 2 | ପୁଞ୍ଜି ବ୍ୟୟ | (-) 20,277 | (-) 17,949 | (-) 22,726 | (-) 33,349 | (-) 43,273 |
| 3 | ନିଟ୍ ଋଣ ଓ ଅଗ୍ରୀମ | (-)971 | (-)913 | (-)120 | (-)1,326 | (-) 2,231 |
| **ବିତ୍ତୀୟ ନିଅଣ୍ଟର ଅର୍ଥ ଯୋଗାଣ ଢାଞ୍ଚା** | | | | | | |
| 1 | ବଜାର ଉଧାର | 6,500 | 500 | -6,473 | -7,500 | -4,657 |
| 2 | ଭାରତ ସରକାରଙ୍କଠାରୁ ଋଣ | 11 | 4,139 | 6,526 | -134 | 3,435 |
| 3 | ଏନ୍ଏସ୍ଏସ୍ଏଫ୍ କୁ ସତନ୍ତ୍ର ସିକ୍ୟୁରିଟି ଜାରି | -883 | -883 | -883 | -883 | -883 |
| 4 | ଆର୍ଥିକ ଅନୁଷ୍ଠାନ ଓ ଅନ୍ୟାନ୍ୟଙ୍କ ଠାରୁ ଋଣ | 4,557 | 7,310 | -6,188 | -63 | 10,993 |
| 5 | ସ୍ୱଳ୍ପ ସଂଚୟ, ଭବିଷ୍ୟନିଧି ପାଣ୍ଠି ଇତ୍ୟାଦି | 914 | 611 | 308 | -502 | -800 |
| 6 | ସଂରକ୍ଷିତ ପାଣ୍ଠି | 7,254 | (-)1,029 | 3,550 | 15,515 | 10,770 |
| 7 | ଜମା ଓ ଅଗ୍ରୀମ | 3,430 | (-)13,037 | 752 | 2,803 | 5,648 |
| 8 | ଅନିଶ୍ଚିତ ଓ ବିବିଧ | -80 | 2,526 | 188 | 171 | -151 |
| 9 | ଟଙ୍କା ପ୍ରେରଣ | -22 | 18 | 17 | 21 | 27 |
| 10 | **ଆକସ୍ମିକ ପାଣ୍ଠି** | **1,440** | **(-)171** | **171** | **--** | **(-) 274** |
| **11** | **ସାମଗ୍ରୀକ ନିଅଣ୍ଟ (ମୋଟ 1 ରୁ 10)** | **23,121** | **(-)16** | **(-)2,032** | **9,428** | **24,108** |
| **12** | **ନଗଦ ସନ୍ତୁଳନରେ (-) ବୃଦ୍ଧି / (+)ହ୍ରାସ** | **(-) 4,303** | **9,802** | **(-)18,595** | **5,791** | **(-) 9,365** |
| **13** | **ମୋଟ ବିତ୍ତୀୟ ନିଅଣ୍ଟ (+)/ ବଳକା(-) (11 + 12)** | **18,819@** | **9,786** | **(-)20,627** | **15,219** | **14,743** |


***ଉତ୍ସ: ଓଡ଼ିଶା ସରକାରଙ୍କ ସଂପୃକ୍ତ ବର୍ଷର ବିତ୍ତ ଲେଖା***

# ବଜାର ଉଧାର ଏବଂ ଅନ୍ୟ ଅନୁଷ୍ଠାନରୁ ଋଣ ମଧ୍ୟ ଅନ୍ତର୍ଭୁକ୍ତ

* ଏହି ସମସ୍ତ ଆକଳନ ରେ ବିତରଣ/ ପ୍ରବାହର ନିଟ୍ ଅଟେ

@ ପୂର୍ଣ୍ଣାଙ୍କ ହେତୁ ଏକ କୋଟି ଟଙ୍କାର ବ୍ୟବଧାନ ରହିଛି

**ରେଖାଚିତ୍ର 2.20: 2023-24 ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟର ଅର୍ଥ ଯୋଗାଣ**




*ଉତ୍ସ: ଆର୍ଥିକ ବର୍ଷ 2023-24 ର ବିତ୍ତ ଲେଖା*

ବିତ୍ତୀୟ ନିଅଣ୍ଟର ଅର୍ଥ ଯୋଗାଣ ରାଜସ୍ୱ ଏବଂ ଅଣଋଣ ପ୍ରାପ୍ତ ଠାରୁ ଅଧିକ ପାଣ୍ଠିର ଆବଶ୍ୟକତା ପୂରଣ କରିବା ପାଇଁ ରାଜ୍ୟ ଦ୍ୱାରା ନିଆଯାଇଥିବା ବିଭିନ୍ନ ଉଧାର ପରିମାଣକୁ ଦର୍ଶାଏ । ବିତ୍ତୀୟ ନିଅଣ୍ଟର ଉପାଦାନ ଗୁଡ଼ିକ ହେଉଛି ରାଜସ୍ୱ ନିଅଣ୍ଟ, ନିଟ୍ ପୁଞ୍ଜି ବ୍ୟୟ ବରାଦ ଏବଂ ନିଟ୍ ଋଣ ଏବଂ ଅଗ୍ରୀମ ।

**ସାରଣୀ 2.29** ର ବିଶ୍ଳେଷଣରୁ ଜଣାପଡ଼ିଛି ଯେ ବିତ୍ତୀୟ ନିଅଣ୍ଟର ଅର୍ଥ ଯୋଗାଣରେ ବଜାର ଉଧାର ଅଂଶ 2022-23 ଆର୍ଥିକ ବର୍ଷରେ 49.28 ପ୍ରତିଶତ ଥିବାବେଳେ 2023-24 ଆର୍ଥିକ ବର୍ଷରେ ଏହା 31.59 ପ୍ରତିଶତ କୁ ହ୍ରାସ ପାଇଛି । ରାଜସ୍ୱ ବଳକା 2022-23 ରେ 19,456 କୋଟି ଟଙ୍କା ଥିବା ବେଳେ 2023-24 ରେ ଏହା 30,761 କୋଟି ଟଙ୍କାକୁ ବୃଦ୍ଧି ପାଇଥିବାରୁ ବିତ୍ତୀୟ ନିଅଣ୍ଟ ପୂର୍ବ ବର୍ଷ ତୁଳନାରେ 476 କୋଟି ଟଙ୍କା ହ୍ରାସ ପାଇଛି । ତେବେ, ଆର୍ଥିକ ଅନୁଷ୍ଠାନ (ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ ଏସ୍ଆଇଡିବିଆଇ ସମୂହ ବିକାଶ ପାଣ୍ଠି ସିଏଏମ୍ପିଏ(କାମ୍ପା) ଓ ଓଏମ୍‌ବିଏଡିସି) ରୁ ଋଣ 10,993 କୋଟି ଟଙ୍କା ବୃଦ୍ଧୀ ପାଇଛି । ସାମଗ୍ରୀକ ଭାବେ ନଗଦ ଅବଶେଷ 9,365 କୋଟି ଟଙ୍କା ବୃଦ୍ଧି ଘଟିଛି ।

2023-24 ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟକୁ ଅର୍ଥ ଯୋଗାଣ କରୁଥିବା ପ୍ରାପ୍ତି ଏବଂ ବିତରଣର ଉପାଦାନଗୁଡ଼ିକ **ସାରଣୀ 2.30** ରେ ଦର୍ଶାଯାଇଛି ।

**ସାରଣୀ 2.30: 2023-24 ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟକୁ ଅର୍ଥ ଯୋଗାଣ କରୁଥିବା ବିଭିନ୍ନ ଉପାଦାନ ଅଧିନରେ ପ୍ରାପ୍ତି ଓ ବିତରଣ**

**(ଟଙ୍କା କୋଟିରେ)**

| କ୍ର.ସଂ. | ବିବରଣୀ | ପ୍ରାପ୍ତି | ଦେୟ | ନିଟ୍ |
|---|---|---|---|---|
| 1 | ବଜାର ଉଧାର (ବୋରୋଇଙ୍ଗସ୍) | 1 | 4,658 | -4,657 |
| 2 | ଭାରତ ସରକାରଙ୍କ ଠାରୁ ଋଣ | 4,302 | 867 | 3,435 |
| 3 | ସ୍ୱତନ୍ତ୍ର ସିକ୍ୟୁରିଟି ଗୁଡ଼ିକ ଏନ୍ଏସ୍ଏସ୍ଏଫ୍‌କୁ ପ୍ରଦାନ | 0 | 883 | -883 |
| 4 | ଆର୍ଥିକ ଅନୁଷ୍ଠାନ ଏବଂ ଅନ୍ୟମାନଙ୍କ ଠାରୁ ଋଣ | 13,820 | 2,827 | 10,993 |
| 5 | ସ୍ୱଳ୍ପ ସଂଚୟ, ଭବିଷ୍ୟନିଧି ପାଣ୍ଠି ଇତ୍ୟାଦି | 4,405 | 5,205 | -800 |
| 6 | ସଂରକ୍ଷିତ ପାଣ୍ଠି | 12,211 | 1,441 | 10,770 |
| 7 | ଜମା ଓ ଅଗ୍ରୀମ | 47,659 | 42,011 | 5,648 |
| 8 | ଅନିଶ୍ଚିତ ଓ ବିବିଧ | -158 | -7 | -151 |
| 9 | ଟଙ୍କା ପ୍ରେରଣ | 47,958 | 47,931 | 27 |
| 10 | ଆକସ୍ମିକ ପାଣ୍ଠି | 0 | 274 | -274 |
| **11** | **ସାମଗ୍ରୀକ ନିଅଣ୍ଟ** | | | **24,108** |
| 12 | ବଳକା ନଗଦରେ ବୃଦ୍ଧି (-)/ହ୍ରାସ(+) | 45,440 | 54,805 | 5,791 |
| **13** | **ସର୍ବମୋଟ ବିତ୍ତୀୟ ନିଅଣ୍ଟ** | | | **14,743** |

*ଉତ୍ସ: ଆର୍ଥିକ ବର୍ଷ 2023-24 ର ବିତ୍ତ ଲେଖା*

ରାଜ୍ୟ ସରକାର କହିଲେ (ଅକ୍ଟୋବର 2024) ଯେ ବଜାରରୁ ଅଧିକ ଦରରେ ଋଣ ହ୍ରାସ କରିବା ପାଇଁ ପଦକ୍ଷେପ ନିଆଯିବ ।

## 2.7.2 ଋଣ ପ୍ରୋଫାଇଲ୍, ପରିପକ୍ୱତା ଏବଂ ପରିଶୋଧ

ଋଣ ପରିପକ୍ୱତା ଏବଂ ପରିଶୋଧ ପ୍ରୋଫାଇଲ୍ ଋଣ ପରିଶୋଧ କିମ୍ବା ଋଣ ସେବା ସମ୍ବନ୍ଧରେ ସରକାରଙ୍କ ପ୍ରତିଶ୍ରୁତିକୁ ସୂଚିତ କରେ । ରାଜ୍ୟର ଋଣ ପରିପକ୍ୱତା ପ୍ରୋଫାଇଲ୍ **ସାରଣୀ 2.31** ଏବଂ **ରେଖାଚିତ୍ର 2.21** ରେ ଦର୍ଶାଯାଇଛି ।

**ସାରଣୀ 2.31: ରାଜ୍ୟର ସାର୍ବଜନୀନ ଋଣ ପରିଶୋଧର ଋଣ ପରିପକ୍ୱତା ପ୍ରୋଫାଇଲ**

| ପରିଶୋଧର ଅବଧି (ବର୍ଷରେ) | ମୂଳଧନ ପରିମାଣ | ସୁଧ ପରିମାଣ# | ସରକାରୀ ଋଣ (ସୁଧ ସହିତ) | ପ୍ରତିଶତ (ସରକାରୀ ଋଣ ଅନୁସାରେ) |
|---|---|---|---|---|
| | (ଟଙ୍କା କୋଟିରେ) | | | |
| 0-1 | 16,856 | 3,452 | 20,308 | 22.91 |
| 1-3 | 12,994 | 5,001 | 17,995 | 20.30 |
| 3-5 | 8,514 | 3,608 | 12,122 | 13.68 |
| 5-7 | 6,162 | 2,618 | 8,780 | 9.91 |
| 7-10 | 6,757 | 2,660 | 9,417 | 10.62 |
| 10 ରୁ ଅଧିକ | 6,660 | 8,752 | 15,412 | 17.39 |
| ଅନ୍ୟାନ୍ୟ | 4598 | 0 | 4,598 | 5.19 |
| **ସମୁଦାୟ** | 62,541 | 26,091 | 88,632 | 100 |


*ଉତ୍ସ: 2023-24 ଆର୍ଥିକ ବର୍ଷ ପାଇଁ ବିତ୍ତ ଲେଖା ଆଧାରରେ ଆକଳନ*

** 2020-21 ଓ 2021-22 ଆର୍ଥିକ ବର୍ଷରେ ଜିଏସ୍‌ଟି କ୍ଷତିପୂରଣ ଅଭାବ ବଦଳରେ ଭାରତ ସରକାରଙ୍କ ଠାରୁ ପଛକୁ ପଛ 10,252.20 କୋଟି ଟଙ୍କାର ଋଣକୁ ବାଦ୍ ଦେଲେ, ଯାହାକୁ ରାଜ୍ୟ ଦ୍ୱାରା ନିଜସ୍ୱ ଉତ୍ସରୁ ଫେରସ୍ତ ଦିଆଯିବ ନାହିଁ ।*

*# ହାରାହାରି ସୁଧ ହାର 6.38 ପ୍ରତିଶତ (ଗତ ପାଞ୍ଚ ବର୍ଷର ହାରାହାରି ସୁଧ ହାର ଏବଂ ଜିଏସ୍‌ଟି କ୍ଷତିପୂରଣ ବଦଳରେ ଭାରତ ସରକାରଙ୍କ ଠାରୁ ପଛକୁ ପଛ ଋଣ ବାବଦରା 10,252.20 କୋଟି ଟଙ୍କାକୁ ବାଦ୍ ଦେଇ ଗଣନା କରାଯାଏ, ଯାହାକୁ ରାଜ୍ୟ ଦ୍ୱାରା ନିଜସ୍ୱ ଉତ୍ସରୁ ଫେରସ୍ତ କରିବେ ନାହିଁ ।*

**ସାରଣୀ 2.31** ଦର୍ଶାଉଛି ଯେ ରାଜ୍ୟ ସରକାରଙ୍କୁ ଆସନ୍ତା ତିନି ବର୍ଷ ମଧ୍ୟରେ ନିଜର ସାର୍ବଜନୀନ ଋଣର 43.21 ପ୍ରତିଶତ (38,303 କୋଟି ଟଙ୍କା ଆନୁମାନିକ ସୁଧକୁ ମିଶାଇ), 3-5 ବର୍ଷ ମଧ୍ୟରେ 13.68 ପ୍ରତିଶତ (12,122 କୋଟି ଟଙ୍କା), 5-7 ବର୍ଷ ମଧ୍ୟରେ 9.91 ପ୍ରତିଶତ (8,780 କୋଟି ଟଙ୍କା) ଏବଂ 7-10 ବର୍ଷ ମଧ୍ୟରେ 10.62 ପ୍ରତିଶତ (9,417 କୋଟି ଟଙ୍କା) ପରିଶୋଧ କରିବାକୁ ପଡ଼ିବ । ଅର୍ଥାତ ଆସନ୍ତା 10 ବର୍ଷ ମଧ୍ୟରେ ରାଜ୍ୟକୁ 77.42 ପ୍ରତିଶତ ଋଣ (68,622 କୋଟି ଟଙ୍କା) ପରିଶୋଧ କରିବାକୁ ପଡ଼ିବ ।

**ରେଖାଚିତ୍ର 2.21: ସାର୍ବଜନୀନ ଋଣର ପରିପକ୍ୱତା ପାର୍ଶ୍ୱଚିତ୍ର**




*ଉତ୍ସ: 2023-24 ଆର୍ଥିକ ବର୍ଷର ବିତ୍ତ ଲେଖା ଆଧାରରେ ଆକଳିତ*

** 2020-22 ଆର୍ଥିକ ବର୍ଷରେ ମିଳିଥିବା ଜିଏସ୍‌ଟି କ୍ଷତିପୂରଣ ବଦଳରେ ଭାରତ ସରକାରଙ୍କ ଠାରୁ ଲଗାତାର ଋଣ ବାବଦକୁ 10,252.20 କୋଟି ଟଙ୍କା ବ୍ୟତୀତ, ଯାହାକି ରାଜ୍ୟ ଦ୍ୱାରା ନିଜସ୍ୱ ଉତ୍ସରୁ ଫେରସ୍ତ କରିବେ ନାହିଁ ।*

**ସାରଣୀ 2.32** ଏବଂ **ରେଖାଚିତ୍ର 2.22** ରେ 31 ମାର୍ଚ୍ଚ 2024 ସୁଦ୍ଧା ବକେୟା ସରକାରୀ ଋଣର ଆଗାମୀ ଦଶ ବର୍ଷର ଯାହା ବର୍ଷ ଅନୁଯାୟୀ ପରିଶୋଧ କାର୍ଯ୍ୟସୂଚୀ ।

**ସାରଣୀ 2.32: ଆସନ୍ତା 10 ବର୍ଷ ମଧ୍ୟରେ ଅର୍ଥାତ୍ 2033-34 ଆର୍ଥିକ ବର୍ଷ ପର୍ଯ୍ୟନ୍ତ ସାର୍ବଜନୀନ ଋଣ ପରିଶୋଧ କାର୍ଯ୍ୟସୂଚୀ (ସୁଧ ସହିତ)**

**(ଟଙ୍କା କୋଟିରେ)**


| ବର୍ଷ | ପରିଶୋଧ | | |
|---|---|---|---|
| | ସରକାରୀ ଋଣ | ସୁଧ# | ମୋଟ |
| 2024-25 | 16,856 | 3,452 | 20,308 |
| 2025-26 | 6,485 | 2,708 | 9,193 |
| 2026-27 | 6,509 | 2,293 | 8,802 |
| 2027-28 | 4,568 | 1,940 | 6,508 |
| 2028-29 | 3,946 | 1,668 | 5,614 |
| 2029-30 | 4,245 | 1,407 | 5,652 |
| 2030-31 | 1,917 | 1,211 | 3,128 |
| 2031-32 | 3,517 | 1,037 | 4,554 |
| 2032-33 | 1,939 | 863 | 2,802 |
| 2033-34 | 1,301 | 760 | 2,061 |
| **ମୋଟ୍** | **51,283** | **17,339** | **68,622**[25] |

*ଉତ୍ସ: 2023-24 ଆର୍ଥିକ ବର୍ଷର ବିତ୍ତ ଲେଖା ଆଧାରରେ ଆକଳିତ*

*# ହାରାହାରି ସୁଧ ହାରରେ 6.38 ପ୍ରତିଶତ (ଗତ ପାଞ୍ଚ ବର୍ଷର ହାରାହାରି ସୁଧ ହାରରେ ଆନୁମାନିକ ସୁଧ ହିସାବ କରାଯାଇଛି ।*

[25] *ପ୍ରଦାନ କରାଯାଉଥିବା ଅର୍ଥ ଶୂନ୍ୟ ଦଶମିକ ସ୍ଥାନକୁ ଦିଆଯାଇଛି*

**ରେଖାଚିତ୍ର 2.22: ଆଗାମୀ 10 ବର୍ଷ ମଧ୍ୟରେ ଅର୍ଥାତ୍ 2033-34 ଆର୍ଥିକ ବର୍ଷ ପର୍ଯ୍ୟନ୍ତ ସାର୍ବଜନୀନ ଋଣ ପରିଶୋଧ କାର୍ଯ୍ୟସୂଚୀ (ସୁଧକୁ ମିଶାଇ)**





*ଉତ୍ସ: ଓଡ଼ିଶା ସରକାରଙ୍କ ବିତ୍ତ ଲେଖା, ସାର୍ବଜନୀନ ଋଣ ପାଇଁ*

*# ସୁଧ ପାଇଁ- ହାରାହାରି ସୁଧ ହାର 6.38 ପ୍ରତିଶତ (ଗତ ପାଞ୍ଚ ବର୍ଷର ସୁଧ ହାରର ହାରାହାରି) ହିସାବରେ ଆନୁମାନିକ ସୁଧ ଆକଳନ କରାଯାଇଛି ।*

**ସାରଣୀ 2.32** ଏବଂ **ରେଖାଚିତ୍ର 2.22** ରୁ ଜଣାପଡୁଛି ଯେ 2024-25, 2025-26 ଏବଂ 2026-27 ଆର୍ଥିକ ବର୍ଷରେ ଋଣ ପରିଶୋଧ ବାବଦରେ ରାଜ୍ୟ ସରକାରଙ୍କୁ ଯଥାକ୍ରମେ 20,308 କୋଟି ଟଙ୍କା, 9,193 କୋଟି ଟଙ୍କା ଏବଂ 8,802 କୋଟି ଟଙ୍କାର ଆର୍ଥିକ ବୋଝ ବହନ କରିବାକୁ ପଡ଼ିବ । ଭବିଷ୍ୟତରେ ଆର୍ଥିକ ଅସୁବିଧାକୁ ଦୃଷ୍ଟିରେ ରଖି ଆଗାମୀ 10 ବର୍ଷ ମଧ୍ୟରେ, 51,283 କୋଟି ଟଙ୍କାର ମୂଳ ପରିଶୋଧ ଏବଂ 17,339 କୋଟି ଟଙ୍କାର ସୁଧ ପରିଶୋଧ ନିମନ୍ତେ ରାଜ୍ୟ ସରକାର ଏହାର ରାଜସ୍ୱ ବଳକାକୁ ଋଣ ପରିଶୋଧ ପାଇଁ ଯଥେଷ୍ଟ ସ୍ତରରେ ରଖିବା ଆବଶ୍ୟକ । ସୁଧ ସହିତ ବଜାର ଆର୍ଥିକ ବୋଝର ସୂଚୀ **ରେଖାଚିତ୍ର 2.23** ରେ ଦର୍ଶାଯାଇଛି ।

**ରେଖାଚିତ୍ର 2.23: ବଜାର ଋଣ ପରିଶୋଧର ଅନୁସୂଚୀ**




*ଉତ୍ସ: ଓଡ଼ିଶା ସରକାରଙ୍କ ବିତ୍ତ ଲେଖା*

*ଟିପ୍ପଣୀ: 31 ମାର୍ଚ୍ଚ 2024 ସୁଦ୍ଧା ବକେୟା ବଜାର ଋଣ ପାଇଁ ପରିପକ୍ୱତା ପ୍ରୋଫାଇଲ୍ ବିକଶିତ ହୋଇଛି ଏବଂ ଯେଉଁ ଆର୍ଥିକ ବର୍ଷରେ ପରିପକ୍ୱ ହେବାକୁ ଯାଉଛି ସେହି ଆର୍ଥିକ ବର୍ଷ ପର୍ଯ୍ୟନ୍ତ ସୁଧ ଆକଳନ କରାଯାଇଛି ।*

ମାର୍ଚ୍ଚ 2024 ସୁଦ୍ଧା ବଜାର ଋଣ, 24,723 କୋଟି ଟଙ୍କା (ମୂଳଧନ: 16,401 କୋଟି ଟଙ୍କା ଏବଂ ସୁଧ: 8,321 କୋଟି ଟଙ୍କା) ପରିଶୋଧ ପାଇଁ ବକେୟା ଥିଲା । ଆସନ୍ତା ପାଞ୍ଚ ବର୍ଷ ଅର୍ଥାତ୍ 2028-29 ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟକୁ 12,820 କୋଟି ଟଙ୍କା (51.85 ପ୍ରତିଶତ) (8,001 କୋଟି ଟଙ୍କା ମୂଳଧନ ଏବଂ 4,819 କୋଟି ଟଙ୍କା ସୁଧ ଆକାରରେ),ବଜାର ଋଣ ପରିଶୋଧ କରିବାକୁ ପଡ଼ିବ । ଆର୍ଥିକ ବର୍ଷ 2033-34 ପର୍ଯ୍ୟନ୍ତ ପରବର୍ତ୍ତୀ ପାଞ୍ଚ ବର୍ଷ ମଧ୍ୟରେ 7,756 କୋଟି ଟଙ୍କା (31.37 ପ୍ରତିଶତ) (5,400 କୋଟି ଟଙ୍କା ମୂଳଧନ ଏବଂ 2,356 କୋଟି ଟଙ୍କା ସୁଧ ଆକାରରେ) ବଜାର ଋଣ ପରିଶୋଧ କରିବାକୁ ପଡ଼ିବ ।

## 2.8 ଋଣ ସ୍ଥିରତା (ସସ୍‌ଟେନେବିଲିଟି) ବିଶ୍ଳେଷଣ

ବିତ୍ତୀୟ ଏବଂ ଋଣ ମାନଦଣ୍ଡ, ତେ୍ୋମାର ଆଭିମୁଖ୍ୟ ଏବଂ ସମ୍ପୃକ୍ତ ଏଫ୍‌ଆର୍‌ବିଏମ୍ ଲକ୍ଷ୍ୟରେ ମାକ୍ରୋ-ବିତ୍ତୀୟ ମାନଦଣ୍ଡର ଅନୁପାଳନ ଆଧାରରେ ଋଣ ସ୍ଥାୟୀତା ବିଶ୍ଳେଷଣ କରାଯାଇଛି । ବିଶ୍ଳେଷଣର ଫଳାଫଳଗୁଡ଼ିକ ନିମ୍ନ ଅନୁଚ୍ଛେଦରେ ଦର୍ଶାଯାଇଛି:

**(କ)** ଋଣ ସ୍ଥିରତା ହେଉଛି ବର୍ତ୍ତମାନ ଏବଂ ଭବିଷ୍ୟତରେ ଏହାର ଋଣ ଦାୟିତ୍ୱ ପୂରଣ କରିବା ପାଇଁ ରାଜ୍ୟର କ୍ଷମତା । ଋଣ ସ୍ଥିରତା ସୂଚକାଙ୍କର ପରିବର୍ତ୍ତନ ଗୁଡ଼ିକର ବିଶ୍ଳେଷଣ **ସାରଣୀ 2.33** ଏବଂ **ରେଖାଚିତ୍ର 2.24** ରେ ଦର୍ଶାଯାଇଛି ।

### ସାରଣୀ 2.33: ସରକାରୀ ଋଣ ସ୍ଥିରତା ସୂଚକାଙ୍କରେ ଧାରା

( ଟଙ୍କା କୋଟିରେ)

| କ୍ର.ସଂ. | ଋଣ ସ୍ଥିରତା ସୂଚକ | | 2019-20 | 2020-21 | 2021-22 | 2022-23 | 2023-24 |
|---|---|---|---|---|---|---|---|
| 1 | ସାମଗ୍ରୀକ ଆର୍ଥିକ ବୋଝ ବକେୟା ସରକାରୀ ଋଣ | | 1,26,084 | 1,18,952 | 1,09,888 | 1,01,700 | 1,22,837 |
| 2 | ଋଣର ଅଭିବୃଦ୍ଧି ହାର (ପ୍ରତିଶତ) | | 16.47 | -5.66 | -7.62 | -7.45 | 20.78 |
| 3 | ଜିଏସ୍‌ଡିପି (ନାମ ମାତ୍ର ଶବ୍ଦରେ) | | 5,37,502 | 5,40,185 | 6,97,013 | 7,59,560 | 8,53,524 |
| 4 | ଜିଏସ୍‌ଡିପି ଅଭିବୃଦ୍ଧି ହାର (ପ୍ରତିଶତ) | | 7.80 | 0.50 | 29.03 | 8.97 | 12.37 |
| 5 | ସରକାରୀ ଋଣ/ ଜିଏସ୍‌ଡିପି (ପ୍ରତିଶତ) | | 23.46 | 22.02 | 15.77 | 13.39 | 14.39 |
| 6 | ସମସ୍ତ ପ୍ରକାର ଉଧାର ପରିପକ୍ୱତା ପ୍ରୋଫାଇଲ୍ (ବିତ୍ତ ଲେଖା ଅଧିନରେ ଆର୍ଥିକ ବୋଝକୁ ମିଶାଇ ଯଦି ଥାଏ) | | | | | | |
| | 6 କ | 0-2 ବର୍ଷ | 25.37 | 41.36 | 36.38 | 30.21 | 37.32 |
| | 6 ଖ | 2-5 ବର୍ଷ | 35.85 | 27.29 | 28.64 | 29.67 | 24.02 |
| | 6 ଗ | 5-10 ବର୍ଷ | 21.83 | 15.14 | 19.23 | 24.12 | 20.66 |
| | 6 ଘ | 10 ବର୍ଷରୁ ଅଧିକ | 16.95 | 15.59 | 14.16 | 14.01 | 10.65 |
| | 6 ଙ | ଅନ୍ୟାନ୍ୟ | 0 | 0.62 | 1.59 | 1.99 | 7.35 |
| 7 | ମୋଟ ଉଧାର ପରିଶୋଧ (ପ୍ରତିଶତ) | | 70.44 | 112.55 | 115.46 | 112.32 | 77.02 |
| 8 | ମୋଟ ଉଧାର ପ୍ରତିଶତ ହିସାବରେ ନିଟ୍ ଉଧାର ଉପଲବ୍ଧ | | 29.56 | -12.55 | -15.46 | -12.32 | 22.98 |
| 9 | ସାମଗ୍ରୀକ ଋଣ ଉପରେ ସୁଧ ଦେୟ | | 6,063 | 6,644 | 6,342 | 5,502 | 5,181 |
| 10 | ସାମଗ୍ରୀକ ଋଣ ଉପରେ ପ୍ରଭାବଶାଳୀ ସୁଧର ହାର[26] ପ୍ରତିଶତ | | 6.78 | 6.69 | 6.55 | 6.39 | 6.16 |
| 11 | ରାଜସ୍ୱ ପ୍ରାପ୍ତିର ସୁଧ ପ୍ରଦାନ (ପ୍ରତିଶତ) | | 5.97 | 6.36 | 4.14 | 3.66 | 2.88 |
| 12 | ରାଜସ୍ୱ ନିଅଣ୍ଟ/ ବଳକା | | 2,431 | 9,076 | 43,471 | 19,456 | 30,761 |
| 13 | ପ୍ରାଥମିକ ରାଜସ୍ୱ ବଳକା (ପିଆର୍‌ବି) | | 8,494 | 15,720 | 49,813 | 24,958 | 35,942 |
| 14 | ପ୍ରାଥମିକ ବଳକା (ପିବି) | | -12,756 | -3,142 | 26,969 | -9,717 | -9,562 |
| 15 | ପିବି/ ଜିଏସ୍‌ଡିପି (ପ୍ରତିଶତ) | | -2.37 | -0.58 | 3.87 | -1.28 | -1.12 |


[26] *ସାମଗ୍ରୀ ଋଣ ଉପରେ ପ୍ରଭାବଶାଳୀ ସୁଧ ହାର ରିଜର୍ଭ ପାଣ୍ଠି ସୁଧ ନଥିବା ଜମା ଏବଂ ପୁଞ୍ଜି ବ୍ୟୟ ପାଇଁ ରାଜ୍ୟକୁ 50 ବର୍ଷର ସୁଧମୁକ୍ତ କେନ୍ଦ୍ରୀୟ ସହାୟତାକୁ ଆତଜଷ୍ଟ କରି ଗଣନା କରାଯାଇଛି । ପ୍ରଭାବଶାଳୀ ସୁଧ ହାର = ସୁଧ ଦେୟ/ ଖୋଲିବା ଏବଂ ବନ୍ଦ କରିବାର ହାରାହାରି (ଋଣ ସୁଧ ବହନ ଦାୟିତ୍ୱକୁ ବାଦ ଦେଇ) * 100*

| | | | | | | |
|---|---|---|---|---|---|---|
| 16 | ସାମଗ୍ରୀକ ଋଣ ଉପରେ ଆରଓଆଇ[27] ଏବଂ ପ୍ରଭାବଶାଳୀ ସୁଧ ହାର ମଧ୍ୟରେ ପାର୍ଥକ୍ୟ | 12.58 | 7.96 | 13.43 | 10.43 | 1.76 |
| 17 | ଲିକ୍ୟୁଇଡିଟି ପରିଚାଳନା (ଆରବିଆଇ ଦ୍ୱାରା ପ୍ରଦାନ କରାଯାଉଥିବା ଆର୍ଥିକ ସାଧନର ବ୍ୟବହାର | Nil | Nil | Nil | Nil | Nil |
| 18 | ଋଣ ସ୍ଥିରତା (କ୍ୱାଣ୍ଟମ ବିସ୍ତାର[28] + ପ୍ରାଥମିକ ବଳକା) | -11,771 | -9,455 | 47,575 | -7,638 | -4,126 |
| 19 | **ତୋମାର ମାନଦଣ୍ଡ** | | | | | |
| a | ଜିଏସ୍‌ଡିପି (ନିରନ୍ତର ଶଢରେ | 3,97,530 | 3,89,079 | 4,52,947 | 4,80,402 | 5,20,911 |
| b | ବାସ୍ତବ ଅଭିବୃଦ୍ଧି(ନିରନ୍ତର ଶଢରେ | 2.79 | -2.13 | 16.42 | 6.06 | 8.43 |
| c | ସିପିଆଇ (ପ୍ରତିଶତ) ଉପରେ ଆଧାରିତ ମୁଦ୍ରାସ୍ଫୀତି | 4.57 | 7.10 | 3.72 | 6.00 | 6.55 |
| d | ପ୍ରଭାବଶାଳୀ ସୁଧ ହାର | 6.78 | 6.69 | 6.55 | 6.39 | 6.16 |
| e | ପ୍ରକୃତ ପ୍ରଭାବଶାଳି ସୁଧ ହାର (ସୁଧ ପ୍ରଭାବଶାଳୀ ହାର ମୁଦ୍ରାସ୍ଫିତି) | 2.21 | -0.41 | 2.83 | 0.39 | -0.39 |
| f | ଅଭିବୃଦ୍ଧି ସୁଧ ବ୍ୟବଧାନ (ପ୍ରକୃତ ଅଭିବୃଦ୍ଧି – ବାସ୍ତବ ପ୍ରଭାବଶାଳୀ ସୁଧହାର | 0.58 | -1.72 | 13.59 | 5.67 | 8.82 |
| g | ପ୍ରାଥମିକ ବଳକା(ପିବି) | -12,756 | -3,142 | 26,969 | -9,717 | -9,562 |

***ଉତ୍ସ: ସମ୍ପୃକ୍ତ ବର୍ଷର ବିତ୍ତୀୟ ହିସାବ, ଓଡ଼ିଶା ସରକାର ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ଉପରେ ଆଧାରିତ ମୁଦ୍ରା ସ୍ଫିତି ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟକାରିତା ମନ୍ତ୍ରଣାଳୟ, ଭାରତ ସରକାର***

*ଟିପ୍ପଣୀ: ଆର୍ଥିକ ବର୍ଷ 2020-21 ରେ ସାମଗ୍ରୀକ ଦାୟିତ୍ୱ 3,822 କୋଟି ଟଙ୍କକୁ ବାଦ୍ ଦିଆଯାଇଥିବା ବେଳେ 2021-22, 2022-23 ଏବଂ 2023-24 ରେ ଜିଏସ୍‌ଟି କ୍ଷତିପୂରଣ ବଦଳରେ ଭାରତ ସରକାରଙ୍କ ଠାରୁ ପଛକୁ ପଛ ଋଣ ପାଇଥିବା 10,252 କୋଟି ଟଙ୍କାକୁ ବାଦ୍ ଦିଆଯାଇଛି । ଏହା ବ୍ୟତୀତ ଗତ 4 ବର୍ଷରେ ମିଳିଥିବା ପୁଞ୍ଜି ବ୍ୟୟ ପାଇଁ ରାଜ୍ୟକୁ 50 ବର୍ଷର ସୁଧ ମୁକ୍ତ କେନ୍ଦ୍ରୀୟ ସହାୟତା ଋଣ ମହଜୁଦ୍ ରହିଛି । ଯଥା-2020-21: 471.50 କୋଟି ଟଙ୍କା, 2021-22: 517.12 କୋଟି ଟଙ୍କା, 2022-23: 75 କୋଟି ଟଙ୍କା ଓ 2023-24 ରେ 3,532.14 କୋଟି ଟଙ୍କା ।*

## ରେଖାଚିତ୍ର 2.24: ଋଣ ସ୍ଥିରତା ସୂଚକାଙ୍କ ଗୁଡ଼ିକର ଧାରା




***ଉତ୍ସ: ଓଡ଼ିଶା ସରକାରଙ୍କ ସଂପୃକ୍ତ ବର୍ଷଗୁଡ଼ିକର ବିତ୍ତ ଲେଖା***

*ଟିପ୍ପଣୀ: ଜିଏସ୍‌ଟି କ୍ଷତିପୂରଣ ବଦଳରେ ଭାରତ ସରକାରଙ୍କ ଠାରୁ ପଛକୁ ପଛ ଋଣ ବାବଦରେ 2020-21 ରେ 3,822 କୋଟି , 2021-22 ରୁ 2023-24 ରେ 10,252 କୋଟି ଟଙ୍କା ଋଣ ଛାଡ଼ କରାଯାଇଛି, ଯାହାକୁ ରାଜ୍ୟ ଏହାର ଉତ୍ସରୁ ପରିଶୋଧ କରିବାକୁ ପଡ଼ିବ ନାହିଁ ।*

---

*27 ରିଟର୍ଣ୍ଣ ଅନ୍ ଇନଭେଷ୍ଟମେଣ୍ଟ (ଆରଓଆଇ) ସୁଧ ପ୍ରାପ୍ତିର ପ୍ରଭାବଶାଳୀ ହାର ଦ୍ୱାରା ମାପ କରାଯାଏ ।*
*ଆରଓଆଇ=ସୁଧପ୍ରାପ୍ତ / ଋଣ ଏବଂ ଅଗ୍ରୀମ ବିତରଣର ଖୋଲା ଏବଂ ବନ୍ଦ ଷ୍ଟକର ହାରାହାରି *100*

*28 କ୍ୱାଣ୍ଟମ୍ ବିସ୍ତାର = ସୁଧ ବିସ୍ତାର x ଋଣ (ଅଣ-ସୁଧ ବହନ ଋଣ ବୋର୍ଝ କୁ ବାଦେ ଦେଲେ) ।.*

**ସାରଣୀ 2.33** ର ବିଶ୍ଳେଷଣରୁ ଜଣାପଡ଼ିଛି ଯେ:

- 2019-20 ଆର୍ଥିକ ବର୍ଷରେ ଋଣ-ଜିଏସ୍‌ଡିପି ଅନୁପାତ 23.46 ପ୍ରତିଶତ ଥିବାବେଳେ 2022-23 ଆର୍ଥିକ ବର୍ଷରେ ଏହା 13.39 ପ୍ରତିଶତକୁ ଖସି ଆସିଛି । ତେବେ ଋଣ ବୋଝ ବୃଦ୍ଧି ଯୋଗୁଁ 2023-24 ଆର୍ଥିକ ବର୍ଷରେ ଏହି ଅନୁପାତ ସାମାନ୍ୟ ବୃଦ୍ଧି ପାଇ 14.39 ପ୍ରତିଶତରେ ପହଞ୍ଚିଛି ।

  2019-20 ରୁ 2023-24 ପର୍ଯ୍ୟନ୍ତ ପାଞ୍ଚ ବର୍ଷର ଅବଧି ମଧ୍ୟରେ ଋଣ-ଜିଏସ୍‌ଡିପି ଅନୁପାତ ହ୍ରାସ ସୂଚାଉଛି ଯେ ଅର୍ଥନୀତିର ଅଭିବୃଦ୍ଧି ଋଣ ସଞ୍ଚୟକୁ ଅତିକ୍ରମ କରୁଛି, ଯାହା ଦ୍ୱାରା ସରକାରଙ୍କ ଋଣ ଦାୟିତ୍ୱକୁ ପ୍ରଭାବଶାଳୀଭାବରେ ପରିଚାଳନା ଏବଂ ସେବା କରିବାର କ୍ଷମତାରେ ଉନ୍ନତି ଘଟିଛି ।

- ରାଜସ୍ୱ ପ୍ରାପ୍ତି ସହିତ ସୁଧ ଦେୟର ଅନୁପାତ ମଧ୍ୟ ଋଣ ସ୍ଥିରତାର ଏକ ଭଲ ମାପ ଅଟେ । ରାଜସ୍ୱ ପ୍ରାପ୍ତିର ପ୍ରତିଶତ ହିସାବରେ ସୁଧ ଦେୟ ଆର୍ଥିକ ବର୍ଷ 2019-20 ରେ 5.97 ପ୍ରତିଶତ ଥିବେ ବେଳେ 2023-24 ଆର୍ଥିକ ବର୍ଷରେ ଏହା 2.88 ପ୍ରତିଶତକୁ ହ୍ରାସ ପାଇଛି । ଏହି ହ୍ରାସ ବିତ୍ତୀୟ ସ୍ୱାସ୍ଥ୍ୟରେ ଉନ୍ନତିକୁ ସୂଚାଇଥାଏ, କାରଣ ରାଜସ୍ୱର କମ୍ ପ୍ରତିଶତ ସୁଧ ବୋଝ ପାଇଁ ଦ୍ୱାରା ବ୍ୟବହୃତ ହେଉଛି, ଯାହା ଦ୍ୱାରା ସମ୍ଭବତଃ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଏବଂ ଉତ୍ପାଦନମୂଳକ ଖର୍ଚ୍ଚ ପାଇଁ ସମ୍ବଳ ମୁକ୍ତ ହେଉଛି ।

- ରାଜସ୍ୱ ଖାତା ଦୃଷ୍ଟିକୋଣରୁ, ପ୍ରାଥମିକ ନିଅଣ୍ଟ ହ୍ରାସ ପାଇବା ଉଚିତ ଏବଂ ଚଳିତ ଋଣ ପରିଶୋଧ କରିବା ପାଇଁ ପର୍ଯ୍ୟାପ୍ତ ବଳକା ସୃଷ୍ଟି ହେବା ଆବଶ୍ୟକ । 2019-20 ରୁ 2021-22 ବର୍ଷ ମଧ୍ୟରେ ଋଣ ସ୍ଥିରତାରେ ଉନ୍ନତି ଘଟିଥିଲା କିନ୍ତୁ ସାମଗ୍ରୀକ ଋଣ ବୋଝ ଏବଂ ପ୍ରାଥମିକ ବଳକା ହ୍ରାସ ପାଇଥିଲା । 2022-23 ବର୍ଷ ଏବଂ 2023-24 ବର୍ଷରେ ସାମଗ୍ରୀକ ଋଣ ବୋଝ ବୃଦ୍ଧି ଏବଂ ନିରନ୍ତର ପ୍ରାଥମିକ ନିଅଣ୍ଟର ଅବନତି ଘଟିଥିଲା ।

- ଋଣର ଢାଞ୍ଚା ଦର୍ଶାଉଛି ଯେ 2019-24 ରେ ଋଣ ଷ୍ଟକ୍‌ର 60 ପ୍ରତିଶତ ରୁ ଅଧିକ କ୍ଷୁଦ୍ରକାଳୀନ ଏବଂ ମଧ୍ୟମକାଳୀନ ପରିପକ୍ୱତା ସହିତ ଥିଲା । ଏହା ଫଳରେ 2020-23 ମଧ୍ୟରେ ଋଣ ପରିଶୋଧ ପାଇଁ ବ୍ୟବହୃତ ହୋଇଥିବା ଉତ୍ପାଦକ ଏବଂ ଅଭିବୃଦ୍ଧି ବୃଦ୍ଧିକାରୀ ପ୍ରଭାବ ପାଇଂ ଋଣ ଉପଲବ୍ଧତାରେ ତୀବ୍ର ହ୍ରାସ ଘଟିଥିଲା । ଏହା ସୂଚାଉଛି ଯେ ଋଣକୁ ସ୍ଥାୟୀ ଭାବରେ ପରିଚାଳନା କରିବା ପାଇଁ ଅଧିକ ବ୍ୟୟବହୁଳ ଆର୍ଥିକ ଋଣନୀତିର ଆବଶ୍ୟକତା ରହିଛି ।

**(ଖ)** ଇ.ଡି. ଡୋମାର[29]ଙ୍କ ଏକ ଅଧ୍ୟୟନ ଆଧାରରେ ଋଣ ସ୍ଥାୟୀତା ଉପର ଏକ ବିଶ୍ଳେଷଣ କରାଯାଇଥିଲା । ଡୋମାର ମଡେଲରେ କୁହାଯାଇଛି ଯେ ସାଧାରଣ ଋଣର ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ଆଧାର ହେଉଛି ସରକାରୀ ଋଣ ପାଇଁ ସୁଧ ହାର ଜିଏସଡିପିର ଅଭିବୃଦ୍ଧି ହାର ଠାରୁ ଅଧିକ ହେବା ଉଚିତ୍ ନୁହେଁ ।

2019-24 ଅବଧି ମଧ୍ୟରେ, ଡୋମାର ବ୍ୟବଧାନ ସାଧାରଣତଃ ସକାରାତ୍ମକ ରହିଛି । ଏହା ସୂଚାଉଛି ଯେ ଅଥନୀତିର ବାସ୍ତବ ଅଭିବୃଦ୍ଧି ସାଧାରଣତଃ ବାସ୍ତବ ସୁଧ ବୋଝକୁ ଅତିକ୍ରମ କରି ପରିଚାଳନାଯୋଗ୍ୟ ଋଣ ସ୍ତରକୁ ବୃଦ୍ଧି କରିଛି । ତେବେ କୋଭିଡ୍ - 19 ମହାମାରୀର ପ୍ରତିକୂଳ ଅର୍ଥନୈତିକ ପ୍ରଭାବ ଯୋଗୁଁ ଏହି ବ୍ୟବଧାନ ନକାରାତ୍ମକ ହୋଇଥିବାରୁ, 2020-21 ଆର୍ଥିକ ବର୍ଷ ରେ ଏକ ବ୍ୟତିକ୍ରମ ଥିଲା । ହାରାହାରି ଭାବରେ, ଏହି ଅବଧି ମଧ୍ୟରେ ବାସ୍ତବ ସୁଧ ହାର ମୁଦ୍ରାସ୍ଫୀତି ହାରଠାରୁ କମ୍ ରହିଥିଲା ଏବଂ 2019-24 ରେ ହାରାହାରି ନାମମାତ୍ର ସୁଧ ହାର 6.51 ପ୍ରତିଶତ ରହିଥିଲା । ହାରାହାରି, ପ୍ରାଥମିକ ବଳକାରେ କ୍ରମାଗତ ଉନ୍ନତି ଦ୍ୱାରା ସମର୍ଥିତ ନାମମାତ୍ର ଅଭିବୃଦ୍ଧି ତୁଳନାରେ ଋଣର ଅଭିବୃଦ୍ଧି ମୁଖ୍ୟତଃ 2020-24 ରେ 15ତମ ଏଫ୍ ସି ଦ୍ୱାରା ଦିଆଯାଇଥିବା ସୂଚକ ଋଣ ପଥ[30] ମଧ୍ୟରେ ଋଣ-ଜିଏସ୍‌ଡିପି ଅନୁପାତକୁ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ।

ତେଣୁ, ଋଣ ସ୍ଥାୟୀତା ସୁନିଶ୍ଚିତ କରିବା ପାଇଁ ଆର୍ଥିକ ନୀତି ପ୍ରତି ସନ୍ତୁଳିତ ଆଭିମୁଖ୍ୟ ବଜାୟ ରଖିବାରାଜ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ । ଋଣ-ଜିଏସ୍‌ଡିପ ଅନୁପାତ ସ୍ଥିର ରଖିବା ପାଇଁ ରାଜ୍ୟ ନାମମାତ୍ର ଅଭିବୃଦ୍ଧି ସହ ମିଶି ଋଣ ବୃଦ୍ଧି କରିବାକୁ ଅନୁମତି ଦେବା ଆବଶ୍ୟକ ।

---

29 *ଡୋମାର ମଡେଲରେ ପରିପକ୍ୱତା, ଗଠନ ମୂଲ୍ୟ ଓ ବିପଦ ପ୍ରକୃତିର ଉଧାରର ଷ୍ଟକ୍ ହିସାବକୁ ନିଆଯାଇ ନାହିଁ ।*

30 ଜିଏସ୍‌ଡିପିର ପ୍ରିଶତ ହିସାବରେ ଋଣ (2020-21: 29.40 ପ୍ରତିଶତ, 2021-22: 30 ପ୍ରତିଶତ, 2022-23: 31.30 ପ୍ରତିଶତ, 2023-24: 31.80 ପ୍ରତିଶତ

**(ଗ)** ଏଫ୍‌ସିଆର୍‌ରେ ଧାର୍ଯ୍ୟ କରାଯାଇଥିବା ସଫଳତା (ଏ) ସହିତ ଲକ୍ଷ୍ୟ (ଟି) ର ସବିଶେଷ ବିବରଣୀ ନିମ୍ନରେ ଦର୍ଶାଯାଇଛି:

**ସାରଣୀ 2.34: ଏଫ୍‌ସିଆର୍‌ରେ ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ ସଫଳତା**

| ଆର୍ଥିକ ମାନଦଣ୍ଡ | | ଏଫ୍‌ସିଆରରେ ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ ସଫଳତା | | | | |
|---|---|---|---|---|---|---|
| | | 2019-20 | 2020-21 | 2021-22 | 2022-23 | 2023-24 |
| ରାଜସ୍ୱ ବଳକା (+)ରାଜସ୍ୱ ନିଅଣ୍ଟ(-) (ପ୍ରତିଶତରେ) | ଟି | 2.81 | 3.39 | 1.66 | 2.22 | 2.78 |
| | ଏ | 0.45 | 1.68 | 6.24 | 2.56 | 3.60 |
| ବିତ୍ତୀୟ ନିଅଣ୍ଟ (-)/ବଳକା (+)ଏବଂ ଜିଏସ୍‌ଡିପିରେ ଅନୁପାତ (ପ୍ରତିଶତରେ) | ଟି | (-)3.00 | (-)5.00 | (-)3.00 | (-)3.00 | (-)3.00 |
| | ଏ | (-) 3.50 | (-) 1.81 | 2.96 | (-) 2.00 | (-) 1.73 |
| ଜିଏସ୍‌ଡିପି ସହିତ ମୋଟ ବକେୟା ଦେୟତାର ଅନୁପାତ (ପ୍ରତିଶତରେ) | ଟି | 25.00 | 29.40 | 30.00 | 31.30 | 31.80 |
| | ଏ | 23.46 | 22.02 | 15.77 | 13.39 | 14.39 |
| ରାଜସ୍ୱ ପ୍ରାପ୍ତିର ପ୍ରତିଶତ ହିସାବରେ ସୁଧ | ଟି | 15.00 | 15.00 | 15.00 | 15.00 | 15.00 |
| | ଏ | 5.97 | 6.36 | 4.14 | 3.66 | 2.88 |

*(ଟି- ଲକ୍ଷ୍ୟ ଓ ଏ- ପ୍ରକୃତ ହାସଲ)*

***ଉତ୍ସ: ଓଡ଼ିଶା ସରକାରଙ୍କ ସଂପୃକ୍ତ ବର୍ଷର ବିତ୍ତ ଲେଖା***

ଗତ ପାଞ୍ଚ ବର୍ଷ ମଧ୍ୟରେ (ଆର୍ଥିକ ବର୍ଷ 2019-20 ରୁ 2023-24 ମଧ୍ୟରେ) ଓଡ଼ିଶା ସରକାର ଅର୍ଥ ଆୟୋଗ ଏବଂ ଏଫ୍‌ଆର୍‌ବିମ୍ ଅଧିନିୟମ ଦ୍ୱାରା ଧାର୍ଯ୍ୟ ସମସ୍ତ ଆର୍ଥିକ ଲକ୍ଷ୍ୟ ହାସଲ କରିଛନ୍ତି । ବକେୟା ଦାୟିତ୍ୱ ଜିଏସ୍‌ଡିପି ଅନୁପାତ 2019-20 ଆର୍ଥିକ ବର୍ଷ (23.46 ପ୍ରତିଶତ) ଠାରୁ 2022-23 (13.39 ପ୍ରତିଶତ) ପର୍ଯ୍ୟନ୍ତ ଧୀରେ ଧୀରେ ହ୍ରାସ ପାଇଛି । କିନ୍ତୁ, 2023-24 ରେ ଏହା 14.39 ପ୍ରତିଶତକୁ ବୃଦ୍ଧି ପାଇଛି । ଏହାବ୍ୟତୀତ ଏଫ୍‌ଆର୍‌ବିଏମ୍ ଅଧିନିୟମରେ ଦର୍ଶାଯାଇଥିବା ଅନୁଯାୟୀ ରାଜ୍ୟ କ୍ରମାଗତ ଭାବରେ ରାଜସ୍ୱ ବଳକା ବଜାୟ ରଖିଥିଲା ଏବଂ ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ମଧ୍ୟରେ ରହିଥିଲା ।

## 2.8.1 ନିର୍ଭରୋକ୍ତିର ସ୍ଥିତି-ଆକସ୍ମିକ ଦେୟ

ଗ୍ୟାରେଣ୍ଟି ରାଜ୍ୟର ସଂଗଠିତ ପାଣ୍ଠି ଉପରେ ଏକ ବୋଝ ହୁଏ ଯେତେବେଳେ ଯାହାଙ୍କ ପାଇଁ ଗ୍ୟାରେଣ୍ଟି ଦିଆଯାଇଛି ସେ ଧାରକ ଖିଲାପ କରେ । ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ନିର୍ଦ୍ଦେଶ ଦେଇଥିଲେ ( ନଭେମ୍ବର 2002) ଯେ ପ୍ରତିବର୍ଷ 1 ଅପ୍ରେଲ ସୁଦ୍ଧା ସମୁଦାୟ ବକେୟା ନିର୍ଭରୋକ୍ତି ରାଜ୍ୟର ପୂର୍ବ ଦ୍ୱିତୀୟ ବର୍ଷର ରାଜସ୍ୱ ପ୍ରାପ୍ତିର(ଅନୁଦାନ ବ୍ୟତୀତ) ଶତ ପ୍ରତିଶତରୁ ଅଧିକ ହେବା ଉଚିତ୍ ନୁହେଁ । ଆର୍ଥିକ ବର୍ଷ 2019-20 ରୁ 2023-24 ଧାର୍ଯ୍ୟବର୍ଷ ପାଇଁ ବକେୟା ନିର୍ଭରୋକ୍ତି ର ଧାରା, **ସାରଣୀ 2.35** ରେ ଦର୍ଶାଯାଇଛି ।

2023-24 ଆର୍ଥିକ ବର୍ଷ ଆରମ୍ଭରେ ବକେୟା ଗ୍ୟାରେଣ୍ଟିଗୁଡ଼ିକ (5,111 କୋଟି ଟଙ୍କା) ଥିଲା, ଯାହା ମୋଟ ରାଜସ୍ୱ ପ୍ରାପ୍ତିର 3.84 ପ୍ରତିଶତ, ପୂର୍ବ ଦ୍ୱିତୀୟ ବର୍ଷର[31] ଅନୁଦାନ ସହାୟତାକୁ ଛାଡି (1,33,149 କୋଟି ଟଙ୍କା) ଥିଲା ଏବଂ ସଂକଳ୍ପ ପତ୍ରର ନିର୍ଦ୍ଧାରିତ ସୀମା (100 ପ୍ରତିଶତ) ମଧ୍ୟରେ ଥିଲା ।

**ସାରଣୀ 2.35: ସରକାରଙ୍କ ଦ୍ୱାରା ଦିଆଯାଇଥିବା ନିର୍ଭରୋକ୍ତି**

(ଟଙ୍କା କୋଟିରେ)

| ଗ୍ୟାରେଣ୍ଟି ଗୁଡ଼ିକ | 2019-20 | 2020-21 | 2021-22 | 2022-23 | 2023-24 |
|---|---|---|---|---|---|
| ସୁଧ (ମାନଦଣ୍ଡ) ସହିତ ବକେୟା ନିର୍ଭରୋକ୍ତିର ସୀମା ମାନଦଣ୍ଡ | 67,584 | 79,948 | 77,416 | 81,319 | 1,33,149 |
| ବର୍ଷ ଆରମ୍ଭରେ ଥିବା ବକେୟା ନିର୍ଭରୋକ୍ତି | 4,170 | 3,532 | 7,086 | 6,160 | 5,111 |
| ବର୍ଷ ଶେଷରେ ବକେୟା ନିର୍ଭରୋକ୍ତି | 3,532 | 7,086 | 6,160 | 5,111 | 3,435 |

***ଉତ୍ସ: ଓଡ଼ିଶା ସରକାରଙ୍କ ସଂପୃକ୍ତ ବର୍ଷର ବିତ୍ତ ଲେଖା***

31 ଦ୍ୱିତୀୟ ପୂର୍ବ ବର୍ଷ ଆର୍ଥିକ ବର୍ଷ 2021-22: ରାଜସ୍ୱ ପ୍ରାପ୍ତି (1,53,059 କୋଟି ଟଙ୍କା) ଆର୍ଥିକ ବର୍ଷ 2021-22 ବିଯୋଗ ଅନୁଦାନ ସହାୟତା (19,910 କୋଟି ଟଙ୍କା) =1,33,149 କୋଟି ଟଙ୍କା ।

ସରକାର ଏହି ଗ୍ୟାରେଣ୍ଟିଗୁଡ଼ିକୁ ଶତପ୍ରତିଶତ ବିପଦପୂର୍ଣ୍ଣ ବର୍ଗୀକୃତ କରିଛନ୍ତି ଅର୍ଥାତ୍ ଖିଲାପ ବିଚ୍ୟୁତିକୁ ରାଜ୍ୟ ସରକାର ବହନ କରିଛନ୍ତି । 2023-24 ବର୍ଷରେ ଓଡ଼ିଶା ସରକାର ବୈଧାନିକ ନିଗମ, ସରକାରୀ କମ୍ପାନୀ ଓ ସ୍ଥାନୀୟ ସଂସ୍ଥା ଇତ୍ୟାଦିକୁ କୌଣସି ଗ୍ୟାରେଣ୍ଟି ଦେଇନଥିଲେ । ଅପରପକ୍ଷରେ ଗ୍ରୀଡ୍ କର୍ପୋରେସନ ଅଫ୍ ଓଡ଼ିଶା ଲିମିଟେଡ୍ (ଗ୍ରୀଡ୍‌କୋ)କୁ ଦିଆଯାଇଥିବା 1,675.89 କୋଟି ଟଙ୍କାର ଗ୍ୟାରେଣ୍ଟି ପ୍ରତ୍ୟାହାର କରାଯାଇଥିଲା ଏବଂ ବର୍ଷକ ମଧରେ କୌଣସି ଗ୍ୟାରେଣ୍ଟି ଦିଆଯାଇ ନାହିଁ । ବର୍ଷ ଶେଷ ସୁଦ୍ଧା ସରକାର ନିଶ୍ଚିତ କରିଥିବା ମୋଟ ବକେୟା ଋଣ (3,435.42 କୋଟି ଟଙ୍କା) ମଧ୍ୟରୁ 98.84 ପ୍ରତିଶତ (3,395.69 କୋଟି ଟଙ୍କା) ଗ୍ରୀଡ୍‌କୋ ସହ ଜଡ଼ିତ ଥିଲା ।

ସରକାର ଦେଇଥିବା ଗ୍ୟାରେଣ୍ଟିଗୁଡ଼ିକୁ ଦୃଷ୍ଟିରେ ରଖି କେତେକ କ୍ଷେତ୍ରରେ ଅନୁଷ୍ଠାନଗୁଡ଼ିକୁ 0.01 ପ୍ରତିଶତରୁ ଏକ ପ୍ରତିଶତ ହାରରେ ଗ୍ୟାରେଣ୍ଟି କମିଶନ ଦେବାକୁ ପଡ଼ିଥାଏ । ବିତ୍ତ ଲେଖା ଅନୁଯାୟୀ, 2023-24 ରେ ରାଜ୍ୟକୁ 40.43 କୋଟି ଟଙ୍କାର ଗ୍ୟାରେଣ୍ଟି କମିଶନ ମିଳିଛି । 31 ମାର୍ଚ୍ଚ 2024 ସୁଦ୍ଧା ମିଳିବାକୁଥିବା କ୍ରମବର୍ଦ୍ଧନଶୀଳ ଗ୍ୟାରେଣ୍ଟି କମିଶନ 491.29 କୋଟି ଟଙ୍କା ତୁଳନାରେ 462.14 କୋଟି ଟଙ୍କା ପାଇଛି । ଅବଶିଷ୍ଟ 29.15 କୋଟି ଟଙ୍କାର ବାକି ଗ୍ୟାରେଣ୍ଟ କମିଶନ ଏପର୍ଯ୍ୟନ୍ତ ମିଳିନାହିଁ । ବଳକା ଗ୍ୟାରେଣ୍ଟି କମିଶନ, ମୁଖ୍ୟତଃ ଗ୍ରିଡ୍‌କୋ (12.20 କୋଟି ଟଙ୍କା), ଓଡ଼ିଶା ଗ୍ରାମୀଣ ଗୃହ ଉନ୍ନୟନନିଗମ ଲିମିଟେଡ୍ (8.56 କୋଟି ଟଙ୍କା), ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ (3.77 କୋଟି ଟଙ୍କା), ସମବାୟ ସ୍ପିନିଂ ମିଲ୍ (1.16 କୋଟି ଟଙ୍କା) ଇତ୍ୟାଦିରୁ ଏପର୍ଯ୍ୟନ୍ତ ମିଳିନାହିଁ ।

## 2.8.2 ବଳକା ଅର୍ଥ ରାଶିର ପରିଚାଳନା

ଭାରତୀୟ ରିଜର୍ଭ ବ୍ୟାଙ୍କ ସହିତ ହୋଇଥିବା ଚୁକ୍ତିନାମା ଅନୁଯାୟୀ ରାଜ୍ୟ ସରକାରଙ୍କୁ ବ୍ୟାଙ୍କ ସହିତ ସର୍ବନିମ୍ନ ଦୈନିକ ନଗଦ ବଳକା ଅର୍ଥ ରାଶି ରଖିବାକୁ ହେବ । ଯଦି କୌଣସି ଦିନ ବଳକା ରାଶି ନିର୍ଦ୍ଧାରିତ ସର୍ବନିମ୍ନ ଠାରୁ କମ୍ ହୋଇଯାଏ, ତେବେ ସାଧନୋପାୟ ଅଗ୍ରୀମ (ଡବ୍ଲୁଏମ୍ଏ)/ ସତନ୍ତ୍ର ସାଧନୋପାୟ ଅଗ୍ରୀମ (ଏସ୍‌ଡବ୍ଲୁଏମ୍ଏ/ ସତନ୍ତ୍ର ଉଠାଣ ସୁବିଧା (ଏସ୍‌ଡିଏଫ୍)/ ଓଭରଡ୍ରାଫ୍ଟ (ଓଡି) ନେଇ ଏହି ଅଭାବକୁ ପୂରଣ କରାଯାଇଥାଏ । ରାଜ୍ୟ ସରକାରଙ୍କ ପାଇଁ ସାଧାରଣ ଡବ୍ଲୁଏମ୍ଏର ସୀମା ଆର୍‌ବିଆଇ ଦ୍ୱାରା ସମୟ ସମୟରେ ସଂଶୋଧିତ ହୁଏ ।
ରାଜ୍ୟ ସରକାର ସେମାନଙ୍କର ବଳକା ନଗଦ ଅର୍ଥ ରାଶିକୁ ସ୍ୱଳ୍ପ ଏବଂ ଦୀର୍ଘକାଳୀନ ଭାରତ ସରକାରଙ୍କ ସିକ୍ୟୁରିଟି ଏବଂ ଟ୍ରେଜେରୀ ବିଲରେ ବିନିଯୋଗ କରନ୍ତି । ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି, ସଂଗଠିତ ଋଣ ପରିଶୋଧ ପାଣ୍ଠି, ନିଶ୍ଚିତ ଋଣ ମୁକ୍ତ ପାଣ୍ଠି, ରାଜ୍ୟ କ୍ଷତିପୂରଣ ବନୀକରଣ ପାଣ୍ଠି ଇତ୍ୟାଦିରେ ଥିବା ନଗଦ ବଳକା ଅର୍ଥ ରାଶିକୁ ମଧ ଏହି ଉପକରଣରେ ବିନିଯୋଗ କରାଯାଏ । ଏହିପରି ପୁଞ୍ଜି ବିନିଯୋଗରୁ ପ୍ରାପ୍ତ ଲାଭ "0049-ସୁଧ ପ୍ରାପ୍ତି" ଶୀର୍ଷକ ଅଧୀନରେ ଜମା କରାଯାଏ ।

ଉପଲବ୍ଧ ନଗଦ ବଳକା ଅର୍ଥ ରାଶିକୁ ଉତ୍ପାଦକ ଉପଯୋଗରେ ନ ରଖି ବିପୁଳ ନଗଦ ବଳକା ଥିବା ସତ୍ତ୍ୱେ ରାଜ୍ୟ ସରକାର ବଜାର ଋଣର ଆଶ୍ରୟ ନେବା ବାଞ୍ଛନୀୟ ନୁହେଁ । ଆର୍ଥିକ ବର୍ଷ 2022-23 ଏବଂ 2023-24 ରେ ନଗଦ ବଳକା ଅର୍ଥ ରାଶି ଏବଂ ସେମାନଙ୍କର ନିବେଶର ବିବରଣୀ, **ସାରଣୀ 2.36** ରେ ଦର୍ଶାଯାଇଛି ।

**ସାରଣୀ 2.36: ବଳକା ଅର୍ଥ ରାଶି ଏବଂ ବଳକା ଅର୍ଥ ରାଶିର ନିବେଶ**

(ଟଙ୍କା କୋଟିରେ)

| ବିବରଣୀ | 31/3/2023 ସୁଦ୍ଧା ଅନ୍ତିମ ଅବଶେଷ | 31/3/2024 ସୁଦ୍ଧା ଅନ୍ତିମ ଅବଶେଷ |
|---|---|---|
| **(କ) ସାଧାରଣ ବଳକା ଅର୍ଥ ରାଶି** | | |
| ଟ୍ରେଜେରୀ ଥିବା ରୋକଡ | -- | -- |
| ରିଜର୍ଭ ବ୍ୟାଙ୍କରେ ଜମା | (-)1.09 | (-)1.07 |
| ଅନ୍ୟାନ୍ୟ ବ୍ୟାଙ୍କରେ ଜମା | -- | -- |
| ପ୍ରେରିତ ଟଙ୍କା – ସ୍ଥାନୀୟ | -- | -- |
| ରୋକଡ଼ ଅବଶେଷ ନିବେଶ ହିସାବରେ | 9,529.43 | 15,525.93 |
| **ମୋଟ୍ (କ)** | **9,528.34** | **15,524.86** |

| ବିବରଣୀ | 31/3/2023 ସୁଦ୍ଧା ଅନ୍ତିମ ଅବଶେଷ | 31/3/2024 ସୁଦ୍ଧା ଅନ୍ତିମ ଅବଶେଷ |
|---|---|---|
| **(ଖ) ଅନ୍ୟାନ୍ୟ ରୋକଡ଼ ଅବଶେଷ ଓ ନିବେଶ** | | |
| ବିଭାଗୀୟ ଅଧିକାରୀ ମାନଙ୍କ ପାଖରେ ଥିବା ଜମା ରାଶି ଯଥା- ପୂର୍ତ୍ତ ବିଭାଗ ଅଧିକାରୀ, ଜଙ୍ଗଲ ବିଭାଗ ଅଧିକାରୀ, ଜିଲ୍ଲାପାଳ ମାନେ | 22.52 | 22.05 |
| ବିଭାଗୀୟ ଅଧିକାରୀମାନଙ୍କ ସହ ଆକସ୍ମିକ ଖର୍ଚ୍ଚ ପାଇଁ ସ୍ଥାୟୀ ଅଗ୍ରୀମ ରାଶି | 0.34 | 0.34 |
| ଚିହ୍ନିତ ପାଣ୍ଠିରେ ନିବେଶ/ (ସଂଗଠିତ ଋଣ ପରିଶୋଧ ପାଣ୍ଠି-15,914.20 କୋଟି ଟଙ୍କା, ନିଶ୍ଚିତ ଋଣ ମୁକ୍ତ ପାଣ୍ଠି-1,788.60 କୋଟି ଟଙ୍କା, ଓଡ଼ିଶା ବଜେଟ ସ୍ଥିରତା ପାଣ୍ଠି-13,632.52 କୋଟି ଟଙ୍କା, ରାଜ୍ୟ କ୍ଷତି ପୂରଣ ବନୀକରଣ ପାଣ୍ଠି 3,670.68 କୋଟି ଟଙ୍କା ଏବଂ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି 883.02 କୋଟି ଟଙ୍କା (31 ମାର୍ଚ୍ଚ 2024ସୁଦ୍ଧା) | 35,889.02 | 39,258.12 |
| **ମୋଟ (ଖ)** | **35,911.88** | **39,280.51** |
| ସର୍ବମୋଟ୍ (କ+ଖ) | **45,440.22** | **54,805.37** |
| ଅର୍ଜିତ ସୁଧ | **2,845.29** | **3,329.02** |

***ଉତ୍ସ: ଓଡ଼ିଶା ସରକାରଙ୍କ ସମ୍ବନ୍ଧିତ ବର୍ଷର ବିତ୍ତ ଲେଖା***

ଚଳିତ ବର୍ଷ ଶେଷ ସୁଦ୍ଧା ଅନ୍ତିମ ରୋକଡ ଅବଶେଷ (54,805.37 କୋଟି ଟଙ୍କା) ପୂର୍ବ ବର୍ଷ ତୁଳନାରେ 9,365.15 କୋଟି ଟଙ୍କା (45,440.22 କୋଟି ଟଙ୍କା) ବୃଦ୍ଧି ପାଇଛି । ନଗଦ ବଳକା ଅର୍ଥ ନିର୍ଦ୍ଧାରିତ ପାଣ୍ଠିରୁ 39.258.12 କୋଟି ଟଙ୍କା ବିନିଯୋଗ ଅନ୍ତର୍ଭୁକ୍ତ । 2023-24 ଆର୍ଥିକ ବର୍ଷରେ ରାଜ୍ୟ ସରକାର ବର୍ଷ ସାରା ସର୍ବନିମ୍ନ ନଗଦ ବଳକା ରାଶି 1.28 କୋଟି ଟଙ୍କା ବଜାୟ ରଖିଥିଲେ ।

ସଂରକ୍ଷିତ ପାଣ୍ଠିରେ ଥିବା ଅବଶେଷ ରୋକଡ ଆକାରରେ ରଖାଯାଇଥାଏ କିମ୍ବା ସମ୍ପୃକ୍ତ ପାଣ୍ଠି ମାର୍ଗଦର୍ଶିକାରେ ନିର୍ଦ୍ଧାରିତ ବିଭିନ୍ନ ସିକ୍ୟୁରିଟିରେ ବିନିଯୋଗ ହେବା ଆବଶ୍ୟକ । 31 ମାର୍ଚ୍ଚ 2024 ସୁଦ୍ଧା 17,135.66 କୋଟି ଟଙ୍କାର ସଂଗଠିତ ଋଣ ପରିଶୋଧ ପାଣ୍ଠି (ସିଏସ୍ଏଫ୍) 1,926.82 କୋଟି ଟଙ୍କାର ନିଶ୍ଚିତ ଋଣ ମୁକ୍ତ ପାଣ୍ଠି(ଜିଆର୍ଏଫ୍), 14,574.87 କୋଟି ଟଙ୍କାର ଓଡ଼ିଶା ବଜେଟ୍ ସ୍ଥିରୀକରଣ ପାଣ୍ଠି (ବିଏସ୍ଏଫ୍), 4,461.77 କୋଟି ଟଙ୍କାର ରାଜ୍ୟ କ୍ଷତିପୂରଣ ବନୀକରଣ ପାଣ୍ଠି (ଏସ୍ସିଏଏଫ୍), 927.19 କୋଟି ଟଙ୍କାର ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍ଡିଆର୍ଏଫ୍), ଏବଂ 231.80 କୋଟି ଟଙ୍କାର ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍ଡିଏମ୍ଏଫ୍) ର ନିବେଶ କରାଯାଇଛି । ଧାର୍ଯ୍ୟ ନିର୍ଦ୍ଧାରିତ ପାଣ୍ଠିନିବେଶ ଉପରେ ସୁଧ ରାଶି ପରିମାଣ 2,707.91 କୋଟି ଟଙ୍କାର (ସିଏସ୍ଏଫ୍: 1,221.47 କୋଟି ଟଙ୍କା, ଜିଆର୍ଏଫ୍ 138.22 କୋଟି ଟଙ୍କା, ଏସ୍ସିଏଏଫ୍ 296.59 କୋଟି ଟଙ୍କା, ଏସ୍ଡିଆର୍ଏଫ୍: 84.93 କୋଟି ଟଙ୍କା, ଏସ୍ଡିଏମ୍ଏଫ୍ 24.35 କୋଟି ଟଙ୍କା ଏବଂ ବିଏସ୍ଏଫ୍ 942.35 କୋଟି ଟଙ୍କା) ସମ୍ପୃକ୍ତ ପାଣ୍ଠିରେ ଜମା ହୋଇଛି ।

ନିର୍ଦ୍ଧାରିତ ପାଣ୍ଠି ବ୍ୟତୀତ ସରକାର ବର୍ଷ ସାରା ବଳକା ଅତିରିକ୍ତ ସାଧାରଣ ନଗଦ ଅବଶେଷକୁ ଭାରତ ସରକାରଙ୍କ ଷ୍ଟକ୍ ଏବଂ ଭାରତ ସରକାରଙ୍କ ଟ୍ରେଜେରୀ ବିଲରେ ବିନିଯୋଗ କରିଥିଲେ । 31 ମାର୍ଚ୍ଚ 2024 ସୁଦ୍ଧା ଭାରତ ସରକାରଙ୍କ ଟ୍ରେଜେରୀ ବିଲ୍ (ଟିବି) ଏବଂ ଭାରତ ସରକାରଙ୍କ ଷ୍ଟକ୍ (ଭାରତ ସରକାରଙ୍କ ଷ୍ଟକ୍ 110.23 କୋଟି ଟଙ୍କା ଏବଂ 14 ଦିନର ଟିବି 15,415.70 କୋଟି ଟଙ୍କା) ରେ 15,525.93 କୋଟି ଟଙ୍କା ନିବେଶ ବାକି ରହିଛି । ଏହି ନିବେଶ ଉପରେ ସରକାର 621.11 କୋଟି ଟଙ୍କାର ସୁଧ ହାସଲ କରିଥିଲେ, ଯେଉଁଥିରେ 129.48 କୋଟି ଟଙ୍କାର 2023-24 ରେ 14 ଦିନର ଟ୍ରେଜେରୀ ବିଲ୍ ଉପରେ ସୁଧ ଅନ୍ତର୍ଭୁକ୍ତ ।

ଗତ ପାଞ୍ଚ ବର୍ଷ ମଧ୍ୟରେ ରୋକଡ ବଳକା ଅର୍ଥ ରାଶିର ହିସାବ ନିବେଶ ବିବରଣୀ ଏବଂ 2023-24 ଆର୍ଥିକ ବର୍ଷର ମାସ ଶେଷରେ ନଗଦ ବକେୟା ଏବଂ ମାସ ଅନୁଯାୟୀ ନିଟ୍ ବଳକା ଅର୍ଥ ରାଶି ଯଥାକ୍ରମେ **ସାରଣୀ 2.37** ଏବଂ **ରେଖାଚିତ୍ର 2.25** ରେ ଦର୍ଶାଯାଇଛି ।


## ସାରଣୀ 2.37: ରୋକଡ ଅବଶଷ ଅର୍ଥ ନିବେଶ ଖାତା (ମୁଖ୍ୟ ଶୀର୍ଷ 8673)

(ଟଙ୍କା କୋଟିରେ)

| ବର୍ଷ | ପ୍ରାରମ୍ଭିକ ଜମା | ଅନ୍ତିମ ଜମା ରାଶି | ବୃଦ୍ଧି (+) / ହ୍ରାସ(-) | ସୁଧ ଆଦାୟ |
|---|---|---|---|---|
| 2019-20 | 23,135.59 | 24,865.00 | (+) 1,729.41 | 1,422.96 |
| 2020-21 | 24,865.00 | 14,351.36 | (-) 10,513.64 | 945.88 |
| 2021-22 | 14,351.36 | 32,701.46 | (+)18,350.10 | 508.08 |
| 2022-23 | 32,701.46 | 9,529.43 | (-)23,172.03 | 1,359.34 |
| 2023-24 | 9,529.43 | 15,525.93 | (+) 5,996.50 | 621.11 |

*ଉତ୍ସ: ଓଡ଼ିଶା ସରକାରଙ୍କ ସଂପୃକ୍ତ ବର୍ଷର ବିତ୍ତ ଲେଖା*


## ରେଖାଚିତ୍ର 2.25: ବର୍ଷ ମଧ୍ୟରେ ମାସିକ ବଳକା ଅର୍ଥ ରାଶିର ଚଳନ ଓ ନିଟ୍ ବଳକା ଅର୍ଥ ରାଶି ନିବେଶ




*ଉତ୍ସ: ଓଡ଼ିଶା ସରକାରଙ୍କ ସଂପୃକ୍ତ ବର୍ଷର ବିତ୍ତ ଲେଖା*

ଗତ ପାଞ୍ଚ ବର୍ଷ ମଧ୍ୟରେ ନଗଦ ବଳକା ଅର୍ଥ ତୁଳନାରେ ବଜାର ଋଣର ବିବରଣୀ **ରେଖାଚିତ୍ର 2.26** ରେ ଚିତ୍ରିତ ହୋଇଛି ।

## ରେଖାଚିତ୍ର 2.26: ବଜାର ଋଣ ବନାମ ନଗଦ ଟଙ୍କା




*ଉତ୍ସ: ଓଡ଼ିଶା ସରକାରଙ୍କ ସଂପୃକ୍ତ ବର୍ଷର ବିତ୍ତ ଲେଖା*

2023-24 ଆର୍ଥିକ ବର୍ଷରେ ରାଜ୍ୟ ସରକାର ବର୍ଷ ସାରା ବିପୁଳ ନଗଦ ବଳକା ଅର୍ଥ ରାଶି (ସର୍ବନିମ୍ନ 15,134 କୋଟି ଟଙ୍କା) ରଖିଥିଲେ । 15,134 କୋଟି ଟଙ୍କାର ସାଧାରଣ ନଗଦ ବଳକା ବିନିଯୋଗ ଉପରେ, 621.11 କୋଟି ଟଙ୍କା (3.34[32] ପ୍ରତିଶତ) ସୁଧ ଆଦାୟ ହୋଇଥିବା ବେଳେ 2023-24 ଆର୍ଥିକ ବର୍ଷରେ ରାଜ୍ୟ ସରକାର ବଜାର ଋଣ ଉପରେ ହାରାହାରି ସୁଧ ହାର 8.27[33] ପ୍ରତିଶତ ପ୍ରଦାନ କରିଛନ୍ତି ।

## 2.9 ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ

ସରକାରଙ୍କ ବିତ୍ତୀୟ ପ୍ରଦର୍ଶନକୁ ବିଚାର ପାଇଁ ନିଅଣ୍ଟ ସୂଚକାଙ୍କ ରାଜସ୍ୱ ବୃଦ୍ଧି ଏବଂ ବ୍ୟୟ ପରିଚାଳନା ପ୍ରମୁଖ ମାପକାଠି ଅଟେ । 2023-24 ଆର୍ଥିକ ବର୍ଷରେ ରାଜ୍ୟ ଅର୍ଥନୀତିର ପ୍ରମୁଖ ମାନଦଣ୍ଡଗୁଡ଼ିକୁ ପୂର୍ବ ବର୍ଷ ସହିତ ଯଥା (2022-23 ଆର୍ଥିକ ବର୍ଷ) ତୁଳନା **ସାରଣୀ 2.38** ରେ ସଂକ୍ଷିପ୍ତ ଭାବରେ ଉଲ୍ଲେଖ କରାଯାଇଛି ।

**ସାରଣୀ 2.38: ରାଜ୍ୟ ଅର୍ଥନୀତିର ପ୍ରମୁଖ ମାନଦଣ୍ଡର ତୁଳନା**

(ଟଙ୍କା କୋଟିରେ)

| ସକାରାତ୍ମକ ସୂଚକ | ଟୀକ୍ଷ୍ଣ ଚଜର ଆବଶ୍ୟକ କରୁଥିବା ସୁଚକଗୁଡ଼ିକ |
|---|---|
| ⇑ ସାମାଜିକ ସେବା ଏବଂ ଅର୍ଥନୈତିକ ସେବା ଉପରେ ରାଜସ୍ୱ ଯଥାକ୍ରମେ 20.67 ପ୍ରତିଶତ ଏବଂ 43.41 ପ୍ରତିଶତ ବୃଦ୍ଧି ପାଇଛି | ⇓ ଋଣ[34] ଏବଂ ଅଗ୍ରୀମ ଆଦାୟରେ 32.81 ପ୍ରତିଶତ ହ୍ରାସ ପାଇଛି |
| ⇑ ପୁଞ୍ଜିଗତ ବ୍ୟୟରେ ବୃଦ୍ଧି 29.76 ପ୍ରତିଶତ | ⇑ ରାଜସ୍ୱ ବ୍ୟୟରେ 13.61ପ୍ରତିଶତ ବୃଦ୍ଧି |
| ⇑ ବିତ୍ତୀୟ ସୂଚନାଙ୍କ (ପ୍ରାଥମିକ ନିଅଣ୍ଟ ବ୍ୟତୀତ) ଏଫ୍ଆର୍‌ବିଏମ୍ ଆଇନ୍ ଦ୍ୱାରା ନିର୍ଦ୍ଧାରିତ ସୀମା ଭିତରେ | ⇑ ବକେୟା ମୋଟ ଋଣରେ 20.78 ପ୍ରତିଶତ ବୃଦ୍ଧି |
| ⇓ ରାଜସ୍ୱ ପ୍ରାପ୍ତିରେ ପ୍ରତିଶ୍ରୁତି ଦେଇଥିବା ବ୍ୟୟ 29.74 ପ୍ରତିଶତ ହ୍ରାସ | ⇓ ସରକାରୀ ଋଣ ପରିଶୋଧରେ 33.69 ପ୍ରତିଶତ ହ୍ରାସ |

## 2.10 ଉପସଂହାର

2004-05 ଆର୍ଥିକ ବର୍ଷରୁ ଆରମ୍ଭ ହୋଇଥିବା ପାଞ୍ଚ ଆର୍ଥିକ ବର୍ଷ ମଧ୍ୟରେ ରାଜସ୍ୱ ନିଅଣ୍ଟକୁ ଶୂନ୍ୟକୁ ହ୍ରାସ କରି ବିତ୍ତୀୟ ପରିଚାଳନା ତଥା ବିତ୍ତୀୟ ସ୍ଥିରତାରେ ବିଚକ୍ଷଣତା ସୁନିଶ୍ଚିତ କରିବା ପାଇଁ ରାଜ୍ୟ ଏଫ୍ଆର୍‌ବିଏମ୍ ଅଧିନିୟମ, 2005 ପାରିତ କରିଥିଲା । ଆର୍ଥିକ ବର୍ଷ 2004-05 ସମୟରେ ଓଡ଼ିଶା ସରକାର ରାଜସ୍ୱ ବଳକା ହାସଲ କରିଥିଲା ଏବଂ ସେହି ଦିନଠାରୁ କ୍ରମାଗତ ଭାବରେ ରାଜସ୍ୱ ବଳକା ବଜାୟ ରଖିଛନ୍ତି । 2023-24 ଆର୍ଥିକ ବର୍ଷରେ ରାଜସ୍ୱ ବଳକା ପରିମାଣ 30,761 କୋଟି ଟଙ୍କା ଥିଲା ।

2023-24 ଆର୍ଥିକ ବର୍ଷରେ ରାଜ୍ୟର ଆର୍ଥିକ ନିଅଣ୍ଟ14,743 କୋଟି ଟଙ୍କା ଥିଲା, ଯାହା ଜିଏସ୍‌ଡିପିର 1.73 ପ୍ରତିଶତ ଥିଲା ଏବଂ ରାଜ୍ୟ ଏଫ୍ଆର୍‌ବିଏମ୍ ଅଧିନିୟମ ଦ୍ୱାରା ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରେ ଥିଲା ।

2023-24 ଆର୍ଥିକ ବର୍ଷରେ ରାଜ୍ୟର ପ୍ରାଥମିକ ନିଅଣ୍ଟ, 9,562 କୋଟି ଟଙ୍କା ଥିଲା, ଯାହା ଜିଏସ୍‌ଡିପିର 1.12 ପ୍ରତିଶତ ଥିଲା, ଯାହାକି ରାଜ୍ୟ ଏଫ୍ଆର୍‌ବିଏମ୍ ଆକ୍ଟରେ ସ୍ଥିର ହୋଇଥିବା ଲକ୍ଷ୍ୟ (ପ୍ରାଥମିକ ବଳକା: ଜିଏସ୍‌ଡିପି ର 2 ପ୍ରତିଶତ) ଅତିକ୍ରମ କରିଥିଲା ।

---

32 ଏମ୍‌ଏଚ୍ 8,673 ରେ ନଗଦ ବଳକା ନିବେଶର ମାସିକ ହାରାହାରି (12 ମାସର ଶେଷ ନଗଦ ନିବେଶର ପରିମାଣ12 ମାସର ଅର୍ଥ) ପ୍ରତିଶତ ହିସାବରେ ନଗଦ ବଳକା ନିବେଶ ଉପରେ ସୁଧ ପ୍ରାପ୍ତି (1,359.34 କୋଟି ଟଙ୍କା) ।

33 ବଜାର ଋଣରେ ହାରାହାରି ପ୍ରତିଶତ ହିସାବରେ ବଜାର ଋଣ ଉପରେ ପ୍ରଦାନ କରାଯାଇଥିବା ସୁଧ (ଓବି+ ସିବି)/2) ବର୍ଷ ସାରା ବଜାର ଋଣ

34 ଋଣ ଏବଂ ଅଗ୍ରୀମ ଆଦାୟ ଏବଂ ସରକାରୀ ଋଣ ପରିଶୋଧରେ ହ୍ରାସ ପରିପକ୍ୱତା ପ୍ରୋଫାଇଲ ଉପରେ ନିର୍ଭର କରେ ଯେପର୍ଯ୍ୟନ୍ତ ପ୍ରାକ୍-ଦେୟ ନଥାଏ

ଦରମା ଏବଂ ମଜୁରୀ, ପେନ୍‌ସନ୍, ସୁଧ ଦେୟ ପରି ପ୍ରତିବଦ୍ଧ ଦାୟିତ୍ୱ ଉପରେ ରାଜ୍ୟ ମୋଟ ରାଜସ୍ୱ ଖର୍ଚ୍ଚର 35.89 ପ୍ରତିଶତ ଖର୍ଚ୍ଚ କରିଛି ଏବଂ ପ୍ରାଥମିକତା କ୍ଷେତ୍ର ଖର୍ଚ୍ଚ ପାଇଁ 64.11 ପ୍ରତିଶତ ବାକି ରହିଛି, ଯାହା ଏକ ଭଲ ସୂଚକ ଥିଲା ।

ପୂର୍ବବର୍ଷ ତୁଳନାରେ ଚଳିତ ବର୍ଷ ରାଜସ୍ୱ ପ୍ରାପ୍ତି 29,131 କୋଟି ଟଙ୍କା (19.36 ପ୍ରତିଶତ) ବୃଦ୍ଧି ପାଇଥିବା ବେଳେ ରାଜସ୍ୱ ବ୍ୟୟ 17,826 କୋଟି ଟଙ୍କା (13.61 ପ୍ରତିଶତ) ବୃଦ୍ଧି ପାଇଛି । ଅଧିକନ୍ତୁ, ପୂର୍ବ ବର୍ଷ ତୁଳନାରେ ରାଜ୍ୟର ଅଣ ଟିକସ ରାଜସ୍ୱ 10,291 କୋଟି ଟଙ୍କା (24.09 ପ୍ରତିଶତ) ବୃଦ୍ଧି ପାଇଛି । ଋଣ ଓ ଅଗ୍ରୀମ ଆଦାୟରେ 273 କୋଟି ଟଙ୍କା (32.81 ପ୍ରତିଶତ) ହ୍ରାସ ଘଟିଛି ।

2023-24 ଆର୍ଥିକ ବର୍ଷରେ, ରାଜ୍ୟ ସରକାର ପୁଞ୍ଜି ବ୍ୟୟ ହିସାବରେ, 43,273.38 କୋଟି ଟଙ୍କା ବୁକ୍ କରିଥିଲେ, ଯାହା ମୋଟ ଖର୍ଚ୍ଚର 22.20 ପ୍ରତିଶତ ଥିଲା । ସମୀକ୍ଷାରୁ ଜଣାପଡ଼ିଛି ଯେ 43,273.38 କୋଟି ଟଙ୍କାରୁ 4,564.63 କୋଟି ଟଙ୍କାର ରାଜସ୍ୱ ବ୍ୟୟକୁ ପୁଞ୍ଜି ବ୍ୟୟ ଭାବରେ ବୁକ୍ କରାଯାଇଛି ।

ସାର୍ବଜନୀନ ଋଣ ଏବଂ ପବ୍ଲିକ୍ ଆକାଉଣ୍ଟ ଦାୟିତ୍ୱ ସହିତ ସମୁଦାୟ ବକେୟା ଦେୟ ଜିଏସ୍‌ଡିପି ର 14.39 ପ୍ରତିଶତ ଥିଲା । ଗତ ବର୍ଷ ତୁଳନାରେ ମୋଟ ଦେୟ 20.78 ପ୍ରତିଶତ ବୃଦ୍ଧି ପାଇଛି । 2022-23 ରେ ନିଟ୍ ସରକାରୀ ଋଣ ଆଦାୟ 5,347 କୋଟି ଟଙ୍କା ଥିବା ବେଳେ, 2023-24 ରେ ଏହା 18,123 କୋଟି ଟଙ୍କା ବୃଦ୍ଧି ପାଇଛି । ଏହା 238.94 ପ୍ରତିଶତ ବୃଦ୍ଧିକୁ ଦର୍ଶାଉଛି, ଯାହା ସରକାରଙ୍କ ଋଣ କାର୍ଯ୍ୟକଳାପରେ ଉଲ୍ଲେଖନୀୟ ବୃଦ୍ଧିକୁ ସୂଚାଉଛି । ତେବେ ଗତ ବର୍ଷ ତୁଳନାରେ ସରକାରୀ ଋଣ ପରିଶୋଧରେ 4,692 କୋଟି ଟଙ୍କା (33.69 ପ୍ରତିଶତ) ହ୍ରାସ ଘଟିଛି । ବକେୟା ସରକାରୀ ଋଣ 2022-23 ରେ 63,905 କୋଟି ଟଙ୍କା ଥିବା ବେଳେ 2023-24 ରେ ଏହା 72,793 କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଏହା ପ୍ରାୟ 13.91 ପ୍ରତିଶତ ବୃଦ୍ଧିକୁ ଦର୍ଶାଉଛି, ଯାହା ନୂତନ ଋଣର ସମୁଦାୟ ପ୍ରଭାବ ଏବଂ ସମ୍ଭବତଃ ବର୍ତ୍ତମାନର ଋଣର ପରିଶୋଧର କ୍ରମବୃଦ୍ଧିରୁ ପ୍ରଭାବକୁ ପ୍ରତିଫଳିତ କରେ । ବର୍ଷକ ମଧ୍ୟରେ ସୁଧ ପ୍ରଦାନ ରାଜସ୍ୱ ଖର୍ଚ୍ଚର 3.48 ପ୍ରତିଶତ ଏବଂ ରାଜସ୍ୱ ଆଦାୟର 2.88 ପ୍ରତିଶତ ସହିତ ସମାନ ଥିଲା ।

ସଂରକ୍ଷିତ ପାଣ୍ଠି ବିନିଯୋଗ ହୋଇନଥିବାରୁ, ଓଡ଼ିଶା ସରକାରକୁ 2023-24 ଆର୍ଥିକ ବର୍ଷରେ 305.83 କୋଟି ଟଙ୍କାର ସୁଧର ବୋଝ ବହନ କରିବାକୁ ପଡିଥିଲା, ଯାହା ସମ୍ପୃକ୍ତ ସଂରକ୍ଷିତ ପାଣ୍ଠିକୁ ହସ୍ତାନ୍ତର କରାଯାଇନାହିଁ ।

ଜାତୀୟ ପେନସନ୍ ବ୍ୟବସ୍ଥା (ଏନ୍‌ପିଏସ୍) ରେ 14 ପ୍ରତିଶତ (2,289.70 କୋଟି ଟଙ୍କା) ଯୋଗଦାନ ବାଧ୍ୟତାମୂଳକ ଆବଶ୍ୟକତା ହୋଇଥିବା ବେଳେ ଓଡ଼ିଶା ସରକାର 23.49 କୋଟି ଟଙ୍କା କମ୍ ଦାନ କରିଛନ୍ତି ।

ଆର୍ଥିକ ବର୍ଷ 2023-24 ଶେଷ ସୁଦ୍ଧା ଓଡ଼ିଶା ସରକାରଙ୍କ ଶେଷ ନଗଦ ଅର୍ଥ ରାଶି ଅବଶେଷ 54,805.37 କୋଟି ଟଙ୍କା ଥିଲା (ସାଧାରଣ ନଗଦ ବଳକା, 15,524.86 କୋଟି ଟଙ୍କା, ନିର୍ଦ୍ଧାରିତ ପାଣ୍ଠି: 39,258.12 କୋଟି ଟଙ୍କା ଏବଂ ବିଭାଗୀୟ ଅଧିକାରୀଙ୍କ ପାଖରେ ନଗଦ: 22.39 କୋଟି ଟଙ୍କା) ପୂର୍ବବର୍ଷ (45,440.22 କୋଟି ଟଙ୍କା) ତୁଳନାରେ 9,365.15 କୋଟି ଟଙ୍କା ବୃଦ୍ଧି ପାଇଛି ।

## 2.11 ସୁପାରିଶ

1) ରାଜ୍ୟ ସରକାର ଅନୁଦାନ ଦ୍ୱାରା ଅନ୍ତର୍ଭୁକ୍ତ ଖର୍ଚ୍ଚର ବର୍ଗୀକରଣର ପୁନଃ ମୂଲ୍ୟାଙ୍କନ କରିବା ସହ ବଜେଟ୍ ପ୍ରସ୍ତୁତି ଏବଂ ବ୍ୟୟ ପ୍ରଣୟନରେ ଉପଯୁକ୍ତ ସଂଶୋଧନ ମୂଳକ ପଦକ୍ଷେପ ଗ୍ରହଣ କରିବା ଉଚିତ୍ ଏହା ସୁନିଶ୍ଚିତ କରିବ ଯେ ରାଜସ୍ୱ ଅତିରିକ୍ତ ଏବଂ ଆର୍ଥିକ ନିଅଣ୍ଟ ଭଳି ବିତ୍ତୀୟ ମାନଦଣ୍ଡ ରାଜ୍ୟର ଆର୍ଥିକ ସ୍ଥିତିକୁ ସଠିକ୍ ଭାବରେ ପ୍ରତିଫଳିତ କରିବ ।

2) ରାଜ୍ୟକୁ ଏଫ୍‌ଆର୍‌ବିଏମ୍ ଅଧିନିୟମ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ, ବିଶେଷକରି ପ୍ରାଥମିକ ନିଅଣ୍ଟ ଲକ୍ଷ୍ୟକୁ ପାଳନ କରିବା ଉପରେ ରାଜ୍ୟ ଧ୍ୟାନ ଦେବା ଉଚିତ୍ । ଜିଏସ୍‌ଡିପିର ପ୍ରାଥମିକ ନିଅଣ୍ଟ 1.12 ପ୍ରତିଶତ ରୁ ଜିଏସ୍‌ଡିପିର 2 ପ୍ରତିଶତ ପ୍ରାଥମିକ ଅତିରିକ୍ତ ଲକ୍ଷ୍ୟ ହାସଲ କରିବା ଦିଗରେ ବ୍ୟୟ ବୃଦ୍ଧି ଓ ରାଜସ୍ୱ ସଂଗ୍ରହ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବା ଉଚିତ୍ ।

3) ସୁଧ ବୋଝ ଏଡ଼ାଇବା ପାଇଁ, ରାଜ୍ୟ ସୁନିଶ୍ଚିତ କରିବା ଉଚିତ୍ ଯେ, ରିଜର୍ଭ ପାଣ୍ଠି ସୁଧ ବହନକାରୀ ଉପକରଣରେ ସମ୍ପୂର୍ଣ୍ଣ ଭାବରେ ବିନିଯୋଗ କରାଯାଇଛି । ଏହାଦ୍ୱାରା କେବଳ ପାଣ୍ଠିର ମୂଲ୍ୟ ସୁରକ୍ଷିତ ରହିବ ନାହିଁ ବରଂ ଭବିଷ୍ୟତର ଆର୍ଥିକ ଆବଶ୍ୟକତା ପୂରଣ ପାଇଁ ଅତିରିକ୍ତ ଆୟ ମଧ୍ୟ ସୃଷ୍ଟି ହେବ ।

4) ଜାତୀୟ ପେନସନ ବ୍ୟବସ୍ଥାରେ ବାଧ୍ୟତାମୂଳକ ଅଂଶଦାନ କମ୍ ଉନ୍ନତ ଆର୍ଥିକ ଶୃଙ୍ଖଳାର ଆବଶ୍ୟକତାକୁ ସୂଚାଇଥାଏ । ଭବିଷ୍ୟତଦାୟିତ୍ୱକୁ ଏଡ଼ାଇବା ଏବଂ କର୍ମଚାରୀଙ୍କ ଆର୍ଥିକ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ରାଜ୍ୟ ଆବଶ୍ୟକ ଅବଦାନର ସମ୍ପୂର୍ଣ୍ଣ ଅନୁପାଳନ ସୁନିଶ୍ଚିତ କରିବା ଉଚିତ୍ ।

5) ସରକାର ମୁଖ୍ୟ ଶୀର୍ଷ 0230-ଶ୍ରମ ଓ ନିଯୁକ୍ତି ରୁ 2.26 କୋଟି ଟଙ୍କାର ଶ୍ରମ ସେସ୍ ଅଣ-ହସ୍ତାନ୍ତର ରାଶି ଓଡ଼ିଶା କୋଠା ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଆକାଉଣ୍ଟକୁ ସ୍ଥାନାନ୍ତର କରିବା ପାଇଁ ସରକାର ଆବଶ୍ୟକ ପଦକ୍ଷେପ ନେବା ଉଚିତ୍ । ଏହା ସହିତ ଏଭଳି ପାଣ୍ଠିକୁ ଠିକ୍ ସମୟରେ ହସ୍ତାନ୍ତର କରିବା ପାଇଁ ଏକ ଭଲ ପରିଭାଷିତ ବ୍ୟବସ୍ଥା କରାଯାଇପାରେ ।